


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୫ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 15 OCTOBER 2022
Vol.No. 33 ■ No. 267 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଜିଲା ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ବିଗୁଲ



ନୂଆଦିଲ୍ଲୀ, ୧୪/୧୦ : ନଭେମ୍ବର ୧୨ରେ ହେବ ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ହିମାଚଳପ୍ରଦେଶର ୬୮ ବିଧାନସଭା ଆସନ ପାଇଁ ୧୨ ତାରିଖରେ ଭୋଟ ପଡିବ ଓ ଡିସେମ୍ବର ୮ରେ ଫଳାଫଳ ପ୍ରକାଶ ପାଇବ । ନିର୍ବାଚନ ପାଇଁ ଅକ୍ଟୋବର ୧୭ରେ ବିଜ୍ଞପ୍ତି ପ୍ରକାଶ ପାଇବ । ଅକ୍ଟୋବର ୨୭ ତାରିଖ, ନାମାଙ୍କନ ଦାଖଲର ଶେଷ ଦିନ ନିର୍ଦ୍ଧାରିତ ହୋଇଥିବାବେଳେ ୨୯ତାରିଖ ଭିତରେ ପ୍ରାର୍ଥୀ ନିଜର ନାମାଙ୍କନ ପ୍ରତ୍ୟାହାର କରିପାରିବେ । ତେବେ ହିମାଚଳରେ ମୋଟ ୫୫ଲକ୍ଷ ଭୋଟର ରହିଛନ୍ତି । ଏମାନଙ୍କ ମଧ୍ୟରୁ ୧ଲକ୍ଷ ୫୦ହଜାର ଭୋଟର ପ୍ରଥମ ଥର ପାଇଁ ଭୋଟଦେବେ । ନିର୍ବାଚନ କମିଶନର କହିଛନ୍ତି ଅକ୍ଟୋବର ମାସରେ ଉତ୍ସବ ଚାଲିଛି ଓ ଗଣତନ୍ତ୍ରର ଉତ୍ସବ ମଧ ଯୋଡି ହେବାକୁ ଯାଉଛି । ଅନ୍ୟପଟେ କରୋନାସ୍ଥିତିକୁ ଦୃଷ୍ଟିରେ ରଖି ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟଗ୍ରହଣ ଓ ଗଣତି ବ୍ୟବସ୍ଥା କରାଯିବ । ହିମାଚଳପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଶୁକ୍ରବାର ନିର୍ବାଚନ କମିଶନ ତାରିଖ ଘୋଷଣା କରିଥିବା ବେଳେ ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ କାହିଁକି ତାରିଖ ଘୋଷଣା କଲେ ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି । ନିର୍ବାଚନ କମିଶନ କହିଛନ୍ତି, ବର୍ତମାନ ଗୁଜୁରାଟର ପାଣିପାଗ ଠିକ୍ ନ ଥିବା ବେଳେ ପୂର୍ବ ବିଧାନସଭା ନିର୍ବାଚନ ତାରିଖ ହିମାଚଳପ୍ରଦେଶ ଠାରୁ ଅଲଗା ଥିଲା । ଏହାକୁ ଦୃଷ୍ଟିରେ ରଖି ଗୁଜରାଟ ପାଇଁ ନିର୍ବାଚନୀ ତାରିଖ ଘୋଷଣା କରାଯାଇନାହିଁ । ସୂଚନାଯୋଗ୍ୟ, ୨୦୧୭ ଅକ୍ଟୋବର ୧୩ରେ ହିମାଚଳ ନିର୍ବାଚନ ହୋଇଥିବା ବେଳେ ୨୦୧୭ ଅକ୍ଟୋବର ୨୫ରେ ଗୁଜରାଟ ନିର୍ବାଚନ ହୋଇଥିଲା ।

## ଜ୍ଞାନବାପୀ ମାମଲାରେ ହିନ୍ଦୁପକ୍ଷଙ୍କୁ ଝଟକା, ଶିବଲିଙ୍ଗ'ର କାର୍ବନ ଡେଟିଂ ଉପରେ ପ୍ରତିବନ୍ଧକ



ନୂଆଦିଲ୍ଲୀ, ୧୪/୧୦ : ବାରଣାସୀର ଜ୍ଞାନବାପୀ ମସଜିଦ ମାମଲାରେ ଶିବଲିଙ୍ଗର କାର୍ବନ ଡେଟିଂ ପାଇଁ ହୋଇଥିବା ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି କୋର୍ଟ । ମସଜିଦ ପରିସରରେ ଥିବା ଏକ ପରିତ୍ୟକ୍ତ କୂଅରୁ ଠାବ କରାଯାଇଥିଲା ଏହି ଶିବଲିଙ୍ଗ । ଯାହାର କାର୍ବନ ଡେଟିଂ ତଥା ସାଇଂଟିଫିକ୍ ଯାଂଚ ଆବେଦନକୁ ଖାରଜ କରିଦେଇଛନ୍ତି ବାରଣାସୀ ଜିଲ୍ଲା ଜଜ୍ କୋର୍ଟ । ହିନ୍ଦୁ ପକ୍ଷ ଏହି ଶିବଲିଙ୍ଗର କାର୍ବନ ଡେଟିଂ କରିବାକୁ ଆବେଦନ କରିଥିବା ବେଳେ ଏହାକୁ ବିରୋଧ କରିଥିଲେ ମୁସଲିମ ପକ୍ଷ । ବିଚାରପତି କ୍ରିଷ୍ଣା ଭିସଭେସା ମାମଲାର ଶୁଣାଣି କରି ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ଜ୍ଞାନବାପୀ ମସଜିଦରେ ଥିବା ଶିବଲିଙ୍ଗର କାର୍ବନ ଡେଟିଂ ପାଇଁ କୋର୍ଟ ଅଗ୍ରାହ୍ୟ କରିଦେବା ପରେ ହିନ୍ଦୁ ପକ୍ଷକୁ ଝଟକା ଲାଗିଛି । ତେବେ କୌଣସି ପ୍ରକାର ସାଇଂଟିଫିକ ତଦନ୍ତ ପାଇଁ ଅନୁମତି ଦିଆଯାଇ ପାରିବ ନାହିଁ ▶▶ପୃଷ୍ଠା ୭

## ୩୫ ଓଏଏସ୍ ଅଫିସରଙ୍କ ବଦଳି

ଭୁବନେଶ୍ୱର, ୧୪/୧୦(ନି.ପ୍ର): ଗତକାଲି ୧୩୯ଜଣ ଓଏଏସ୍ ଅଫିସରଙ୍କ ବଦଳି ପରେ ଆଜି ପୁଣି ୩୫ଜଣ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି । ତହସିଲଦାର ଓ ବିଡିଓ ସ୍ତରର ଅଫିସରଙ୍କୁ ଆଜି ବଦଳି କରାଯାଇ ଆସନ୍ତାକାଲି ଅପରାହ୍ନ ସୁଦ୍ଧା ନୂଆ ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ୨୦ଜଣ ଏବଂ ପଂଚାୟତିରାଜ ବିଭାଗ ପକ୍ଷରୁ ୧୫ଜଣ ଓଏଏସ୍ ଅଫିସରଙ୍କ ବଦଳି ନିର୍ଦ୍ଦେଶ ଜାରି ହୋଇଛି । ବିଜ୍ଞପ୍ତି ଅନୁସାରେ ଓଏଏସ୍ ସୌଭାଗ୍ୟ ରଞ୍ଜନ ଦାସଙ୍କୁ ଜଗତସିଂହପୁର ଡେପୁଟି ଜିଲ୍ଲାପାଳ, ପଦ୍ମନାଭ ପୁରୋହିତଙ୍କୁ ଭଟଲି ତହସିଲଦାର, ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ଟାଙ୍ଗି-ଚୌଦ୍ୱାର ତହସିଲଦାର, ଅଚ୍ୟୁତାନନ୍ଦ ନାଜିଙ୍କୁ ଭଞ୍ଜନଗର ତହସିଲଦାର, ମୁରଲୀଧର ଉର୍ମଲଙ୍କୁ ଲଇକେରା ତହସିଲଦାର, ଶକ୍ତି ମହାପାତ୍ରଙ୍କୁ କୋଟପାଡ଼ ତହସିଲଦାର, ବସନ୍ତ କୁମାର ▶▶ପୃଷ୍ଠା ୭

### ସୁବର୍ଣ୍ଣରେଖା ବେଣାପୁର ଘାଟରୁ ବେଆଇନ ବାଲି ଉଠାଣ ମାମଲା

## ତହସିଲଦାରଙ୍କ ବିରୋଧରେ ଏଫଆଇଆର ପାଇଁ ଏନଜିଟି ନିର୍ଦ୍ଦେଶ

ବାଲେଶ୍ୱର,୧୪/୧୦(ନି.ପ୍ର): ବସ୍ତା ତହସିଲ ଅନ୍ତର୍ଗତ ବେଣାପୁର ଗାଁ'ର ସୁବର୍ଣ୍ଣରେଖା ନଦୀ ଘାଟରୁ ବେଆଇନ ବାଲି ଉଠାଣ ଓ ପରିବେଶ ଜନିତ କ୍ଷୟକ୍ଷତି ମାମଲାରେ ନ୍ୟାସନାଲ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି)ଙ୍କ ପ୍ରକାଶିତ ରାୟ ପୂର୍ବତନ ତହସିଲଦାର ଓ ଲିଜଧାରୀଙ୍କ ପାଇଁ ଶକ୍ତଧକ୍କା ଭାବେ ସାବ୍ୟସ୍ତ ହୋଇଛି। ପରିବେଶ ନିୟମକୁ ଉଲ୍ଲଂଘନ କରି ତତ୍କାଳୀନ ତହସିଲଦାର ସମ୍ପୃକ୍ତ ନଦୀଘାଟକୁ ବେଆଇନ ନିଲାମ ଦିଆଯିବା ଯୋଗୁଁ ହୋଇଥିବା ଅପୂରଣୀୟ କ୍ଷତି ପାଇଁ ତହସିଲଦାରଙ୍କୁ ଦାୟୀ କରିଛନ୍ତି ଏନଜିଟି। ଏନେଇ ଅଭିଯୁକ୍ତ ତସିଲଦାରଙ୍କ ବିରୋଧରେ ଏତଲା ଦାୟର ସହ କାର୍ଯ୍ୟାନୁଷ୍ଠାନ ପାଇଁ ବାଲେଶ୍ୱର ଜିଲାପାଳଙ୍କୁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ବେଆଇନ ବାଲି ଉଠାଣ ଯୋଗୁଁ ହୋଇଥିବା ପରିବେଶ କ୍ଷୟକ୍ଷତିର ଆକଳନ ପାଇଁ ଷ୍ଟେଟ ଲେଭଲ ଏନଭାରମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି (ଏସଏଲଇଆଇଏଏ)କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ନଦୀଘାଟରୁ ବାଲି ଉତ୍ତୋଳନ ଯୋଗୁଁ ହୋଇଥିବା କ୍ଷତି ପାଇଁ ୧ କୋଟି ଟଙ୍କାର ଜରିମାନା ପ୍ରଦାନ ନିମନ୍ତେ ଲିଜଧାରୀଙ୍କୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।ଏହି ଜରିମାନା ରାଶି ପ୍ରଦୂଷଣ ନିୟନ୍ତ୍ରଣ ବିଭାଗରେ ଜମା ଦେବାକୁ ରାୟରେ ଉଲ୍ଲେଖ ରହିଛି। ପ୍ରକାଶ ଥାଉକି ୨୦୧୭ ମସିହାରୁ ୨୦୨୧ ମଧ୍ୟରେ ତତ୍କାଳୀନ ବସ୍ତା ତହସିଲଦାର ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ ପରିବେଶ ସୁରକ୍ଷା ଆଇନକୁ ଅବମାନନା ସହ ବେଣାପୁରର ସୁବର୍ଣ୍ଣରେଖା ନଦୀଘାଟକୁ ନିଲାମ ଦେଇଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ଏନଜିଟିର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଚାଲିଥିବା ମାଲଲାରେ ଆଜି ରାୟ ପ୍ରକାଶ ପାଇଛି। ଏହି ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା : କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବାଲେଶ୍ୱର,୧୪/୧୦(ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ମହେଶ ପ୍ରସାଦ ପଟ୍ଟନାୟକଙ୍କ ପୈତୃକ ଘର ସମେତ ଏକକାଳୀନ ୫ ଗୋଟି ସ୍ଥାନରେ ଚଢ଼ଉ ଜାରି ରହିଛି। ଭୁବନେଶ୍ୱର ସ୍ପେଶାଲ ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ଉ ଓ ସମ୍ପତ୍ତି ଠାବ ଚାଲିଥିବା ବିଭାଗ ପକ୍ଷରୁ ଜଣାଯାଇଛି। ରାୟଗଡ଼ା ଜିଲା କସ୍ତୁରୀନଗରର ପୈତୃକ ଗୃହ, ବିଶାଖାପାଟଣାର ଚିନାଗଡ଼ିଲି ବି-ବ୍ଲକର 'ହିଲି ଭ୍ୟୁ' ଘର, ଭୁବନେଶ୍ୱରର ସୁନ୍ଦରପଦା ସ୍ଥିତ ମାଧୁପୁର ହିତେଶ ପ୍ଲାଜାରେ ଥିବା ଘର ଓ ମୟୂରଭଂଜ ଜିଲା ବାରିପଦା ମୁରଗାବାଡ଼ି ଏଲଆଇସି କଲୋନି କ୍ୱାର୍ଟର୍ସ ସମେତ ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ବି ଖାନତଲାସ ଏବେ ଜାରି ରହିଛି। ଅଭିଯୁକ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଭୟ ବାଲେଶ୍ୱର ଓ ଭଦ୍ରକ ଜିଲା ଦାୟତ୍ୱରେ ଥିବା ବେଳେ ପ୍ରତି ସପ୍ତାହରେ ଦିନେ କି ଦୁଇଦିନ ସେ ବାଲେଶ୍ୱର ଅଫିସକୁ ଆସିଥା'ନ୍ତି। ଅଫିସ ସଂଲଗ୍ନ ଗେଷ୍ଟ ହାଉସରେ ରାତ୍ରିଯାପନ କରି ତହିଁଆର ଦିନ ଭଦ୍ରକ କିମ୍ବା ବାରିପଦାକୁ ସେ ଯା'ନ୍ତି। ଏହା ତାଙ୍କର ନିୟମିତ କାର୍ଯ୍ୟଧାରା ଥିଲା। ତେବେ ଗତକାଲି ବାଲେଶ୍ୱର ଅଫିସକୁ ଆସି ରାତିରେ ଗେଷ୍ଟରେ ଶୋଇଥିବା ବେଳେ ଆଜି ଭୋର ପ୍ରାୟ ୪ଟା ବେଳେ ଭିଜିଲାନ୍ସ ଟିମ ତାଙ୍କୁ ନିଦର ଉଠାଇ ଭୁବନେଶ୍ୱର ନେଇ ଯାଇଥିଲେ। ୪ ସ୍ଥାନରେ ଖାନତଲାସ ଜାରି ରହିଥିବା ବେଳେ ଆୟବହିର୍ଭୂତ ମୋଟ କେତେ ସମ୍ପତ୍ତି ଠାବ ହୋଇଛି, ତାହା ଅଦ୍ୟାବଧି ଜଣାପଡ଼ିନାହିଁ। ତେବେ ଆଜିର ଚଢ଼ଉରେ ଓଡ଼ିଶା ଭିଜିଲାନ୍ସ ବିଭାଗର ୩ ଜଣ ଡିଏସପି, ୧୨ ଜଣ ଇନସ୍ପେକ୍ଟର, ୨ ଜଣ ଏସଆଇ, ୫ ଜଣ ଏଏସଆଇଙ୍କ ସମେତ ଏକାଧିକ କର୍ମଚାରୀ ସାମିଲ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ହାଇକୋର୍ଟରେ ପହଂଚିଲା ଅର୍ଚ୍ଚନା ନାଗ ମାମଲା



ଭୁବନେଶ୍ୱର, ୧୪/୧୦(ନି.ପ୍ର): ବହୁର୍ଚ୍ଚିତ ଅର୍ଚ୍ଚନା ନାଗ ମାମଲାକୁ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଖଲ ହୋଇଛି। ଏହି ମାମଲାରେ ବହୁ ବଡ଼ବଡ଼ିଆ ସମ୍ପୃକ୍ତ ଥିବା ଅଭିଯୋଗ ହେବା ପରେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ପୋଲିସ୍ ପଛଘୁଂଚା ଦେଉଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏ ନେଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। କମିଶନରେଟ ପୋଲିସ୍ ଏହି ମାମଲାର ତଦନ୍ତ ଦିଗକୁ ବାଟବଣା କରୁଥିବାରୁ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି) ଦ୍ୱାରା ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯିବାକୁ ଆବେଦନରେ ଉଲ୍ଲେଖ ହୋଇଛି। ଏଥିରେ କେନ୍ଦ୍ର ସରକାର, ଇଡି, ରାଜ୍ୟ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ, ପୁଲିସ ଡିଜି , ଖଣ୍ଡଗିରି ଥାନା ଅଧିକାରୀ ଏବଂ ନୟାପଲ୍ଲୀ ଥାନା ଅଧିକାରୀଙ୍କ ସମେତ ୭ ଜଣଙ୍କୁ ପକ୍ଷଭୁକ୍ତ କରାଯାଇଛି ।ସେପଟେ ଜାମିନ ଆବେଦନ କରିଛନ୍ତି ରହସ୍ୟମୟୀ ମହିଳା ଅର୍ଚ୍ଚନା ନାଗ। ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ଜାମିନ ଆବେଦନ କରିଛନ୍ତି ଅର୍ଚ୍ଚନାଙ୍କ ଓକିଲ। ତେବେ ଜାମିନ୍ ଆବେଦନର ଶୁଣାଣି କରି କୋର୍ଟ ରାୟକୁ ସଂରକ୍ଷିତ ରଖିଛନ୍ତି। ପୂର୍ବରୁ ଅର୍ଚ୍ଚନାଙ୍କ ଜାମିନ ଆବେଦନର ଶୁଣାଣି ହୋଇପାରିନଥିଲା। ଏକାଧିକ ଓକିଲ ଆବେଦନ କରିଥିବାରୁ ଶୁଣାଣି ହୋଇ ନଥିଲା। ଅକ୍ଟୋବର ୧୧ ତାରିଖରେ ଭିଡିଓ କନଫରେନ୍ସିଂ ଜରିଆରେ ଜାମିନ ମାମଲାର ଶୁଣାଣି ହୋଇଥିଲା।

## ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କଲେ ରାଜେନ୍ଦ୍ର ଦାସ



ଭୁବନେଶ୍ୱର, ୧୪/୧୦(ନି.ପ୍ର): ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ବିଜେଡି ନେତା ରାଜେନ୍ଦ୍ର ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଧାମନଗର ଉପ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ସେ ପ୍ରାର୍ଥୀ ପତ୍ର ଦାଳ କରିଛନ୍ତି । ସମର୍ଥକ ମାନଙ୍କ ଗହଣରେ ପଦଯାତ୍ରା କରି ସେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି । ବିଜେଡ଼ି ଟିକେଟ୍ ନଦେବାରୁ ସ୍ୱାଧିନ ଭାବେ ନାମାଙ୍କନ ଦାଖଲ କରିଥିବା ଜଣା ପଡିଛି । ଉଲ୍ଲେଖନୀୟ ଯେ ଗୁରୁବାର ଦ ଦିନ ତମାମ ଛକାପଞ୍ଝା ଓ ଅଜ୍ଞାତବାସ ପରେ ସନ୍ଧ୍ୟାରେ ଘରକୁ ଫେରିଥିଲେ ଧାମନଗର ବିଜେଡି ନେତା ରାଜୁ ଦାସ। ଆଉ ଘରକୁ ଫେରିବା ପରେ ଗଣମାଧ୍ୟମ ସାମନାକୁ ଆସି ଧାମନଗରବାସୀଙ୍କ ସମର୍ଥନ ଅନୁସାରେ ନିଷ୍ପି ନିଆଯିବ ବୋଲି କହିଥିଲେ । ବୁଧବାର ଅବନ୍ତୀଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଅବନ୍ତି ଓ ରାଜୁ ଗଣମାଧ୍ୟମ ସାମ୍ନାକୁ ଆସିଥିଲେ। ଆଉ ଅବନ୍ତି ତାଙ୍କର ସଂପର୍କୀୟ ବୋଲି କହିଥିଲେ। ହେଲେ ଭୁବନେଶ୍ୱରରୁ ଫେରିଯିବା ପରେ ବିଳମ୍ବିତ ରାତିରେ ଧାମନଗରସ୍ଥିତ ବାସଭବନରେ ସମର୍ଥକଙ୍କ ସହ ବୈଠକ କରିଥିଲେ। ଆଉ ସମର୍ଥକଙ୍କ ସହ ଆଲୋଚନା ପରେ ସ୍ୱାଧୀନ ପ୍ରାର୍ଥୀ ହେବାକୁ ନିଷ୍ପତି ନେଇଥିଲେ ।

## 'ସାଗରିକା' ପୂଜା ବିଶେଷାଙ୍କ ଆଲୋଚନା



ବାଲେଶ୍ୱର,୧୪/୧୦(ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ 'ସାଗରିକା' ପୂଜା ବିଶେଷାଙ୍କ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ 'ସାଗରିକା'ର ସଂପାଦିକା ସୈରିନ୍ଧ୍ରୀ ସାହୁ ଦୀର୍ଘ ଚାରି ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ 'ସାଗରିକା'ର ନିରବଚ୍ଛିନ୍ନ ପ୍ରକାଶନ ସଂପର୍କରେ ଆଲୋକପାତ କରିଥିଲେ। ପ୍ରକାଶକ ସୃଷ୍ଟିଧର ପରିଡ଼ା ଉଭୟ ଲେଖକ ଓ ପାଠକମାନଙ୍କର ସଦିଚ୍ଛା ଓ ସହଯୋଗ ପାଇଁ ହିଁ ସାଗରିକା ଆଜି ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି ବୋଲି କହିଥିଲେ। ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଓ ଗବେଷକ ଡ. ଭାଗବତ ପ୍ରସାଦ ଦାସ ଆଲୋଚକ ଭାବେ ଯୋଗ ଦେଇ ପତ୍ରିକାଟିର ବଳିଷ୍ଠ ସଂପାଦନା ଓ ସ୍ଥାନିତ ଲେଖାଗୁଡ଼ିକ ସଂପର୍କରେ ସବିଶେଷ ଆଲୋଚନା କରିବା ସହିତ ପତ୍ରିକାଟି ସର୍ବାଙ୍ଗ ସୁନ୍ଦର ଓ ଆକର୍ଷଣୀୟ ହୋଇପାରିଛି ବୋଲି ମତ ପ୍ରକାଶ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ସାହୁ, ଅରୁଣା ରାୟ, ରାଜେଶ ଗିରି, ଡ. ଶିରୀଶ ଚନ୍ଦ୍ର ଜେନା, ପ୍ରଦୀପ ଚାଟାର୍ଜୀ, ଜ୍ୟୋତ୍ସ୍ନା ରାୟ, ବାସନ୍ତୀ ଦେ, କରୁଣାକର ସ, ଶରତ କୁମାର ମହାପାତ୍ର, ପଦ୍ମଲୋଚନ ଦତ୍ତ, ବାସନ୍ତୀ କର, ଶାନ୍ତିଲତା ପଣ୍ଡା, ସୁନାମଣି ଜେନା, ଦେବାଶିଷ ଚକ୍ରବର୍ତ୍ତୀ, ଯୋଗେଶ ଚନ୍ଦ୍ର ପ୍ରଧାନ, କମଳାକାନ୍ତ ଦାଶ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ୧୭ରେ ବିଏମସି କମିଶନରଙ୍କୁ ଘେରିବେ ଉଠାଦୋକାନୀ

ଭୁବନେଶ୍ୱର, ୧୪/୧୦(ନି.ପ୍ର):ଉଚ୍ଛେଦ ପ୍ରତିବାଦରେ ଉଠାଦୋକାନୀମାନଙ୍କ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜମହଲ ଛକ ଠାରେ ରାସ୍ତାରୋକ କରାଯାଇଛି । ଗତକାଲି ରାତିରେ ଅଚାନକ ଅଶୋକନଗର ଅଂଚଳରେ ଉଠାଦୋକାନଗୁଡିକୁ ଭାଙ୍ଗିବା ପ୍ରତିବାଦରେ ଆସନ୍ତା ୧୭ ତାରିଖ ସୋମବାର ଉଠାଦୋକାନୀମାନେ ବିଏମ୍‌ସି କମିଶନରଙ୍କୁ ଘେରାଉ କରିବେ ବୋଲି ଭୁବନେଶ୍ୱର ଉଠା ଦୋକାନୀ ବ୍ୟବସାୟୀ ସଂଘର ସଭାପତି ସୁର ଜେନା ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସେ କହିଛନ୍ତି ଯେ ଭୁବନେଶ୍ୱରରେ ଏହି ଉଠା ଦୋକାନୀଙ୍କ ସଂଖ୍ୟା ପ୍ରାୟ ୩୫ ହଜାର ଓ ସମଗ୍ର ଦେଶରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ। ଏମାନଙ୍କ ପରିବାରର ▶▶ପୃଷ୍ଠା ୭

## ୧୮ବେଳକୁ ଘୂର୍ଣ୍ଣିବଳୟ, ୨୦ରେ ଲଘୁଚାପ

ଭୁବନେଶ୍ୱର, ୧୪/୧୦(ନି.ପ୍ର): ଆସନ୍ତା ୨୦ ତାରିଖ ବେଳକୁ ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା୧୮ ତାରିଖ ବେଳକୁ ଉତର ଆଣ୍ଡାମାନସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପରେ ଏହା ପଶ୍ଚିମ ଉତର-ପଶ୍ଚିମକୁ ଗତି କରି ଘନୀଭୂତ ହୋଇପାରେ। ୨୦ ତାରିଖରେ ପଶ୍ଚିମ ବଙ୍ଗୋପସାଗରରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ଲଘୁଚାପ ରୂପରେଖ କ'ଣ ରହିବ ସେନେଇ ଆକଳନ କରାଯାଇ ନାହିଁ। ତେବେ ବାତ୍ୟା ନେଇ କୌଣସି ସୂଚନା ଜାରି କରାଯାଇ ନାହିଁ। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବଜ୍ରପାତ ସହ ବର୍ଷା ▶▶ପୃଷ୍ଠା ୭

# ଅଳପୁଆଠାରେ ବିଜେଡିର କର୍ମୀ ସମାବେଶ

ଧର୍ମଶାଳା ,୧୪/୧୦ (ନି.ପ୍ର): ରାଜ୍ୟରେ ବିଜେଡି ଶାସନ କାଳରେ ବିକାଶ ଧାରା ଜାରି ରହିଛି । ଯାଜପୁର ଓ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିକାଶ ଆକାଶ ଛୁଆଁ ହୋଇପାରିଛି । ହେଲେ ବରୀ ନିର୍ବାଚନ ମଣ୍ଡଳୀ ବିକାଶ ଶୂନ୍ୟ ହୋଇପଡିଛି । ରାସ୍ତା ଘାଟଠାରୁ ଆରମ୍ଭ କରି ସାଧାରଣ ଲୋକେ ନ୍ୟାୟ ପାଇବା ପରିବର୍ତେ ଚାପର ଶିକାର ହେଉଛନ୍ତି । ସମବାୟ ସମିତି ନିର୍ବାଚନରେ କର୍ମୀମାନଙ୍କୁ ହରାଇବାରେ ସହଯୋଗ,୨୦୧୯ ନିର୍ବାଚନରେ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କର୍ମୀ ଓ ନେତାମାନଙ୍କୁ ସମ୍ପୂର୍ଣ୍ଣ ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ବରୀ ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଅଣଦେଖା କରିବା ସହିତ ବିଧାୟିକା ନିଜ ଅଙ୍ଗାଳ ପଂଚାୟତରେ ନିର୍ବାଚନରେ ବିଜେପି ୬୬୮ଖଣ୍ଡ ଭୋଟରେ ଆଗୁଆ ରହିଥିବା ବେଳେ ବିଜେପିରୁ ବିଜେଡିକୁ ଆସିଥିବା ବିଶ୍ୱ ରଂଜନ ମଲ୍ଲିକଙ୍କୁ ନବୀନ ନିବାସରେ ଦଳକୁ ଉତରୀୟ ଦେଇ ତାଙ୍କୁ ସ୍ୱାଗତ କରିଥିଲେ । ପରେ ଉଭୟଙ୍କୁ ଗୋଟିଏ ମଂଚରେ ଦେଖିବାକୁ ମିଳିଲା ନାହିଁ । ପଂଚାୟତ ନିର୍ବାଚନରେ ନିଜ ନିଜ ଢଙ୍ଗରେ ନିର୍ବାଚନ ପ୍ରଚାର କଲେ । ଯାହା ସାଧାରଣ ଲୋକମାନଙ୍କୁ କି ବାର୍ତା ଦେବ ଏନେଇ ଯାଜପୁର ଜିଲା ରସୁଲପର ବ୍ଲକ ଅର୍ଥଙ୍ଗା ପଂଚାୟତରେ ଆୟୋଜିତ ବିଜେଡି କର୍ମୀ ସମାବେଶରେ ମାଧମରେ ଅସନ୍ତୋଷ ପ୍ରକାଶ ପାଇଛି । ଆଗାମୀ ଦିନରେ ୱାର୍ଡ କମିଟି ଗଠନ କରାଯାଇ ବରୀ ନିର୍ବାଚନ ମଣ୍ଡଳୀର ୨୯ ଓ ଯାଜପୁର ବ୍ଲକର ୯ଗୋଟି ପଂଚାୟତରେ କର୍ମୀ ସମାବେଶ ଅନୁଷ୍ଠିତ ହେବା ସହିତ ଏହି ଘଟଣାକୁ ନେଇ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ତଥା ଯୁବ ଛାତ୍ର ସାଧାରଣ ସମ୍ପାଦକ(ଯୁବ ବ୍ୟାପାର)ଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏହି କର୍ମୀ ସମାବେଶରେ ନିଷ୍ପତି ନିଆଯାଇଛି। ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକର ୧୦ ଗୋଟି ପଂଚାୟତକୁ ନେଇ ଅର୍ଥଙ୍ଗା ପଂଚାୟତସ୍ଥ ଅଳପୁଆର ହନୁମାନ ପଡିଆଠାରେ ବିଜୁ ଜନତା ଦଳର କର୍ମୀମାନଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଜୁ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ପ୍ରଦିପ ଦାସଙ୍କ ସଭାପତିତ୍ୱରେ ଏହି ସମାବେଶରେ ଅତଲାପୁର ପଂଚାୟତର ପୂର୍ବତନ ସରପଂଚ ପ୍ରଫୁଲ୍ଲ ସାହୁ, ରାଜେନ୍ଦ୍ରପୁର ପଂଚାୟତର ପୂର୍ବତନ ସରପଂଚ ସୁଶାନ୍ତ କୁମାର ବେହେରା, ସାମନ୍ତରାପୁର ପଂଚାୟତର ପୂର୍ବତନ ସରପଂଚ ଅଭିମନ୍ୟୁ ମହାଳିକ, ମଙ୍ଗରାଜପୁର ପଂଚାୟତର ପୂର୍ବତନ ସରପଂଚ ଯଦୁନାଥ ଓଝା, ସାମନ୍ତରାପୁର ସମବାୟ ସମିତିର ସଭାପତି ବିଦ୍ୟାଧର କର, ବିଜେଡି ନେତା ବୁଲବୁଲ ନାୟକ, ସେକ୍ ଅଫତାଉଦ୍ଦିନ, ବିଚିତ୍ର ଓଝା, ଅଶୋକ ଜେନା, ଅର୍ଥଙ୍ଗା ସ୍ୱାଭିମାନ ମଂଚର ସଭାପତି ମାଗୁଣି ମହାଳିକ, ଆଶାରୁଲ ହକ୍, ସେକ୍ ହବିବ୍, ସେକ୍ ମେରାଜ ଓ ସେକ୍ ଅଜଲାଲଉଦ୍ଦିନ ପ୍ରମୁଖ ଯୋଗଦେଇ ନିଜ ନିଜର ଅଂଚଳର ସମସ୍ୟାଗୁଡିକୁ ନେଇ ନିଜ ବକ୍ତବ୍ୟ ମାଧ୍ୟମରେ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରାରମ୍ଭରେ କର୍ମୀମାନେ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶେଷରେ ବରିଷ୍ଠ ନେତା ଚିତରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ରାଜ କୁମାର ଘଡାଇ, ସୁନାକର ରାଉତ, ଦେବବ୍ରତ ନାୟକ, ଗୋବିନ୍ଦ ସେଠୀ, ଅନନ୍ତ ମହାଳିକ, ନିର୍ମଳ ନାୟକ, ମାନସ ବାରିକ, ରାମଚନ୍ଦ୍ର ବେହେରା, ଧନେଶ୍ୱର ଦଳାଇ, ସୁଶାନ୍ତ ସାହୁ ଓ ଅଜୟ ଗନ୍ତାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମାଖଣ୍ଡ, ରାଜେନ୍ଦ୍ରପୁର, ଅତଲାପୁର, ସାମନ୍ତରାପୁର, ଅର୍ଥଙ୍ଗା, ମଙ୍ଗରାଜପୁର, ରାଉତରାପୁର, ମହେଶ୍ୱରପୁର, ବ୍ରହ୍ମବରଦା ଓ ବନ୍ଧଡିହ ଆଦି ପଂଚାୟତରୁ ଶହଶହ ବିଜେଡି କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଜୟପୁର ଏୟାରପୋର୍ଟରୁ ଖୁବ୍ ଶୀଘ୍ର ଉଡିବ ବ୍ୟବସାୟିକ ବିମାନ

ଜୟପୁର ,୧୪/୧୦ (ନି.ପ୍ର): ଜୟପୁର ଏୟାରପୋର୍ଟରେ ବ୍ୟବସାୟିକ ଉଡାଣ ଖୁବ ଶୀଘ୍ର ଆରମ୍ଭ ହେବ। ଏନେଇ ୨ ଦିନ ହେବ ଡିଜିସିଏ ଓ ବ୍ୟୁରୋ ଅଫ ସିଭିଲ ଏଭିଏସନ ସିକ୍ୟୁରିଟି ଟିମ ଯାଞ୍ଚ କରିଛନ୍ତି । ଏୟାର ପୋର୍ଟ ବିକାଶ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏଥିରେ ୬୭ଟି ତ୍ରୁଟି ରହିଥିବା ଗତ ଦିନରେ ଆସିଥିବା ଡିଜିସିଏ ଚିହ୍ନଟ କରି ରିପୋର୍ଟ ଦେଇଥିଲେ । ଏହାର ସଂଶୋଧନ ହେବାପରେ ଡିଜିସିଏର ଟିମ ୨ ଦିନ ରହି ଯାଞ୍ଚ କରି ଫେରିଛି । ବ୍ୟୁରୋ ଅଫ ସିଭିଲ ଏଭିଏସନ ସିକ୍ୟୁରିଟି ଟିମ ବେ ସାମରିକ ସୁରକ୍ଷା ମୁଖ୍ୟ ଆଜି ୩ ଜଣିଆ ଟିମ ଜୟପୁର ଏୟାର ପୋର୍ଟ ରେ ପହଞ୍ଚି ସୁରକ୍ଷା ଉପରେ ଯାଞ୍ଚ କରିଛନ୍ତି । ଏଥିରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଟିମ୍ ସାମିଲ ହୋଇଥିଲେ । କୋରାପୁଟ ଏସପି ବରୁଣ ଗୁଣ୍ଡପାଲ୍ଲି ଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଇଛି । ପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏହି ସମିକ୍ଷା ରିଜିଓନାଲ ଡାଇରେକ୍ଟର ବିସିଏସ ଭୁବନେଶ୍ୱର ପ୍ରରବିଣ ଲଛପ, ଏସପି କୋରାପୁଟ ବରୁଣ ଗୁଣ୍ଡପାଲ୍ଲି, କମାଣ୍ଡାଣ୍ଟ ଓଏସଏପି ତଥା ସିନିୟର ନୋଡାଲ ଅଫିସର ଟଙ୍କ ଧର ପ୍ରଧାନ, ରାସ୍ତା ଓ ଗୃହ ବିଭାଗର ନିର୍ବାହୀଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଏସଡିପିଓ ଅରୁପ ଅଭିଷେକ ବେହେରା, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା, ଏଜିଏମ ଏଟିସି ସରୋଜ କୁମାର ସାହୁ, ଏସଏଏସଓ ବିସିଏସ ଭୁବନେଶ୍ୱର ପଙ୍କଜ କୁମାର ତିବାରି, ଏସିଆଇଓ ଆଇବି ଜୟପୁର ଆଦିତ୍ୟ କୁମାର. ଏସଏମ ସିକ୍ୟୁରିଟି ପ୍ରସନ୍ନ କୁମାର ସାହୁ, ସିଏସଓ ଜୟପୁର ଏୟରାପୋର୍ଟ ସିମାଞ୍ଚଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସମିକ୍ଷା ପରେ ନିୟମିତ ଜୟପୁରକୁ ବ୍ୟବସାୟିକ ଉଡାନ ସେବା ଆରମ୍ଭ ହେବ ତାହା ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି । ଏଠାରୁ ନିୟମିତ ବିମାନ ସେବା ନେଇ ବିଡ୍ ପାଇଥିବା ଇଣ୍ଡିଆ ଓାନ ଏୟାର ଟ୍ରାଏଲ ଭାବେ ନିୟମିତ ଭୁବନେଶ୍ୱର- ଜୟପୁର- ବିଶାଖାପାଟଣା ଉଡାଣ ଜାରି ରଖିଛି। ୨ ଦିନ ଧରି ଏୟାର ପୋର୍ଟର ସମସ୍ତ ଦିଗ ଉପରେ ଯାଞ୍ଚ କରିଛନ୍ତି । ଉଭୟ ଡିଜିସିଏ ଓ ବ୍ୟୁରୋ ଅଫ ସିଭିଲ ଏଭିଏସନ ସିକ୍ୟୁରିଟି ଟିମ ଏକ ସପ୍ତାହ ସୁଦ୍ଧା ସେ ମାନଙ୍କ ରିପୋର୍ଟ ପ୍ରଦାନ କରିବେ । ମାସ ଶେଷ ସୁଦ୍ଧା ନିୟମିତ ବିମାନ ଉଡାଣ ପାଇଁ ଅନୁମତି ମିଳିବା ସମ୍ଭାବନା ରହିଛି ବୋଲି ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ । ବୁଧବାର ଡିଜିସିଏର ଡାଇରେକ୍ଟୋରେଟ ଜେନେରାଲ ଅଫ ସିଭିଲ ଏଭିଏସନର ର ଏହି ଟିମ ୨ ଦିନ ଜୟପୁର ଏୟାର ପୋର୍ଟର ସମସ୍ତ ଭିତ୍ତି ଭୂମି ଯାଞ୍ଚ କରିଫେରିଛନ୍ତି । ଏହି ଟିମରେ ଡିଜିସିଏର ଉପନିଦ୍ଦେଷକ ମନୀଷ ଠାକୁର ଏବଂ ଧୁଷାର କୁମାର ମଣ୍ଡଳ ରହିଛନ୍ତି । ଏଟିସି ସରୋଜ କୁମାର ସାହୁ, ସିଏନସ ମ୍ୟାନେଜର ମହମ୍ମଦ ଜଓାଦ, କେ ବାଳକ୍ରିଷ୍ଣା, ଅଗ୍ନି ବିଭାଗର ଏ. କେ ରାହା, ଏଟିସି ମ୍ୟାନେଜର ଟିକେଶ୍ୱର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘ ବର୍ଷ ଧରି ଅବିଭକ୍ତ କୋରାପୁଟ ଜିଲା ସହ ଜୟପୁର ସହର ବାସୀ ବିମାନ ସେବା କୁ ଅପେକ୍ଷା କରି ବସିଛନ୍ତି । ପୁବରୁ ୫ ଥର ଉଭୟ ରାଜ୍ୟ ଓ କେନ୍ଦ୍ର ଟିମ ଏୟାର ପୋର୍ଟର ଭିତ୍ତି ଭୂମିକୁ ସମୀକ୍ଷା କରିଛନ୍ତି । ବୁଧବାର ପୁଣି ଷଷ୍ଠ ଥର ପାଇ କେନ୍ଦ୍ର ଡିଜିସିଏ ଟିମ ପହଞ୍ଚି ଜୟପୁର ବିମାନ ବନ୍ଦରରେ ସମିକ୍ଷା କରି ଫେରିଛନ୍ତି । ଏହି ଟିମ ବିମାନ ବନ୍ଦର ଅଗ୍ନି ନିରାପତ୍ତା, ସୁରକ୍ଷା, ଆଲୋକି କରଣ, ଜଳ ଯୋଗାଣ ଭଳି ଭିତ୍ତି ଭୂମିର ଯାଞ୍ଚ କରିଛି ଟିମ । କେନ୍ଦ୍ରୀୟ ଟିମ ଭିତ୍ତି ଭୂମିକୁ ନେଇ ଖୁସି ଥିବା ନେଇ ସୁଚନା ଦେଇଛନ୍ତି ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ । ଅତି ଶିଘ୍ର ଜୟପୁର ବିମାନ ବନ୍ଦରରେ ଓଡାନ ସେବା ଆରମ୍ଭ ହେବ ଓ ଲାଇସେନ୍ସକୁ ଅପେକ୍ଷା କରାଯାଇଛି ବୋଲି ସୁଚନା ଦିଆଯାଇଛି । ବାଉଣ୍ଡି ଠାରୁ ଆରମ୍ଭ କରି ସମସ୍ତ ଭିତ୍ତି ଭୂମି ଯାଞ୍ଚ କରିଥିଲେ । ଇଣ୍ଡିଆ ଓାନ ଏୟାର ଜୟପୁର ଠାରୁ ବିମାନ ଚଳାଇବା ପାଇ ଉଡାନ ଯୋଜନାରେ ସିଲେକ୍ଟ ହୋଇସାରିଛି । ସେ ମାନଙ୍କର ବୁକିଂ କାଉଣ୍ଟର ଆଦି ହୋଇ ସାରିଲାଣି । ଜୟପୁର ଏୟାରପୋର୍ଟର ସମିକ୍ଷା କରିବା ପରେ ଡିଜିସିଏ ଲାଇସେନ୍ସ ଦେଲେ ଏଠାରୁ ବ୍ୟବସାୟିକ ବମାନ ଉଡିବ । ଭୁବନେଶ୍ୱର- ଜୟପୁର- ବିଶାଖାପାଟଣା, ଓ ବିଶାପାପାଟଣା-ଜୟପୁର- ଭୁବନେଶ୍ୱର ପ୍ରଥମ ପର୍ଯ୍ୟାୟରେ ଉଡିବ । ୯ ସିଟ ବିଶିଷ୍ଟ ବିମାନ ପ୍ରଥମେ ଉଡିବ । ପରବର୍ତୀ ସମୟରେ ବଡ ବିମାନ ଉଡିବା ନେଇ ସୁଚନା ଦେଇଛନ୍ତି ।

## ନିମ୍ନମାନର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟକୁ ନେଇ ଗ୍ରାହକ ଅସନ୍ତୋଷ

ଧର୍ମଶାଳା ,୧୪/୧୦ (ନି.ପ୍ର): ପ୍ରାକ୍ ପ୍ରସ୍ତୁତି ନ ଥାଇ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବାକୁ ବାଧ୍ୟ କରାଯାଇଥିବା ଘଟଣାରେ ରାଜ୍ୟ ପରିବହନ ପ୍ରାଧିକରଣ ଏଥିଲାଗି ଏକ ମାସ ସମୟ ବୃଦ୍ଧି କରିଛନ୍ତି । ତେବେ ଗାଡି ଚାଳକମାନଙ୍କୁ ସାମାନ୍ୟ ଆସ୍ୱସ୍ତି ମିଳିଛି । ପୂର୍ବରୁ ଗାଡି ଚାଳକମାନେ ବୁକିଂ କରିଥିଲେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ । ହେଲେ ଚାଳକମାନେ ନାନା ଅସୁବିଧାର ସମ୍ମୁଖୀନ ହେବା ସହିତ ଏହି ନମ୍ବର ପ୍ଲେଟ ଅତି ନିମ୍ନମାନ ହୋଇଥିବା ଅଭିଯୋଗ କରିଛନ୍ତି । ଏଥି ସହିତ ନମ୍ବର ପ୍ଲେଟକୁ ଆଣିବା ପାଇଁ ଶହଶହ କିଲୋମିଟର ଯିବାକୁ ପଡୁଛି । ଯାହାକୁ ନେଇ ଗ୍ରାହକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗ ମୁତାବକ ଗ୍ରାହକମାନେ ନେଟ୍ ମାଧ୍ୟରେ ବୁକିଂ କରିଥିଲେ । ବୁକିଂ ସମୟରେ ଗ୍ରାହକମାନଙ୍କୁ ଗାଡି କମ୍ପାନୀର ଡିଲରଙ୍କ ନାମ ଚୟନ କରିବାକୁ ପଡିଥାଏ । ଏହି ଚୟନ ସମୟରେ ଗ୍ରାହକମାନଙ୍କୁ ୪ଶହରୁ ୫ଶହ ଟଙ୍କା ଚାଲାଣ କଟିଥାଏ । ଏହା ପାଇଁ ଡିଲର ଗ୍ରାହକଙ୍କ ପାଖ ଡିଲରଙ୍କ ନାମ ନଥିବାରୁ ସେମାନେ ମାତ୍ରାଧିକ ଖର୍ଚ୍ଚାନ୍ତ ହେଉଛନ୍ତି । ଏହି ନମ୍ବର ପ୍ଲେଟ୍‌ଟି ଅତି ନିମ୍ନମାନର ଏବଂ ଏହା ଉପରେ ଥିବା ରଂଗ ଉଡି ଯାଉଥିବା ଗାଡି ଚାଳକମାନେ ଅଭିଯୋଗ କରିଛନ୍ତି । ଏହା ଅତି ଶୀଘ୍ର ଖରାପ ହୋଇଯିବ ବୋଲି ଆଶଙ୍କା କରିଛନ୍ତି । ପୁଣି ଥରେ ପ୍ଲେଟ୍‌ଟିକୁ ବଦଳାଇବାକୁ ହେଲେ ବାଧ୍ୟ ହୋଇ ଖର୍ଚ୍ଚାନ୍ତ ହେବେ । ତେବେ ଏ ଦିଗରେ ପରିବହନ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାହକମାନେ ଦାବି କରିଛନ୍ତି ।

# ୧୪ତମ ଯୁବ ଆଦିବାସୀ ଆଦାନପ୍ରଦାନ ମେଳାରେ ଯୋଗ ଦେବେ ୭୦ ଆଦିବାସୀ ଯୁବକ ଯୁବତୀ

ମାଲକାନଗିରି ,୧୪/୧୦ (ନି.ପ୍ର): ଚଳିତ ମାସ ୧୬ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଗୁଜରାଟରେ ହେବାକୁ ଥିବା ୧୪ତମ ଯୁବ ଆଦିବାସୀ ଆଦାନ ପ୍ରଦାନ ମେଳାରେ ମାଲକାନଗିରିର ଦୁର୍ଗମ ଅଂଚଳରୁ ୭୦ ଜଣ ଆଦିବାସୀ ଯୁବକ ଯୁବତୀ ଯୋଗଦେବେ ବୋଲି ବିଏସଏଫ ତରଫରୁ କୁହାଯାଇଛି। ଆଜି ଏମଭି-୩ସ୍ଥିତ ବିଏସଏଫ କ୍ୟାମ୍ପ ଠାରେ ଜିଲ୍ଲାର ମାଥିଲି ଏବଂ ଚିତ୍ରକୋଣ୍ଡା ବ୍ଲକର ଦୁର୍ଗମ ଅଂଚଳରେ ଅବସ୍ଥାପିତ ବିଏସଏଫ କ୍ୟାମ୍ପ ଅଧିନରେ ରହିଥିବା ଗ୍ରାମଗୁଡିକର ଆଦିବାସୀ ଯୁବକ ଓ ଯୁବତୀମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଗୁଜରାଟ ପଠାଯାଇଛି।ଏହି କାର୍ଯ୍ୟକ୍ରମକୁ ବିଏସଏଫ ଏବଂ ନେହେରୁର ଯୁବ କେନ୍ଦ୍ର ତରଫରୁ ଆୟୋଜିତ କରାଯାଇଥିଲା। ଆଜିର ଗୁଜରାଟ ପ୍ରସ୍ଥାନ ବେଳେ ଏହି ଆଦିବାସୀ ଯୁବକ ଯୁବତୀମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଏସ୍‌ଏଫ୍‌ର ଡିଆଇଜି ଶୈଳେନ୍ଦ୍ର କୁମାର ସିହ୍ନା ଉପସ୍ଥିତ ରହି ଯୁବକ ଯୁବତୀମାନଙ୍କୁ କିପରି ସେଠାକୁ ଯିବେ ଏବଂ ସେଠାରେ କିପରି ବିଭିନ୍ନ ବିଷୟରେ ଜାଣିପାରିବେ ସେନେଇ ଏକ ସାମ୍ୟକ ସୂଚନା ପ୍ରଦାନ କରିଥିଲେ।ପରେ ସେ ସବୁଜ ପାତାକା ଦେଖାଇ ଗୁଜରାଟ ଅଭିମୁଖେ ବାହାରିଥିବା ବସକୁ ଛାଡିଥିଲେ। ତେବେ ଗୁଜରାଟ ଗସ୍ତରେ ଜିଲ୍ଲାର ୩୨ ଜଣ ଯୁବକ ଏବଂ ୩୮ ଜଣ ଯୁବତୀ ଯାଉଥିବା ଜଣାପଡିଛି।ତେବେ ଏହି ଗସ୍ତରେ ସେମାନେ ୭ ଦିନରେ ଗୁଜରାଟର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ସହ ମୁଖ୍ୟମନ୍ତ୍ରୀ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ, ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ସିନେମା ଷ୍ଟାର, ସଫଳ ବ୍ୟକ୍ତିତ୍ୱ, ଖେଳାଳି ଏଥିସହ ବିଭିନ୍ନ ଖେଳ ମଧ ଦେଖିବେ। ଗୁଜରାଟର ସଂସ୍କୃତି ସଂପର୍କରେ ଜାଣିବା ସହ ବଡ ବଡ କମ୍ପାନି ଦେଖିବାର ସୁଯୋଗ ପାଇବେ। କିପରି ଆତ୍ମନିର୍ଭରଶୀଳ ହେବେ ସେନେଇ ମଧ ଏହି ଯୁବକଯୁବତୀମାନଙ୍କୁ ଶିକ୍ଷା ପ୍ରଦାନ କରାଯିବ ବୋଲି କୁହାଯାଇଛି। ମାଲକାନଗିରି ଜିଲ୍ଲାରେ ବିଏସଏଫ କେବଳ ନକ୍ସଲ ଦମନ ନେଇ କାମ କରୁନାହିଁ ବରଂ ଜିଲ୍ଲାର ବିକାଶ, ଜିଲ୍ଲାର ଆଦିବାସୀ ଯୁବକଯୁବତୀମାନେ ଯେପରି ହିଂସା ପଥକୁ ଅନୁସରଣ ନକରିବେ ସେଥିପ୍ରତି ମଧ କାମ କରୁଥିବା ଦେଖିବାକୁ ମିଳିଛି। ସ୍ୱାଭିମାନ ଅଂଚଳ ହେଉ ବା ଦୁର୍ଗମ ଅଂଚଳ ହେଉ ସବୁ ଠାରେ ବିଏସଏଫ ସୁରକ୍ଷା ପ୍ରଦାନ କରି ପ୍ରଶାସନକୁ ବିକାଶ କାର୍ଯ୍ୟରେ ସହଯୋଗ କରିଆସୁଛି। ଲଗାତାର ପ୍ରତିବର୍ଷ ଜିଲ୍ଲାର ବିଭିନ୍ନ ଅଂଚଳରୁ ବଛା ବଛା ଯୁବକଯୁବତୀଙ୍କୁ ଦେଶର ବିଭିନ୍ନ ଅଂଚଳ ବୁଲାଇ ସେମାନଙ୍କୁ କିପରି ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବେ ସେଥିପ୍ରତି କାମ କରୁଛନ୍ତି। ଏଥିସହ ଦେଶ ରକ୍ଷା ପାଇଁ ସେମାନେ ଆଗକୁ ଆସି ଦେଶର ସୁରକ୍ଷା ବିଭାଗରେ ମଧ ଭାଗ ନେବା ପାଇଁ ତାଲିମ ପ୍ରଦାନ କରୁଛନ୍ତି ।ତେବେ ବିଏସଏଫର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## କଳାଗୁଡାରେ ଅବକାରୀ ବିଭାଗର ମିଳିତ ଚଢାଉ

ଜୟପୁର ,୧୪/୧୦ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡାରେ ଜୟପୁର ସଦର ପୋଲିସ, ବୋରିଗୁମ୍ମା, ବୈପାରିଗୁଡା ଓ ଜୟପୁର ଅବକାରୀ ବିଭାଗର ମିଳିତ ଚଢାଉ କରାଯାଇଛି । ଚଢାଉ କରି ବହୁ ମଦ ଭାଟି ଭାଙ୍ଗିବା ସହ ୧୭ ଶହ ଲିଟର ପୋଚ ଓ ୧୨୦ ଲିଟର ଦେଶୀ ମଦକୁ ଜବତ କରି ନଷ୍ଟ କରିଛି । ଘଟଣାସ୍ଥଳରୁ ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଅବକାରି ବିଭାଗ ତରଫରୁ ସୂଚନା ଦିଆଯାଇଛି ।

# ଉତ୍କଳ ସମ୍ମିଳନୀର ବୈଠକ

ଜୟପୁର ,୧୪/୧୦ (ନି.ପ୍ର): ଉତ୍କଳ ସମ୍ମିଳନୀର କୋରାପୁଟ ଶାଖା ତରଫରୁ ସ୍ଥାନୀୟ ଯାଦବ ଭବନ ଠାରେ ସଭାପତି ମଦନମୋହନ ନାୟକଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ସଭା ଆରମ୍ଭରେ ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ସ୍ୱର୍ଗତ ଗୁରୁପଦ ମହାନ୍ତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସଭ୍ୟ ପ୍ରଫୁଲ୍ଲ କୁମାର ଦାଶ ପ୍ରଥମେ ସଭାର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନଙ୍କୁ ଅବଗତ କରାଇଥିଲେ । ଆଲୋଚନାରେ ରାଜ୍ୟ ସମ୍ପାଦକ ବିରେନ୍ ମୋହନ୍ ପଟ୍ଟନାୟକ, ଉପଦେଷ୍ଟା ବିନୋଦ ମହାପାତ୍ର, ରାମକୃଷ୍ଣ ସାହୁ, ବାଲାରାୟ , ସଙ୍ଗଠନ ସମ୍ପାଦକ ପରମେଶ୍ୱର ପାତ୍ର, ମାଧବ ଚୌଧୁରୀ, ପ୍ରମୋଦିନୀ ହୋତା, ମୀନ କେତନ ପରିଚ୍ଛା ପ୍ରମୁଖ ଆଲୋଚନାରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ସଭ୍ୟ ସଂଗ୍ରହ, ସହରର ବିଜ୍ଞାପନରେ ଓଡିଆ ଭାଷା ବ୍ୟବହାର, ମ୍ୟୁନିସିପାଲିଟି ଦ୍ୱାରା ନିର୍ମାଣ ହୋଇଥିବା ମହାପୁରୁଷମାନଙ୍କର ମୂର୍ତ୍ତି ଗୁଡ଼ିକ ମଧ୍ୟରୁ ମହାରାଜ ବିକ୍ରମ ଦେବ କଲେଜ ସମ୍ମୁଖରେ ଥିବା ମୂର୍ତ୍ତି ଓ ପୂର୍ବ ହସ୍ ପିଟାଲ ଆଗରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ମୂର୍ତ୍ତି ଶୀଘ୍ର ବଦଳାଇ ତାଙ୍କ ର ଅବିକଳ ମୂର୍ତ୍ତି ସ୍ଥାପନ, ସମସ୍ତ ବ୍ୟବସାୟୀମାନେ ସେମାନଙ୍କ ହୋଡିଙ୍ଗରେ ଓଡିଆ ଅକ୍ଷରରେ ଲିଖନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ, ନଚେତ୍ ସରକାରୀ ଚାପ ପ୍ରୟୋଗ କରାଯିବା ନେଇ ଆଲୋଚନା ହୋଇଥିଲା । ନବୀନ ମାଦଳା ସଂପାଦକୀୟ ସୂଚନା ଦେଇଥିବା ବେଳେ କୋଷାଧକ୍ଷ ନରେଶ ମହାକୁଡ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼, ଦେବେନ୍ଦ୍ର ବାହିନୀପତି, ଅନି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ପ୍ରଥମ ବୈଠକ

ଖୋର୍ଦ୍ଧା ,୧୪/୧୦ (ନି.ପ୍ର): ଗୁରୁବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ପ୍ରଥମ ବୈଠକ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଉପଭୋକ୍ତା ମାନଙ୍କ ଅଧିକାର ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି । ଉପଭୋକ୍ତା ମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି । ବଜାରରୁ ବିଭିନ୍ନ ସାମଗ୍ରୀ କ୍ରୟବେଳେ ଉପଭୋକ୍ତା ମାନେ ଏହାର ମାନ, ଗୁଣବତା, ବ୍ୟବହାର୍ଯ୍ୟ ତାରିଖ ଆଦି ଯାଂଚ୍ କରିବା ନିମନ୍ତେ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ମିତ୍ର ଯୋଗଦେଇ ଉପଭୋକ୍ତା ମାନଙ୍କ ଥିବା ବିଭିନ୍ନ ଅଧିକାର ସମ୍ପର୍କରେ ଆଲୋଚନା କରିଛନ୍ତି । ଖାଉଟି ବଜାରର ପରିସୀମା ସମୟକ୍ରମେ ବ୍ୟାପକ ହେଉଥିବାରୁ ଅନେକ ନକଲି ସାମଗ୍ରୀ ଉପଲବ୍ଧ ହେଉଥିବାରୁ ଗ୍ରାହକ ମାନେ ସଚେତନ ହେବା ନେଇ ମତବ୍ୟକ୍ତ କରିଥିଲେ । ଖାଉଟି ମାନେ କୌଣସି ସ୍ଥାନରେ ଠକାମିର ଶିକାର ହେଲେ ସଂପୃକ୍ତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ କରିପାରିବେ ବୋଲି ଶ୍ରୀ ମିତ୍ର ମତବ୍ୟକ୍ତ କରିଛନ୍ତି । ପ୍ରାରମ୍ଭରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ । ଉପଭୋକ୍ତା ମାନେ ସାମଗ୍ରୀ କ୍ରୟ ବେଳେ ବୈଧ ରସିଦ ସଂଗ୍ରହ କରିବାକୁ ସେ ପରାମର୍ଶ ଦେଇଛନ୍ତି । ସେହିଭଳି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲ୍ଲା ଯୋଗାଣ ଅଧିକାରୀ ସୁଗଡା ମୁର୍ମୁ ଯୋଗଦେଇ ବିଭିନ୍ନ ସାମଗ୍ରୀ କ୍ରୟ ବେଳେ ସରକାରଙ୍କ ପକ୍ଷରୁ ସ୍ୱୀକୃତି ଥିବା ଚିହ୍ନକୁ ଯାଂଚ୍ କରିବାର ଆବଶ୍ୟକତା ରହିଥିବା କହିଥିଲେ । ଖାଉଟି ମାନେ ସଚେତନ ହେଲେ ଶଠ ସଂସ୍ଥା ଗୁଡିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଏସଡିପିଓ ଦିଲ୍ଲିପ କୁମାର ଦାସ, ବୈଧ ଓଜନ ମାପ ବିଜ୍ଞାନ ଅଧିକାରୀ, ଭାରତୀୟ ତୈଳ ନିଗମ ପ୍ରତିନିଧି, ଓକିଲ, ସାମ୍ବାଦିକ, ସ୍ୱେଚ୍ଛାସେବୀ, ବୁଦ୍ଧିଜିବୀ ପ୍ରମୁଖ ଯୋଗଦେଇ ଖାଉଟି ଅଧିକାର ଓ ସୁରକ୍ଷା ଉପରେ ମତବ୍ୟକ୍ତ କରିଥିଲେ ।

# ସାଇମରା ଗ୍ରାମରେ ଗୋଷ୍ଠୀ ସଙ୍ଘର୍ଷ: ଉଭୟ ଗୋଷ୍ଠୀର ୩ ଗୁରୁତର

ବଲାଙ୍ଗିର ,୧୪/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଟିକ୍ରାପଡା ଫାଣ୍ଡି ଅଧିନସ୍ଥ ସାଇମରା ଗାଁରେ ଦୋକାନ ଘର ଭଙ୍ଗାରୁଜା କରିବା ସହ ସାମଗ୍ରୀ ଫୋପାଡ଼ିବାକୁ ନେଇ ଉଭୟଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଏନେଇ ସାଇମରା ଗାଁର ଅର୍ଜୁନ ଧରୁଆ ସଇଁତଲା ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଅଭିଯୋଗକୁ ଭିତ୍ତି କରି ଥାନା କେସ ନଂ୨୮୭ /୨୨ରେ ଦଫା ୧୪୭/ ୧୪୮/ ୪୫୦/ ୨୯୪/ ୩୦୭/ ୪୨୭/ ୩୭୯/ ୧୪୯ ଆଇପିସିରେ ମାମଲା ରୁଜୁ କରିଛି । ଏନେଇ ସଇଁତଲା ଆଇଆଇସି ଅବନୀ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଥାନା ଏସ୍ ?ଆଇ ପ୍ରସନ୍ନ ନାୟକ ଘଟଣାର ତଦନ୍ତ ଚଲାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ସାଇମାର ଗ୍ରାମର ଅର୍ଜୁନ ଧରୁଆ ନିଜ ଘରେ ଏକ କିରାନା ଦୋକାନ କରିଥିବା ବେଳେ ହଠାତ୍ ଗତ ୧୨ ତାରିଖ ଦିନ ଅପରାହ୍ନ ସମୟରେ କେଓମାଲ ଗାଁର ରାକେଶ ଭୋଇ, ଜୁରାବନ୍ଧ ଗାଁର ପ୍ରଦୀପ ଧରୁଆ ଓ ପ୍ରକାଶ ଧରୁଆଙ୍କ ସହ ତାଙ୍କର ୫ରୁ ୭ ଜଣ ସହଯୋଗୀ ଯୁବକ ଯାଇ ଦୋକାନ ଗୃହ କବାଟକୁ ଭଙ୍ଗାରୁଜା କରିବା ସହ ସାମଗ୍ରୀ ଫୋପାଡ଼ି ଦେଇଥିଲେ। ଏହି ସମୟରେ ଖର୍ସେଲବାଞ୍ଜି ଗାଁର ଯଶୋବନ୍ତ ଧରୁଆ ବ୍ୟକ୍ତି ଜଣକ ଅର୍ଜୁନଙ୍କ ଘରକୁ କୁଣିଆ ଆସିଥିଲେ। ଏହି ଘଟଣାକୁ ସେ ବାରଣ କରିବାରୁ ତାଙ୍କୁ ଆକ୍ରମଣ ହୋଇଛି। ଏହାପରେ ଅର୍ଜୁନଙ୍କ ଘରକୁ ଆସିଥିବା ଯଶୋବନ୍ତ ଧରୁଆ ଓ ଅର୍ଜୁନଙ୍କ ବଡଭାଇ ବୀରଙ୍କୁ କବାଟ ଭାଙ୍ଗୁଥିବା ଯୁବକମାନେ ହଠାତ୍ ଖଣ୍ଡା ଯୋଗେ ଆକ୍ରମଣ କରିଥିଲେ ।ଯାହା ଫଳରେ ଅର୍ଜୁନଙ୍କ ବଡଭାଇ ବୀର ଓ ଯଶୋବନ୍ତ ଗୁରୁତର ହେବା ପରେ ସଙ୍ଗେସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ସଇଁତଲା ଡାକ୍ତରଖାନା ଆଣି ପ୍ରାଥମିକ ଚିକିତ୍ସା କରି ବଲାଙ୍ଗିର ଭୀମଭୋଇ ମେଡିକାଲକୁ ପଠାଯାଇଥିଲା। ଏଥିରେ ଯଶୋବନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗିରରୁ ବୁର୍ଲା ବୀର ସୁରେନ୍ଦ୍ର ସାଏ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଅପରପକ୍ଷେ ଆକ୍ରମଣକାରୀ ଗୋଷ୍ଠୀର ରାକେଶ ଭୋଇଙ୍କୁ ସାଇମରା ଗାଁ ଲୋକେ ଧରି ନିସ୍ତୁକ ମାଡ ମାରିଥିବା ଜଣାପଡିଛି । ଏଥିରେ ରାକେଶର ସହଯୋଗୀ ମାନେ ଘଟଣାସ୍ଥଳରୁ ଫେରାର ମାରିଥିଲେ । ଖବର ପାଇ ଟିକ୍ରାପଡା ଫାଣ୍ଡି ଅଧିକାରୀ ଗୋପାଳଚନ୍ଦ୍ର ମିଶ୍ର ସାଇମରା ଗାଁରେ ପହଞ୍ଚି ରାକେଶଙ୍କୁ ସଇଁତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଅବସ୍ଥା ଗୁରୁତର ଥିବାରୁ ରାକେଶଙ୍କୁ ସଇଁତଲାରୁ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ ପୋଲିସ କଡା ନଜର ରଖି ତଦନ୍ତ ଆରମ୍ଭ ଚଳାଇଛି। ଖୁବ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ଜିଲ୍ଲା ଗ୍ରାହକ ସୁରକ୍ଷା ପରିଷଦର ପ୍ରଥମ ବୈଠକ

ଗଂଜାମ,୧୪/୧୦ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ଗ୍ରାହକ ସୁରକ୍ଷା ପରିଷଦର ପ୍ରଥମ ବୈଠକ ଜିଲ୍ଲାପାଳ-ତଥା- ଗ୍ରାହକ ସୁରକ୍ଷା ପରିଷଦର ଅଧକ୍ଷ ଶ୍ରୀ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧକ୍ଷତାରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ-ତଥା- ଗ୍ରାହକ ସୁରକ୍ଷା ପରିଷଦର ସମ୍ପାଦକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗ୍ରାହକ ସୁରକ୍ଷା ବିଷୟରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦର ଭୂମିକା ଏବଂ ଦାୟିତ୍ୱ ଛଅ ଗୋଟି ଉପଭୋକ୍ତା ଅଧିକାର ବିଷୟରେ ଆଲୋଚନା ହୋଇଥିଲା । ଗ୍ରାହକ ସୁରକ୍ଷା ଆଇନ୍ -୨୦୧୯ ର ଉଦ୍ଦେଶ୍ୟ ଓ ଏହାର ଆଭିମୁଖ୍ୟ ବିଷୟରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା । ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା କରିବା ଏବଂ ଉପଭୋକ୍ତା ବିବାଦର ସମାଧାନ ପାଇଁ ଏକ ସ୍ଥିର ତଥା ଦୃଢ ପ୍ରଣାଳୀ ପ୍ରତିଷ୍ଠା କରିବା ଏହି ଆଇନ୍ ର ମୂଳ ଲକ୍ଷ୍ୟ । ଜୀବନ ଏବଂ ସମ୍ପତି ପାଇଁ ବିପଦ ଜନକ ଦ୍ରବ୍ୟ ବ୍ୟବହାର ନକରିବା ପାଇଁ ସଚେତନ କରାଯାଇଥିଲା । ଗ୍ରାହକଙ୍କୁ ସାମଗ୍ରୀର ଗୁଣବତା, କ୍ଷମତା, ପରିମାଣ ମାନକ, ଶୁଦ୍ଧତା ଏବଂ ମୂଲ୍ୟ ବିଷୟରେ ସୂଚନା ଦେବା, ଗ୍ରାହକଙ୍କ ଅଧିକାର ଏବଂ ସ୍ୱାର୍ଥର ସୁରକ୍ଷା ପାଇଁ ଗ୍ରାହକ ସୁରକ୍ଷା ପରିଷଦ ଗଠନ କରିବା , ଲୋକମାନଙ୍କର ସୁବିଧା ଅସୁବିଧା ବୁଝିବା, ଦ୍ରବ୍ୟର ମୂଲ୍ୟ, ଦ୍ରବ୍ୟ ପ୍ୟାକିଂ ତାରିଖ ଏବଂ ଅବଧି ଶେଷ ତାରିଖ ତଦାରଖ କରିବାକୁ ନିଷ୍ପତି ନିଆଯାଇଥିଲା । ଗ୍ରାମାଂଚଳରେ ଗ୍ରାହକ ମାନଙ୍କୁ ସଚେତନ କରାଇବା, ବ୍ଲକ୍, ତହସିଲ, ବିଜ୍ଞାପିତ ଅଂଚଳ ପରିଷଦ ସ୍ତରରେ ଗୋଟିଏ ଗୋଟିଏ ସଚେତନତା ଶିବିର କରି ଗ୍ରାହକ ମାନଙ୍କୁ ବୁଝାଇବାକୁ ପଡିବ । ଅନ୍ ଲାଇନ୍ ରେ ମଧ ଗ୍ରାହକ ମାନଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ ବିଦ୍ୟାଳୟ ଗୁଡିକରେ ଟେଷ୍ଟିଂ ଲ୍ୟାବ୍ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ପରିଡା ପରାମର୍ଶ ଦେଇଥିଲେ । ଜାତୀୟ ଖାଉଟି ସହାୟତା ନମ୍ବରରେ ଗ୍ରାହକ ଅଭିଯୋଗ ଦାଖଲ କରିପାରିବେ । ଅନ୍ ଲାଇନ୍ ଠକେଇ ବିଷୟରେ ମଧ ଆଲୋଚନା କରାଯାଇଥିଲା । ମିଥ୍ୟା ଓ ବିଭ୍ରାନ୍ତିକର ବିଜ୍ଞାପନ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି । ଆମ ରାଜ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଉପଭୋକ୍ତା ସୁରକ୍ଷା କେନ୍ଦ୍ର, ଉପଭୋକ୍ତା ପରାମର୍ଶ କେନ୍ଦ୍ରରେ ଗ୍ରାହକ ଅଭିଯୋଗ କରିପାରିବେ । ଜିଲ୍ଲା ଉପଭୋକ୍ତା ବିବାଦସମାଧାନ ଆୟୋଗର ସଦସ୍ୟ ସତୀଶ୍ ପାଣିଗ୍ରାହୀ ସମସ୍ତ ବିଷୟ ଉପସ୍ଥାପନ କରିଥିଲେ । ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପୁଷାମୁଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବୈଠକରେ ଦୁଇ ଜଣ ବିଧାୟକ ଏବଂ ବିଧାୟକଙ୍କ ପ୍ରତିନିଧିଗଣ, ଜିଲ୍ଲା ଗ୍ରାହକ ସୁରକ୍ଷା ପରିଷଦର ସଭ୍ୟ ପ୍ରଶାନ୍ତ କୁମାର ମହାରଣା, ସୟଦ ମୁକ୍ତାର, ସାଗରୀକା ପଣ୍ଡା, ରାଜୀବ ଲୋଚନ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସଭ୍ୟ/ସଭ୍ୟା ଏବଂ ଅନ୍ୟାନ୍ୟ ସଂପୃକ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ଦେଲା ଆଶାକର୍ମୀ ସଂଘ

କେନ୍ଦ୍ରାପଡ଼ା ,୧୪/୧୦ (ନି.ପ୍ର): ନିଖିଳ ଓଡିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ଏକ ୮ ଦଫା ଦାବିପତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏଆଇଟିୟୁସି ଆନୁକୁଲ୍ୟରେ ଏହି ଦାବିପତ୍ରରେ ମେଡିକାଲକୁ ଆସୁଥିବା ପ୍ରସୂତି ମହିଳାଙ୍କୁ ନର୍ସିଂହୋମକୁ ପଠାଯାଇ ଆଶାକର୍ମୀ ଙ୍କୁ ପାରିଶ୍ରମରୁ ବଂଚିତ କରାଯାଉଛି । ମାର୍ଶାଘାଇ ସିଏଚସିରେ ଆଶାକର୍ମୀଙ୍କୁ ଆଶାଗୃହ ଯୋଗାଇ ଦେବା ସହ ପ୍ରତ୍ୟେକ ସେକ୍ଟରରେ ମିଟିଂ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ଆଶାଗୃହ ଦିଆଯାଉ । ମାର୍ଶାଘାଇ ସିଏଚସି ରେ ଫ୍ୟାମିଲ ପ୍ଲାନିଂ ଟଙ୍କା ତୁରନ୍ତ ପ୍ରଦାନ କରାଯିବା ପାଇଁ ଦାବି । ଆଶାଗୃହ ଗୁଡିକୁ ଆଶାକର୍ମୀ ରାତିରେ ରହିବା ଉପଯୋଗୀ କରାଯାଉ । ଓଡିଶା ସରକାରଙ୍କର ବର୍ଦ୍ଧିତ ୧ ହଜାର ଟଙ୍କା ଆସିଛି କି ନାହିଁ ତାହା ଅବଗତ କରାଯିବା ଆଦି ଦାବି ଗୁଡିକ ରହିଛି । ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ମିର୍ଜା ବାବର ବେଗଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ଆଶାକର୍ମୀ ସଂପାଦିକା କ୍ରାନ୍ତିପ୍ରଭା ନାୟକ, ନନ୍ଦିନି ସ୍ୱାଇଁ, କବିତା ସାମଲ, ବନ୍ଦନା ମଲିକ, ସୁକାନ୍ତୀ ବେହେରା ପ୍ରମୁଖ ଆଶାକର୍ମୀ ମାନେ ଉପସ୍ଥିତ ଥିଲେ ।

# ଗ୍ରହ ସଂସ୍କାର

**ଶ୍ରୀ ପରେଶ ଚନ୍ଦ୍ର ସାହୁ**
ଅବସରପ୍ରାପ୍ତ ଅତିରିକ୍ତ କୃଷି ନିର୍ଦ୍ଦେଶକ, ଓଡ଼ିଶା ସରକାର
ମୋ.ନଂ- ୯୪୩୭୦୬୮୯୧୯



ମଣିଷ କିପରି ସୁସ୍ଥ ଏବଂ ଶାନ୍ତିରେ ଜୀବନ ବିତାଇ ପାରିବ ଯୁଗେ ଯୁଗେ ମୁନି ଋଷି ମାନେ ତପସ୍ୟା କରି ନିଜ ନିଜର ସିଦ୍ଧାନ୍ତକୁ ମାନବ ସମାଜର କଲ୍ୟାଣ ପାଇଁ ଛାଡ଼ି ଯାଇଛନ୍ତି । ଏଥିରେ ମୁଖ୍ୟ ତଥା ସାଧନ ପ୍ରଧାନ ତତ୍ତ୍ୱ ହେଉଛି ସଂସ୍କାର, କାରଣ ମାତୃଗର୍ଭରୁ ପୂର୍ଣ୍ଣ ସଂସ୍କାରଯୁକ୍ତ ହୋଇ ଜନ୍ମ ହୋଇଥାନ୍ତି ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ । ଆମେ ମାନେ ତେଣୁ ଉନ୍ନତ ଧର୍ମ ଆଚରଣ କରିଥାଉ । ବାଲୁଙ୍ଗା ନବାଛିଲେ ଯେପରି ଧାନ ଠିକ ହୁଏ ନାହିଁ ସେପରି ପିଲାଙ୍କ ଠାରେ ଦୁର୍ଗୁଣ ଗୁଡ଼ିକ କାଢ଼ି ନଦେଲେ ଆମେ ଚାହୁଁଥିବା ଯରତ୍ୱସକ୍ସରୟ ମଷବକ୍ସବମଶ୍ବରକ୍ସ ସହ ପିଲା ଆମକୁ ପ୍ରାପ୍ତ ହୋଇପାରନ୍ତି ନାହିଁ । ଏହାର ଏକମାତ୍ର କାରଣ ମଣିଷ ଦେହରେ କ'ଣ ସବୁ ଗୁଣ ରହିବ ଆମକୁ ମଧ ଜଣାନାହିଁ । ଏପରି କୌଣସି ଭଲଗୁଣ ନାହିଁ ଯାହା ରାମଚନ୍ଦ୍ରଙ୍କ ଠାରେ ନଥିଲା । ଯାହା ଫଳରେ ପରବର୍ତ୍ତୀ ସମୟରେ ମର୍ଯ୍ୟାଦା ହାନୀ କରୁଥିବା ରାକ୍ଷସ ପରମ୍ପରାର ଅବସାନ ଘଟାଇବା ପୂର୍ବକ ରାବଣର ଅନ୍ତ କରିଥିଲେ ।

ସୁତରାଂ ମଣିଷର ପ୍ରଧାନ ଶତ୍ରୁ ହେଉଛି ରାକ୍ଷସ । କାମନାଯୁକ୍ତ ମଣିଷ । କାରଣ ରାକ୍ଷସମାନେ ପ୍ରତ୍ୟେକ ସମୟରେ ମଣିଷ ମାନଙ୍କ ସହ ବିରୁଦ୍ଧ ଆଚରଣ କରିଥାନ୍ତି । ଏଇଟା ହେଉଛି ପ୍ରକୃତି । ପଶୁ ମାନଙ୍କର ସ୍ୱଭାବ ଯଦି ମଣିଷଠାରେ ପ୍ରକାଶ ପାଏ ଆମେ ତାକୁ ତାର ପ୍ରକୃତି ବୋଲି କହିଥାଉ । ଆଉ ସେଇ ପ୍ରକୃତିକୁ ଯଦି ଠିକ୍ ଭାବରେ ଦମନ କରାନଯାଏ ପରବର୍ତ୍ତୀ ସମୟରେ ଏଇଟା ତାର ପରିଚୟ ହୋଇଯାଏ । ପୁରୁଷାକାର ବା ଚେତନା ସେଇ ମଣିଷ ଦେହରେ ସ୍ଥାନ ପାଏ ନାହିଁ । ସେ ମଣିଷ ପଦବାଚ୍ୟ ହୋଇପାରେ ନାହିଁ । ତେଣୁ ମଣିଷ ହୋଇ ଯଦି ମଣିଷଟିଏ ହୋଇପାରେ ନାହିଁ ମଣିଷର କର୍ତ୍ତବ୍ୟ କରିପାରେ ନାହିଁ, ସମାଜର ବୋଝକୁ ହାଲୁକା କରିବା ପରିବର୍ତ୍ତେ ନିଜେ ଗୋଟେ ବୋଝ ହୋଇଯାଏ । ପୂର୍ବ ସମୟରେ ଗୁରୁକୁଳ ଗୁଡ଼ିକ ଥିଲା ମଣିଷ ତିଆରି କାରଖାନା । ସଂସ୍କାରକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା ।

ମହାଭାରତର କୁରୁକ୍ଷେତ୍ରରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ବିଷାଦ ଦୂର କରିବା ପାଇଁ ଯେଉଁ କେତେକ ସତ୍ୟ ସିଦ୍ଧାନ୍ତର ଅବତାରଣା କରିଥିଲେ ସେଥି ମଧ୍ୟରେ ଆତ୍ମଜ୍ଞାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାହିଁକିନା ଆତ୍ମା ଶରୀରକୁ ଗଠନ କରିଥାଏ, ପ୍ରଭାବିତ କରିଥାଏ ଏବଂ ଶରୀର ପୁରୁଣା ହୋଇଗଲେ ଘଟ ପରିବର୍ତ୍ତନ କରିଦିଏ । ସାଂଖ୍ୟା ଯୋଗରେ ଆତ୍ମା ବିଷୟରେ ଅନେକ ଗୁଡ଼ିଏ ଶ୍ଲୋକର ଅବତାରଣା କରାଯାଇଅଛି । ପିଲାଟିଏ ଜନ୍ମ ହେଲେ ତା ଉପରେ ଆତ୍ମାର ପ୍ରଭାବ ପଡ଼ିଥାଏ । ଆତ୍ମାର ସରଳ ସଜ୍ଞା ହେଲା "ଆତ୍ମା ଏକ ଆଲୌକିକ ସତ୍ତା" । ସୁତରାଂ ବିଶ୍ୱ ବ୍ରହ୍ମାଣ୍ଡରୁ ଆଲୋକ ସବୁ ତରଙ୍ଗ ଆକାରରେ ଆସି ଶରୀର ଉପରେ ପ୍ରଭାବ ପକାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜନ୍ମ ସମୟର ଚନ୍ଦ୍ରର ସ୍ଥିତି, ନକ୍ଷତ୍ରକୁ ନେଇ ନବଗ୍ରହର କ'ଣ ପ୍ରଭାବ ପଡ଼ିପାରେ ଗଣନା କରାଯାଏ । ମହାଭାରତର ରଚୟତା ବ୍ୟାସଦେବଙ୍କର ପିତା ପରାଶର ମୁନି ଥିଲେ ଜଣେ ବିଶିଷ୍ଟ ଜ୍ୟୋର୍ତିବିଦ । ତାଙ୍କର ଆଉଗୋଟେ ଗୁଣ ଥିଲା ସେ ଥିଲେ ଅତିମାତ୍ରାରେ ସମ୍ବେଦନଶୀଳ । କେଉଁ ଗ୍ରହର ପ୍ରଭାବ ତାଙ୍କ ଉପରେ ପଡ଼ିଲେ ସେ ଅନୁଭବ କରି ବ୍ୟକ୍ତ କରିପାରୁଥିଲେ । ସେତେବେଳେ ଗ୍ରହ ଚିକିତ୍ସା ବା ଗ୍ରହ ସଂସ୍କାର ଏପରି ସଠିକ ଭାବେ କରାଯାଉଥିଲା ଚିକିତ୍ସା ବିଜ୍ଞାନର (ଅଥର୍ବ ବେଦ) ଆବଶ୍ୟକତା ନଥିଲା । ପରବର୍ତ୍ତୀ ସମୟରେ ଅଥର୍ବ ବେଦର ଅବତାରଣା କରିବା ପାଇଁ ବ୍ୟାସଦେବଙ୍କୁ ବାଧ କରାଯାଇଥିଲା ।

ବର୍ତ୍ତମାନ ସମୟରେ ଗ୍ରହ ଚିକିତ୍ସାର ପ୍ରଚଳନ ନାହିଁ କହିଲେ ଚଳେ । ଭୁତ, ଡ଼ାହାଣୀ ପାଇଁ ତାବିଜ, ଡ଼େଉଁରିଆ ଏବଂ ଗ୍ରହଦୋଷ କାଟିବା ପାଇଁ ମୁଦିରେ ବିଭିନ୍ନ ପ୍ରକାରର ପଥର ପିନ୍ଧିବା ଛଡ଼ା ଆଉ କିଛି ଉପାୟ ନାହିଁ କହିଲେ ଚଳେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନବଗ୍ରହ ମାନେ ସୂର୍ଯ୍ୟ ଚାରିପଟେ ବୁଲୁଥିବା ନଅଟି ଗ୍ରହକୁ ଏବେର ପୀଢ଼ି ବୁଝୁଛନ୍ତି । ସପ୍ତାହର ସାତଦିନ ଯଥା ରବି (ସୂର୍ଯ୍ୟ) ଠାରୁ ଶନି ତଥା ରାହୁ ଏବଂ କେତୁକୁ ନେଇ ଯେ ନବଗ୍ରହର ପରିକଳ୍ପନା ତାକୁ ସବୁ ଭୁଲିଗଲେଣି । ଇଂରେଜମାନଙ୍କର ଚକ୍ରାନ୍ତ ହୋଇପାରେ କିମ୍ବା ଆମ୍ଭ ମାନଙ୍କର ଅଜ୍ଞତା ଗ୍ରହଦୋଷର ସଂସ୍କାର ଆଉ ସଠିକ୍ ଭାବରେ ହୋଇପାରୁ ନାହିଁ । ଏକଥା ସତ୍ୟ ସୂର୍ଯ୍ୟ ଏକ ମଧ୍ୟମ ଧରଣର ତାରା ଯିଏ ସୌର ମଣ୍ଡଳର ମଧ୍ୟରେ ଥାଇ ସୌର ଜଗତକୁ ପରିଚାଳନା କରୁଛି । ସୂର୍ଯ୍ୟକୁ ଆଦ୍ୟ ଗ୍ରହ ହିସାବରେ ନିଆ ହୋଇଛି ଏଇଥିପାଇଁ ପୃଥିବୀ ଉପରେ ତଥା ମାନବ ସମାଜ ଉପରେ ତା'ର ପ୍ରଭାବ ପଡୁଛି । ସେଇପରି ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି ଏବଂ ଛାୟା ଗ୍ରହ ଦ୍ୱୟ ରାହୁ ଏବଂ କେତୁ । ଏହା ଏକ ସୂକ୍ଷ୍ମ ଚେତନାର କଥା । ସୂର୍ଯ୍ୟ ଆତ୍ମା ଉପରେ ପ୍ରଭାବ ପକାଏ । ଚନ୍ଦ୍ର ମନ ଉପରେ ପ୍ରଭାବ ପକାଏ । ଜ୍ୟୋତିଷ ଶାସ୍ତ୍ରର ଗଭୀରତା ଅନେକ ବେଶୀ । ସେସବୁକୁ ଏଠାରେ ଆଲୋଚନା କରାଯାଉନାହିଁ । ବିଜ୍ଞାନର ଅଗ୍ରଗତି ତଥା ସୌର ଜଗତ ବିଷୟରେ discovery ପରେ ଗ୍ରହ ଏବଂ ଉପଗ୍ରହ ମାନଙ୍କର ଗଠନ ବିଷୟରେ ଜାଣିଲେ ଆମେ ନିଜ ବିଷୟରେ ଜାଣି ପାରିବା ।

ମଣିଷ ମାନଙ୍କର ବଂଶ ବିଷୟରେ ଯଦି ଜାଣିବା ଦେଖିବା ମଣିଷ ତିନି ବଂଶ ବିଶିଷ୍ଟ ଯଥା ସୂର୍ଯ୍ୟବଂଶ, ଅଗ୍ନିବଂଶ ଏବଂ ଚନ୍ଦ୍ରବଂଶ । ସୂର୍ଯ୍ୟବଂଶ ବିଷୟରେ ଯଦି ଆମେ ଆଲୋଚନା କରିବା ଦେଖିବା କ୍ଷତ୍ରିୟ ଜାତୀୟ ମଣିଷର ସବୁ ଭଲ ଗୁଣ ସହିତ ଜନ୍ମ ନେଇଥାନ୍ତି । ଯେପରି ରାମଚନ୍ଦ୍ର । ସେ ବିବେକବାନ, ବିଚାରଶକ୍ତି ସମ୍ପନ୍ନ । ସ୍ନେହ, ପ୍ରେମ ଭଲପାଇବା ବିଶେଷକରି ତ୍ୟାଗ ମନୋଭାବ ତାଙ୍କ ଠାରେ ଥିଲା । ସୂର୍ଯ୍ୟପରି ଜୀବନଯାକ ଜଳିଥାନ୍ତି । ପ୍ରତିବାଦ ନୁହେଁ ପ୍ରତିରୋଧ (protest) କରିବାର ଶକ୍ତି ତାଙ୍କ ପାଖରେ ଥାଏ । ଉପଯୁକ୍ତ ଶାସକ ହୋଇପାରନ୍ତି । ଅଗ୍ନିବଂଶ ହେଲା ବସୁ ମାନଙ୍କର ବଂଶ । ରାତ୍ରହେଲେ ସୂର୍ଯ୍ୟ ଅଗ୍ନିରେ ପ୍ରବେଶ କରେ । ଏଇ ବଂଶରେ ଭଗବାନ ଜନ୍ମ ନେଇଥାନ୍ତି । ଉଦ୍ଭିଦ ଯେପରି ସୂର୍ଯ୍ୟର ଉତ୍ତାପକୁ ଅଗ୍ନି ଭାବରେ ସାଇତି ରଖେ ସେମାନେ କ୍ରୋଧ ପ୍ରକାଶ କରନ୍ତି ନାହିଁ । ସେମାନେ କର୍ମକୁ ପ୍ରାଧାନ୍ୟ ଦିଅନ୍ତି । ଯେପରି ପିତାମହ ଭୀଷ୍ମ । ସେ ଜଣେ ବସୁ ଥିଲେ । ତାପରେ ବସୁଦେବ ଏବଂ ବାସୁଦେବ । ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ କହୁଛନ୍ତି "ଏ ତ୍ରିଲୋକରେ ମୋର କିଛି ଅପ୍ରାପ୍ତ ପ୍ରାପ୍ତ ନାହିଁ ତଥାପି ମୁଁ କର୍ମ କରୁଛି ।" ବାକି ଯିଏ ରହିଲେ ସେମାନେ ସବୁ ଚନ୍ଦ୍ର ବଂଶୀ ! ଅର୍ଥାତ ଚନ୍ଦ୍ର ଯେପରି ସୂର୍ଯ୍ୟକିରଣକୁ ପ୍ରତିଫଳନ କରେ ଏଇମାନେ କେବଳ ପ୍ରତିଫଳନରେ ବ୍ୟସ୍ତ ରହିଥାନ୍ତି । ସେମାନେ ସବୁ ଗନ୍ଧର୍ବ ଶ୍ରେଣୀଯୁକ୍ତ । ଗନ୍ଧର୍ବ ମାନେ ଚନ୍ଦ୍ରଙ୍କର ଗୁଣକୁ ଉବକ୍ସକ୍ସଚ କରିଥାନ୍ତି । ସେମାନଙ୍କର ଅତିବେଶୀରେ ମାନସିକ ପ୍ରକ୍ରିୟା କାର୍ଯ୍ୟକରେ । ମସ୍ତିଷ୍କ ସର୍ବସ୍ୱ । ପୋଥି ବାଇଗଣରେ ରହିଯାନ୍ତି । ବାଡ଼ି ବାଇଗଣରେ ପହଞ୍ଚି ପାରନ୍ତି ନାହିଁ । ଚନ୍ଦ୍ରରେ ଯେପରି ସୃଷ୍ଟି ନାହିଁ ଏମାନଙ୍କ କ୍ଷେତ୍ରରେ ବ୍ରହ୍ମତ୍ୱ ପ୍ରାପ୍ତି ହୋଇପାରେ ନାହିଁ । ଅଭାବଟାକୁ ଅତି ନିକଟରୁ ଦେଖିଥାନ୍ତି । ଚନ୍ଦ୍ର ଯେପରି ପୃଥିବୀ ଚାରିପଟେ ବୁଲୁଥାଏ ଏମାନେ ପୃଥିବୀ ଉପରେ ନଜର ପକାନ୍ତି । ଚନ୍ଦ୍ର ପୃଷ୍ଠରେ ଜଳ ନାହିଁ, ବାୟୁ ନାହିଁ atmosphere ନାହିଁ । ଚନ୍ଦ୍ର ପୃଷ୍ଠରେ ଛିଡ଼ା ହେଲେ ଆମକୁ ମହାଶୂନ୍ୟ ଦେଖାଯିବ । ଚାରିଆଡ଼େ ଅନ୍ଧକାର । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଚନ୍ଦ୍ରର ଗୋଟିଏ ପଟ ଆମେ ଦେଖୁ । କେହିହେଲେ ତାର Dark side ଟି ଦେଖି ନାହାଁନ୍ତି । ଚନ୍ଦ୍ର ପୃଷ୍ଠର gravitational force (ମାଧ୍ୟାକର୍ଷଣ ଶକ୍ତି) ପୃଥିବୀର ୬ ଭାଗର ଭାଗେ । ଅର୍ଥାତ ପୃଥିବୀ ପୃଷ୍ଠରେ ଜଣଙ୍କର ଓଜନ ୬୦ କି.ଗ୍ରା ଥିଲେ ଚନ୍ଦ୍ରରେ ୧୦ କି.ଗ୍ରା । ଚନ୍ଦ୍ର ସୂର୍ଯ୍ୟକିରଣକୁ ପ୍ରତିଫଳନ କରିବା ଚଡ଼ା ଆଉ କିଛି କରିପାରେ ନାହିଁ । ବର୍ତ୍ତମାନର ମାନବ ସମାଜ ସେଇ ଚନ୍ଦ୍ରଭଳି । ଖାଲି କଥାରେ କାମରେ ନୁହେଁ । ଶିକ୍ଷା ବ୍ୟବସ୍ଥା ମଧ ସେଇପରି । ଘୋଷାଘସି କରି ପରୀକ୍ଷାରେ ପ୍ରଶ୍ନର ଉତ୍ତରଟିକୁ କ୍ୱରଲକ୍ଷରମଷ୍ୱ କରିଦେଲେ ଭଲ ଷ୍ୱଷ୍ୱଙ୍କୟରଭଷ୍ୱ ହୋଇଗଲେ । ଏଇପରି ଶ୍ରେଣୀ ଉଠି ଉଠି interview face କରି ଚାକିରୀଟିଏ ଯୋଗାଡ଼ ହୋଇଗଲେ achievement ହୋଇଯାଏ । ସେଇଥିପାଇଁ ତ ଆଜିକାଲି ରୋଜଗାରକ୍ଷମ ବ୍ୟକ୍ତିର ଚାହିଦା କାର୍ଯ୍ୟକ୍ଷମ ବ୍ୟକ୍ତିଠାରୁ ଅଧିକ ।

ଯାହାହେଉ ଇଏତ ଗଲା ଚନ୍ଦ୍ରବଂଶୀ ଲୋକଙ୍କ କଥା । ଯାହା ହେଲେବି ଏମାନଙ୍କର ମନେ ରଖିବାର ଶକ୍ତି ଥାଏ । କିଛି ନହେଲେ କିଛି କଥାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆବଶ୍ୟକତା ହୋଇଥାଏ । ଗନ୍ଧର୍ବ ମାନେ ଦେବତା ମାନଙ୍କର ସହାୟତା କରିଥାନ୍ତି । ଅଭିନୟ କଳା ଏମାନଙ୍କର ଥାଏ । ମାତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କରି ପରବର୍ତ୍ତି ପୀଢ଼ି ମାନଙ୍କ କଥା । ଚନ୍ଦ୍ରଙ୍କ ପୁତ୍ର ବୁଧ । କେବଳ ପ୍ରତିଫଳନ କରିଚାଲିଥିବା ଲୋକଙ୍କ ବଂଶରେ ବୁଧ ମାନେ ଜନ୍ମ ନିଅନ୍ତି । ବୁଧ ଗ୍ରହ ସୂର୍ଯ୍ୟଙ୍କର ନିକଟତମ ଗ୍ରହ । ବୁଧ ପୃଷ୍ଠର ତାପମାନ ୪୦୦୦ ସେଣ୍ଟିଗ୍ରେଡ୍ । ଚନ୍ଦ୍ର ଯେପରି ନିଜ ଚାରିପଟେ ବୁଲିବା ପାଇଁ ୨୮ ଦିନ ସମୟ ନେଇଥାଏ ବୁଧ ୮୮ ଦିନ ସମୟ ନେଇଥାଏ । ଏଥିସହ ସୂର୍ଯ୍ୟଙ୍କ ଚାରିପଟରେ ମଧ ଥରେ ବୁଲିଆସେ ଅର୍ଥାତ ବୁଧଗ୍ରହ ଗୋଟିଏ ବର୍ଷର କମ ସମୟରେ ସୂର୍ଯ୍ୟ ଚାରିପଟେ ୪ ଥର ବୁଲି ଆସେ । ବୁଧ ଗ୍ରହ ସ୍ମୃତି, ମାନସିକ ସ୍ତରକୁ ପ୍ରଭାବିତ କରିଥାଏ । ସୁତରାଂ ଯେଉଁମାନେ ବାସ୍ତବ ଜୀବନରେ କେବଳ ଅଭିନୟ(acting) କରିଥାନ୍ତି । ତାଙ୍କରି ପିଲାମାନେ ଅପସ୍ମାର ଜନିତ ରୋଗରେ ପୀଡ଼ିତ ହୋଇଥାନ୍ତି । ବୁଧର କୌଣସି ଉପଗ୍ରହ ନାହିଁ । ଆମେ ଯାହା ଜାଣିଛୁ ସେ ସବୁ ତଥ୍ୟ ଆକାରରେ ସାଇତି ନରଖି ବ୍ୟବହାରିକ ଜ୍ଞାନରେ ପରିଣତ କରି ଦୈନନ୍ଦିନ ଜୀବନରେ କେମିତି ପ୍ରୟୋଗ କରିହେବ ସେଥିପାଇଁ ଯତ୍ନବାନ ହେବାର ଆବଶ୍ୟକତା ରହିଛି । ବୁଧ ଗ୍ରହର ମଧ atmosphere ନାହିଁ । ଚନ୍ଦ୍ରପରି ସେଠାରେ ମଧ ମହାକାଶକୁ ଦେଖିହେବ ଯାହା ସମ୍ପୂର୍ଣ୍ଣ କଳା ବା ଅନ୍ଧକାର ।

ଏହିଠାରେ ଆସେ ଗ୍ରହ ସଂସ୍କାରର କଥା । ଚନ୍ଦ୍ର ଅବସ୍ଥାରୁ ପିଲାଙ୍କର ସଂସ୍କାରର ଆବଶ୍ୟକତା ରହିଛି । ପିଲାଟି କେବଳ ଭଲ reflect କରୁଛି ଏଥିରେ ଆମେ ସନ୍ତୁଷ୍ଟ ହେବା ଉଚିତ ନୁହେଁ । ବାଘକୁ tiger କହିଦେଲେ ପାଠ ପଢ଼ା ସରେନାହିଁ । ପ୍ରତ୍ୟେକଟି ବିଷୟ କ'ଣ ? କାହିଁକି ? ଅର୍ଥାତ ପାଠଟି କ'ଣ ପାଇଁ ଉଦ୍ଦିଷ୍ଟ ଏବଂ ଏହା କୋଉ ସତ୍ୟକୁ ଇଙ୍ଗିତ କରୁଛି ପିଲାମାନେ ଜାଣିବା ଉଚିତ । ଏହାହେଲେ ଚନ୍ଦ୍ର ଅବସ୍ଥାରେ ପୃଥିବୀ ଚାରିପଟେ ବୁଲିବା ସମୟରେ ଯଦି ନିଜ ଚାରିପଟେ ବୁଲିବା ଶିଖିଯାନ୍ତା ସୂର୍ଯ୍ୟ ଚାରିପଟେ ନିଜକୁ expose କରିଦିଅନ୍ତା ଏବଂ ପରବର୍ତ୍ତୀ ଅବସ୍ଥାରେ ପୃଥିବୀରେ ପରିଣତ ହୋଇଯାଆନ୍ତା । ନିଜର କୌଣସି ଉବକ୍ସଳ sight ରୁହନ୍ତା ନାହିଁ । ଯାହାର ସଜ୍ଞା ହୁଅନ୍ତା ଧର୍ମ ବା ପୃଥିବୀ । ପୃଥିବୀ ପୃଷ୍ଠର ନିୟମିତ ବାସିନ୍ଦା ହୋଇଯାଆନ୍ତା ଯାହାର କିଛି ଅଭାବ ରୁହନ୍ତା ନାହିଁ ଏବଂ ଯାହାର କେହି ଶତ୍ରୁ ରୁହନ୍ତେ ନାହିଁ । ସଂଗ୍ରହ = ସମ୍+ଗ୍ରହ । ଏହି ଗ୍ରହ ସଂଲଗ୍ନ ରୋଗରୁ ମୁକ୍ତି ପାଇଯାନ୍ତା । ଗୀତାର ତତ୍ତ୍ୱ ଅନୁସାରେ ସେ ନିର୍ଲିପ୍ତ ହୋଇଯାନ୍ତା । ବର୍ତ୍ତମାନ ସମସ୍ତେ ସଂଗ୍ରହରେ ବ୍ୟସ୍ତ ଯେଉଁଥିପାଇଁ ପୃଥିବୀ ଉପରେ ଅତିରିକ୍ତ ଚାପ ପଡୁଛି । ଗ୍ରହ ଦୋଷରୁ ମୁକ୍ତ ରହିଲେହିଁ ଆତ୍ମାର ସ୍ଥିତି ବଳବତ୍ତର ରହିବ ଏବଂ ପରବର୍ତ୍ତୀ ଅବସ୍ଥାରେ ବ୍ରହ୍ମରେ ବିକଶିତ ହୋଇ ଶକ୍ତିଯୁକ୍ତ ହୋଇପାରିବ । ଶକ୍ତି ଥିଲେ ହିଁ ସେ ନିଜକୁ ବିଭିନ୍ନ କାର୍ଯ୍ୟରେ ବିନିଯୋଗ କରିପାରିବ ।

ଏବେ ଆମେ ଶୁକ୍ର ଗ୍ରହ ବିଷୟରେ ଆଲୋଚନା କରିବା । ଶୁକ୍ର ଗ୍ରହର ଉତ୍ତାପ ବୁଧ ଗ୍ରହ ଠାରୁ ମଧ ଅଧିକ । ଆରମ୍ଭରେ ବୁଧ ଗ୍ରହର ଉତ୍ତାପ ଠାରୁ କମ ଥିଲେ ମଧ ଶକ୍ସରରଭ ଷକ୍ଟଙ୍କଷ୍ୱର ରଲଲରମଷ୍ୱ ଯୋଗୁଁ ଉତ୍ତାପ ୪୬୦୦ ଉ ପର୍ଯ୍ୟନ୍ତ ପହଞ୍ଚିଯାଏ । ଶୁକ୍ର ଗ୍ରହର ଆକାର ପୃଥିବୀ ଗ୍ରହ ପାଖାପାଖି । ଏହାର ୮୦ ଭାଗ ଅଞ୍ଚଳ ଜ୍ୱାଳାମୁଖିରେ ପରିପୂର୍ଣ୍ଣ । ଗ୍ରହର ଚର୍ତୁଃପାର୍ଶ୍ୱରେ $CO_2$, $SO_2$ ଏବଂ ସଲଫ୍ୟୁରିକ ବମସୟରେ ପରିପୂର୍ଣ୍ଣ । Atmospheric pressure ପୃଥିବୀ ଠାରୁ ବହୁଗୁଣ ଅଧିକ । green house effect ଯୋଗୁଁ ସୂର୍ଯ୍ୟର ଆଲୋକ ଏଠାରେ ଉତ୍ତାପ ବୃଦ୍ଧିରେ ସାହାଯ୍ୟ କରିଥାଏ । ଏହା କୁହାଯାଇପାରେ ଯେଉଁ ଲୋକ ଭିତରେ ଭିତରେ କୁହୁଳୁଥାଏ ନିଶ୍ଚିତ ଭାବରେ ଶୁକ୍ର ଦ୍ୱାରା ପ୍ରଭାବିତ । ଶୁକ୍ରର ଚନ୍ଦ୍ର ନାହିଁ । ସୂର୍ଯ୍ୟ ଚାରିପଟେ ବୁଲିଆସିବାକୁ ୨୨୫ଦିନ ଲାଗୁଥିଲେ ମଧ ନିଜ ଚାରିପଟେ ୨୪୩ ଦିନ ସମୟ ଲାଗିଥାଏ । ସବୁଠୁ ଆଶ୍ଚର୍ଯ୍ୟର କଥା ଅନ୍ୟଗ୍ରହମାନେ ନିଜ ଚାରିପଟେ ଯେଉଁଭଳି ବୁଲନ୍ତି ଶୁକ୍ର ତାର ବିପରିତ ମାର୍ଗରେ ବୁଲୁଥାଏ । ଗନ୍ଧର୍ବମାନେ ଯେପରି ଚନ୍ଦ୍ରକୁ ମବକ୍ସକ୍ସଚ କରିଥାନ୍ତି, ଅସୁରମାନେ ଶୁକ୍ରର ଗୁଣକୁ carry କରନ୍ତି । ଦୂଷିତ ପରିବେଶ ଶୁକ୍ର ଗ୍ରହର ପ୍ରଭାବକୁ ଅନେକାଂଶରେ ବଢ଼ାଇ ଦେଇଥାଏ । କଂସାସୁର ଯେ ଶୁକ୍ରଗ୍ରହ ଦ୍ୱାରା ପୀଡ଼ିତ ଥିଲା ଏଠାରେ ନିଃସନ୍ଦେହରେ କୁହାଯାଇପାରେ । ଶୁକ୍ର ଯେମିତି ଚାପ ସୃଷ୍ଟି କରେ ପୀଡ଼ିତ ଲୋକ ବାସ୍ତବ ଜୀବନରେ ଅନ୍ୟ ମାନଙ୍କ ଠାରେ ଚାପହିଁ ସୃଷ୍ଟି କରିଥାନ୍ତି । ଯେଉଁ ମଣିଷ ମାନଙ୍କର ମନ ମରିଯାଏ ପରବର୍ତ୍ତୀ ଅବସ୍ଥାରେ ଶୁକ୍ର ଗ୍ରହ ତୁଲ୍ୟ ହୋଇଯାନ୍ତି ।

ମଙ୍ଗଳ ଗ୍ରହର ଗଠନ ଆଇରନ ଅକ୍ସାଇଡ଼ରେ ପରିପୂର୍ଣ୍ଣ ଯାହାକୁ ଆମେ ଲୋହିତ ଗ୍ରହ ବୋଲି କହିଥାଉ । ମଙ୍ଗଳର ଦୁଇଟି ଉପଗ୍ରହ ବା ଚନ୍ଦ୍ର । ମଙ୍ଗଳ ଗ୍ରହକୁ planet of war ବୋଲି ମଧ କୁହାଯାଇଥାଏ । ମଙ୍ଗଳ ଗ୍ରହଦ୍ୱାରା affected ଲୋକ double minded ହୋଇଥାନ୍ତି । କଥା ଓ କାମ ଭିତରେ କିଛି ତାଳ ମେଳ ରହେନାହିଁ । ଉଦାରତା ମାଧ୍ୟମରେ ଏଇ ଗ୍ରହଦୋଷରୁ ତ୍ରାହୀ ମିଳିପାରେ ।

ବୃହସ୍ପତି ଗ୍ରହ ଏକ ଶୁଭଗ୍ରହ । ଗ୍ରହଟି ପ୍ରାୟତ ଗ୍ୟାସୀୟ । ଅନେକ ଗୁଡ଼ିଏ ଚନ୍ଦ୍ର । ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି ଯେ ବୃହସ୍ପତି ଗ୍ରହର Centre of gravity ଗ୍ରହ ବାହାରେ । ବୃହସ୍ପତି ହେଲେ ଦେବଗୁରୁ । ଦେବତାମାନେ ବୃହସ୍ପତିଙ୍କ ଗୁଣକୁ ମବକ୍ସକ୍ସଚ କରିଥାନ୍ତି । ବିଭୁତି ଯୋଗରେ ଯଥାର୍ଥରେ କୁହାଯାଇଛି ପୁରୋହିତଙ୍କ ମଧ୍ୟରେ ବୃହସ୍ପତି । ଏଇ ଗ୍ରହର ପ୍ରାୟ ୭୪% ହାଇଡ୍ରୋଜେନ ଓ ୨୩% ହିଲିୟମ । ବୃହସ୍ପତି ଭଳି ହୋଇପାରିଲେ ଶତ୍ରୁଭୟ କମିଥାଏ । ଦେବତ୍ୱ ବଢ଼ିଥାଏ ।

ଶେଷରେ ଶନିଗ୍ରହ ବିଷୟରେ ଆଲୋଚନା କରିବା । ଶନିଙ୍କୁ ସମସ୍ତଙ୍କର ଭୟ । ଶନି ଯେ କ୍ଷତିକାରକ ପ୍ରାୟ ସମସ୍ତେ ଜାଣନ୍ତି । ତେବେ ଶନିଙ୍କର ଜନ୍ମ ବୃତ୍ତାନ୍ତକୁ ନେଇ ଏକ ସୁନ୍ଦର କାହାଣୀ ରହିଛି । ସେ ହେଲେ ସୂର୍ଯ୍ୟଙ୍କର ପୁତ୍ର । ମା ଛାୟା । ସୂର୍ଯ୍ୟଙ୍କର ସ୍ତ୍ରୀ ହେଲେ ସଜ୍ଞା । ତାଙ୍କର ପୁତ୍ର ଧର୍ମ । ପରବର୍ତ୍ତୀ ଅବସ୍ଥାରେ ସଜ୍ଞା ସୂର୍ଯ୍ୟଙ୍କର ତେଜକୁ ସାମନା କରିପାରିଲେ ନାହିଁ । ତପସ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କର ଏକ ଦାସୀ ଛାୟାକୁ ସୂର୍ଯ୍ୟଙ୍କର ନିକଟରେ ଛାଡ଼ିଗଲେ । ଛାୟାଙ୍କର ଏକ ପୁତ୍ର ଶନି ଏବଂ କନ୍ୟା ଯମି ଜନ୍ମ ନେଲେ । କିଛି ଦିନ ପରେ ଛାୟାଙ୍କ ତାଙ୍କ ସନ୍ତାନ ମାନଙ୍କ ପ୍ରତି ବ୍ୟବହାରକୁ ନେଇ ସୂର୍ଯ୍ୟ ବ୍ୟଥିତ ହେଲେ । ପରେ ସବୁକଥା ସୂର୍ଯ୍ୟ ସବୁ ଜାଣିଗଲେ ।

ସୂର୍ଯ୍ୟଙ୍କର ପୁତ୍ର ହେତୁ ଶନିଙ୍କ ଠାରେ ବିକିରଣ ପ୍ରକ୍ରୀୟା କିଞ୍ଚିତ ମାତ୍ରାରେ ରହିଗଲା । ସେଥିପାଇଁ କୁହାଯାଏ ଶନିଦୃଷ୍ଟି ପଡ଼ିଲେ ଜଣଙ୍କ ଠାରେ ଅନ୍ତର୍ଦାହ ଦେଖାଦିଏ । ଭିତରେ ଭିତରେ ଲୋକଟି ଜଳେ । ଈର୍ଷା, ପରଶ୍ରୀକାତରତା ସେଇଠୁ ସୃଷ୍ଟିହୁଏ । କୁହାଯାଏ ଶନିଙ୍କ ଦୃଷ୍ଟି ଥରେ ପଡ଼ିଲେ ମୁକ୍ତିଲାଭ ପାଇଁ ୩୦ ବର୍ଷ ଲାଗିଯାଇପାରେ କାରଣ ସୂର୍ଯ୍ୟ ଚାରିପଟରେ ବୁଲି ଆସିବାକୁ ଶନି ଗ୍ରହକୁ ପାଖା ପାଖି ୩୦ ବର୍ଷ ଲାଗେ । ଅବିଶ୍ୱାସଭାବ ମଧ ଶନିଗ୍ରହ ଦ୍ୱାରା ହୋଇପାରେ । ଓଲଟା ଘଟଣା ସବୁ ମଧ ଘଟିପାରେ । ଶନିଗ୍ରହ ପ୍ରାୟ ୯୬% ହାଇଡ୍ରୋଜେନ ଏବଂ ବାକି ହିଲିୟମ । ବୃହସ୍ପତି ପରି ଶନି ମଧ ଗ୍ୟାସ ଅବସ୍ଥାରେ ଥାଏ । ଏହା ବହୁତ ହାଲୁକା । ପାଣିରେ ଶନିଗ୍ରହକୁ ଛାଡ଼ିଦେଲେ ଭାସିବ । ଯେତେବେଳେ ମଣିଷର ଧାରଣ ଶକ୍ତି କମିଯାଏ ଅନ୍ୟର କଥାକୁ ଧାରଣ କରିପାରେ ନାହିଁ ଏବଂ ଅନ୍ଦର ସେ ଅନ୍ଦର ଜଳୁଥାଏ । ଜାଣିଶୁଣି ପାପ କରୁଥିବା ବ୍ୟକ୍ତିଙ୍କର ଅନ୍ତର୍ଦାହ ସର୍ବାଧିକ । କାରଣ ଅବୈଧ କର୍ମ ହିଁ ପାପ । ଅପବିତ୍ରତା ଶନିଙ୍କୁ ଆମନ୍ତ୍ରଣ କରିଥାଏ । ପଞ୍ଚମହାଭୂତରୁ ଅଗ୍ନି ଓ ଆକାଶ ପରସ୍ପର ରେସି ପ୍ରୋକାଲ । ଅଗ୍ନି ବା ତେଜ ରହିଲେ କ୍ଷତ୍ରୀୟ ସ୍ୱଭାବ ବଳବତ୍ତର ରହେ କାରଣ ସେମାନଙ୍କ ଠାରେ ଶୂନ୍ୟତା ଭରି ରହିଥାଏ । ସେମାନଙ୍କ ଠାରେ ଅନ୍ତର୍ଦାହ ଦେଖାଯାଏ ନାହିଁ । ରାହୁ ଏବଂ କେତୁ ଦୁହେଁ ହେଲେ ଛାୟା ଗ୍ରହ । ଏମାନେ ହେଲେ ଶନିଙ୍କର ବଷ୍ୱଷ୍ୱକ୍ଟମସବଷ୍ୱରଷ୍ୱ ଜଣେ ବ୍ୟକ୍ତିର ଆଂଶିକ ପ୍ରକାଶ ପାଇଁ କ୍ୱରଷ୍ୱକ୍ଟକ୍ସକ୍ଟଭଷ୍ୱସଭକ୍ଷର ଜଣେ ମନର ଏବଂ ଆଉ ଜଣେ ଦେହର ।

ସୁତରାଂ ଗ୍ରହ ସଂସ୍କାର ଏକ ବୃହତ ପାଠ । ଏଠାରେ କିଛି awareness ପାଇଁ କୁହାଗଲା । ଆମେ ଗୋଟେ ପିଲାର ଗ୍ରହ ଦୋଷକୁ ତାର ପରିଚୟ ବୋଲି ଧରିନେବା ଉଚିତ ନୁହେଁ । ଏଇଟା ଗୋଟେ ଅସ୍ୱାଭାବିକ ପ୍ରକାଶ । ତେଣୁ ଧୈର୍ଯ୍ୟର ସହ ସମୟ କଟାଇବା କଥା । ଯେତେବେଳେ ତା' ଭିତରେ ତ୍ୟାଗ ମନୋଭାବ (ସୂର୍ଯ୍ୟପରି) ଆସିଲା ଆମେ ଜାଣିବା ସେ ଗ୍ରହଦୋଷରୁ ମୁକ୍ତ ଏବଂ ପିଲାଟା ଗୋଟେ ମଣିଷ ହେବ ।

## କଦଳୀ ପତ୍ର ସୋରିଷ ପନିର



**ଆବଶ୍ୟକ ସାମଗ୍ରୀ:** ପନିର, ତେଲ, ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁରସ, ଲୁଣ, କଦଳୀ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଲମ୍ବା ଲମ୍ବା କାଟି ଏକ ପାତ୍ରରେ ରଖନ୍ତୁ । ଏହାପରେ କରେଇରେ ତେଲ କରନ୍ତୁ । ତେଲ ଗରମ ହୋଇଯିବା ପରେ କଟା ପନିରକୁ ନାଲି ପଡ଼ିବା ପର୍ଯ୍ୟନ୍ତ ଛାଣନ୍ତୁ । ଛାଣି ସାରିବା ପରେ ଏହାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପରେ ଏଥିରେ ସୋରିଷ, ଜିରା, ରସୁଣ, ଶୁଖିଲା ଲଙ୍କା ବଟା, ଲେମ୍ବୁରସ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ ।

ଏକ କଦଳୀ ପତ୍ର ଆଣି ତାକୁ ଧୋଇ ନିଆଁରେ ସେକି ଦିଅନ୍ତୁ । ପରେ ସେକା କଦଳୀ ପତ୍ରରେ ମସଲା ଗୋଳା ପନିରକୁ ଗୁଡାଇ ରଖନ୍ତୁ । ଏହାପରେ ତାୱା ଗରମ କରନ୍ତୁ । ତାୱା ଗରମ ହୋଇଯିବା ପରେ କଦଳି ପତ୍ରରେ ଗୁଡ଼ାଇ ରଖିଥିବା ମସଲା ଗୋଳା ପନିରକୁ ତାୱାରେ ସେକନ୍ତୁ । ୩ରୁ ୪ ମିନିଟ୍ ପର୍ଯ୍ୟନ୍ତ ଏହାକୁ ତାୱାରେ ଶେକନ୍ତୁ । ଏହାପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ ।

ପ୍ରସ୍ତୁତ ହୋଇଗଲା କଦଳୀ ପତ୍ର ସୋରିଷ ପନିର । ପରେ କଦଳୀ ପତ୍ରରୁ ପନିର କାଢ଼ି ଆପଣ ଖାଇପାରିବେ ।

## ଭୁଲ୍‌ରେ ବି ଫିଙ୍ଗନ୍ତୁ ନାହିଁ ବାସି ରୁଟି



ରାତିରେ ବଳି ଯାଇଥିବା ଖାଦ୍ୟକୁ ସକାଳେ ଡଷ୍ଟବିନ୍‌ରେ ଫିଙ୍ଗିବା ଅଭ୍ୟାସ ଅନେକଙ୍କ ରହିଛି । ଖାଦ୍ୟ ନଷ୍ଟ ନ ହୋଇଥିବା ସତ୍ତ୍ୱେ ଲୋକେ ଏହାକୁ ବେପରୁଆ ଭାବେ ଫିଙ୍ଗି ଦିଅନ୍ତି । ଫୁଡ ଆଣ୍ଡ ଏଗ୍ରିକଲଜର ଅର୍ଗାନାଇଜେସନର ରିପୋର୍ଟ ମୁତାବକ, ଭାରତରେ ପ୍ରତିବର୍ଷ ପ୍ରାୟ ୪୦ ପ୍ରତିଶତ ଖାଦ୍ୟ ନଷ୍ଟ ହେଉଛି । ତେବେ ଅନେକ ଲୋକେ ଏଭଳି ମଧ ଅଛନ୍ତି ଯିଏକି ରାତି ବଳି ଯାଇଥିବା ରୁଟିକୁ ମଧ ଫୋପାଡି ଦିଅନ୍ତି । ତେବେ ଭୁଲରେ ମଧ ଏହି ବାସି ରୁଟିକୁ ଫିଙ୍ଗନ୍ତୁ ନାହିଁ । ଏହାର ଅନେକ ଲାଭ ରହିଛି ।

■ ବାସି ରୁଟି ଖାଇବା ମଧୁମେହ ରୋଗୀଙ୍କ ପାଇଁ ବେଶ ଉପକାରୀ ହୋଇଥାଏ । ଡାକ୍ତରମାନେ କୁହନ୍ତି ମଧୁମେହ ରୋଗୀଙ୍କ ପାଇଁ ବାସି ରୁଟି ଅତ୍ୟନ୍ତ ଲାଭଦାୟକ । ପ୍ରତିଦିନ ସକାଳେ କ୍ଷୀର ସହିତ ବାସି ରୁଟି ଖାଇବା ଦ୍ୱାରା ଶରୀରରେ ଥିବା ସର୍କରା ମାତ୍ର ସନ୍ତୁଳିତ ରହିଥାଏ । ଏହା ଶରୀରକୁ ଇନ୍‌ଫ୍ଲାମେସନ ଜନିତ ସମସ୍ୟାରୁ ଆରାମ ମଧ ଦେଇଥାଏ ।

■ ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ବାସି ରୁଟି ଖାଇବା ମଧ ଅତ୍ୟନ୍ତ ଲାଭଦାୟକ । ସକାଳେ ଥଣ୍ଡା କ୍ଷୀର ସହିତ ବାସି ରୁଟି ଖାଇ ଉଚ୍ଚ ରକ୍ତଚାପକୁ ସହଜରେ ନିୟନ୍ତ୍ରଣ କରାଯାଇପାରିବ ।

■ ପେଟ ଜନିତ ସମସ୍ୟା, ଅମ୍ଳତା ଏବଂ କୋଷ୍ଠକାଠିନ୍ୟରେ ପୀଡିତ ଲୋକମାନେ ମଧ ବାସି ରୁଟିରୁ ଆରାମ ପାଇପାରିବେ । ସକାଳେ ଏହାକୁ କ୍ଷୀର ସହିତ ଖାଇବା ଦ୍ୱାରା ଆପଣ ଅମ୍ଳତା ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ପାଇପାରିବେ ।

■ ଖୁବ୍ କମ୍ ଲୋକ ଜାଣିଥିବେ ଯେ ଜିମ୍ ଯାଉଥିବା ବ୍ୟକ୍ତିଙ୍କ ପାଇଁ ମଧ ବାସି ରୁଟି ଲାଭଦାୟକ ଅଟେ । ଯେଉଁମାନେ ଜିମରେ ମାଂସପେଶୀ ବଢ଼ାଇବା ଲାଗି ଯାଉଥିବା ବ୍ୟକ୍ତି ପାଇଁ ବାସି ରୁଟି ଖାଇବାରର ଅନେକ ଲାଭ ଅଛି ।

■ ତାଜା ରୁଟି ଅପେକ୍ଷା ଅଧିକ ପୁଷ୍ଟିକର ହୋଇଥାଏ ବାସି ରୁଟି । କାରଣ ଏହାକୁ ଦୀର୍ଘ ସମୟ ଧରି ରଖିବା କାରଣରୁ ଏଥିରେ ଥିବା ଜୀବାଣୁ ମଧ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରନ୍ତି । କିନ୍ତୁ ରୁଟି ଯେପରି ୧୨ରୁ ୧୬ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ବାସି ନହେବା ସେଥିପ୍ରତି ଧ୍ୟାନ ରଖିବା ଉଚିତ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୫ ଅକ୍ଟୋବର ୨୦୨୨, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନ୍ଧବିଶ୍ୱାସର କରୁଣ ପରିଣତି...

ଦକ୍ଷିଣ ଭାରତରେ ଘଟିଛି ଜଘନ୍ୟ କାଣ୍ଡ । ଅନ୍ଧବିଶ୍ୱାସର କରୁଣ ପରିଣତି କେତେ ଜଘନ୍ୟ ହୋଇପାରେ, ତାହା ଏଥିରୁ ଜାଣିହେବ । ଉଚ୍ଚଶିକ୍ଷା ପାଇ ସୁଦ୍ଧା ଡାକ୍ତର ଦମ୍ପତି ଦୁଇଜଣ ମହିଳାଙ୍କୁ ବଳି ଦେଇପାରନ୍ତି, ତାହା ଘୃଣ୍ୟ ଅନ୍ଧବିଶ୍ୱାସର ପରିଣତି ଛଡ଼ା ଅନ୍ୟ କିଛି ହୋଇନପାରେ । ସଭ୍ୟତା ଆଜି କେଉଁଠି ପହଂଚି ସାରିଲାଣି, ଘୃଣ୍ୟ ନରବଳି ଦେଇ ଠାକୁରଙ୍କୁ ସନ୍ତୁଷ୍ଟ କରିବା କୌଶଳ ଡାକ୍ତର ଦମ୍ପତି ଆପଣାଇଛନ୍ତି, ତାହା ବର୍ଣ୍ଣନାର ବାହାରେ । ଅଘଟଣ ଘଟିଛି କେରଳର ତିରୁବଲ୍ଲାରେ । ଜଣେ ଡାକ୍ତର ଓ ତାଙ୍କ ପତ୍ନୀଙ୍କ ମୁଣ୍ଡ ଗଣ୍ଡିକୁ ଖଣ୍ଡ ଖଣ୍ଡ କରି ନିଜ ଘରେ ପୋତି ଦେଇଥିଲେ ଅଭିଯୁକ୍ତମାନେ । ପୁଲିସ ଘଟଣାର ତଦନ୍ତ ଚଳାଇ ଅଭିଯୁକ୍ତମାନଙ୍କୁ ଗରିଫ କରିଛି । ଏହି ଘଟଣା ଘଟିଛି ସେପ୍ଟେମ୍ବର ୨୭ରେ । କେରଳର ଏର୍ଣ୍ଣାକୁଲମ ଜିଲ୍ଲାର ଏହି ଛାତିଥରା ଘଟାର ବିଚାରଣା କରି ବୁଧବାର ତିନି ଅଭିଯୁକ୍ତଙ୍କୁ ଚଉଦ ଦିନ ପାଇଁ ଜେଲ ହାଜତକୁ ପଠାଇ ଦେଇଛନ୍ତି । ଘଟଣା ସହ ସମ୍ପୃକ୍ତମାନେ କୁଆଡ଼େ ଆର୍ଥିକ ସମୃଦ୍ଧି ଆଶାରେ ଏହି କାଣ୍ଡ ଭିଆଇଥିଲେ । ଗିରପ ତିନିଜଣଙ୍କ ବିରୋଧରେ ଫୌଜଦାରୀ ଷଡ଼ଯନ୍ତ୍ର, ଅପହରଣ, ହତ୍ୟା ସହିତ ପ୍ରମାଣ ନଷ୍ଟ କରାଯିବା ଭଳି ସଙ୍ଗୀନ ଦଫା ଲଗାଯାଇଛି । ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଯେଉଁମାନେ ବେଶ୍ କିଛିଦିନ ଧରି ନିଖୋଜ ଥିଲେ, ସେମାନଙ୍କୁ ନିର୍ଯ୍ୟାତନା ଦେବା ପରେ ଜୀବନରେ ମାରିଦିଆଗଲା ଏବଂ ଘର ଭିତରେ ପୋତି ଦିଆଗଲା । ପୁରା ଲୋମଟାଙ୍କୁରା କାହାଣୀର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହେଉଛି ସଫି ନାମକ ବ୍ୟକ୍ତି । ପୁଲିସ ରିପୋର୍ଟ ପ୍ରକାରେ, ସଫି ଅପହୃତମାନଙ୍କୁ ଧରି ଯୌନ କାରବାରରେ ଲଗାଇବା ପରେ ହାତ ଗୋଡ଼ ବାନ୍ଧଦି ଯାବତୀୟ ନିର୍ଯ୍ୟାତନା ଦେଉଥିଲେ । ଶେଷକୁ ସେମାନଙ୍କୁ ଖଣ୍ଡ ଖଣ୍ଡ କରି କାଟି ଘର ଭିତରେ ପୋତିଦେଲା । ନିଖୋଜ ପଦ୍ମମ ହେଉଛନ୍ତି ଜଣେ ଲୁଟେରୀ ଟିକଟ ଭେଣ୍ଡର । ସେ ସିଙ୍ଗଲ ରୁମ୍ ଆପାର୍ଟମେଣ୍ଟରେ ରହୁଥିଲେ । ଅପହରଣ କିମ୍ବା ନିଖୋଜ ଘଟଣା ନେଇ ପୁଲିସ ଖୋଳତାଡ଼ କରିବାରକୁ କେତେକ ରହସ୍ୟ ପଦାକୁ ଆସିଲା। ସଫି ନାମରେ ପୂର୍ବରୁ ଗୁଡ଼ିଏ ମାମଲା ରହିଛି । କଣ ପାଇଁ ଦୁଇଜଣଙ୍କୁ ଉଠାଇ ନେଲା ଏବଂ ଶେଷରେ ଜଘନ୍ୟ ଭାବରେ ମାରିଦେଲା ତାହାର ଗୁମର ଅବଶ୍ୟ ଧରାପଡ଼ିଯିବ । ମାତ୍ର ଦେବଦେବୀଙ୍କ କଥିତ ସନ୍ତୁଷ୍ଟି ସକାଶେ ଏହା କରାଯାଇଥିଲା ପ୍ରକରଣ ନେଇ ଅନେକ କଥା ଶୁଣାଯାଉଛି । ଅଭାବ ଅସୁବିଧଦା କାରଣରୁ ଠାକୁରଙ୍କୁ ସନ୍ତୁଷ୍ଟ କରିବା ଓ ସେଥିପାଇଁ ନରବଳି ଦେବା ଆଜିକା ଯୁଗରେ କିଭଳି ଗ୍ରହଣୀୟ, ତାହା ବିଚାର କରାଯିବା କଥା । ସଫି ନାମକ ଯେଉଁ ମୁଖ୍ୟ ଅପରାଧୀଦ କଥା କୁହାଯାଉଛି, ସେ ବହୁ ଜଘନ୍ୟ କାଣ୍ଡରେ ଜଡ଼ିତ ଅଛି । ଏପରିକି ନରମାଂସ ଭକ୍ଷଣ ଭଳି ଅତ୍ୟନ୍ତ ବୀଭତ୍ସ ଘଟଣାରେ ସେ ରହିଥିବାର ପ୍ରମାଣିତ ଅପରାଧୀ ଭାବେ ପୁଲି ରେକର୍ଡ ରହିଛି । ମାଳ ଅଞ୍ଚଳରେ ଏମିତି ଘଟଣାମାନ ଘଟିବାର ଦେଖାଯାଉଛି । ମାତ୍ର ସଚେତନତା ବୃଦ୍ଧି ସହିତ ଏଭଳି ଘୃଣ୍ୟ ଘଟଣା ହ୍ରାସ ପାଇବା ଦେଖାଯାଉଛି । ଏ ଦିଗରେ କେତେକ ସଂଗଠନ ଓ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟ କରୁଛନ୍ତି । ଗୁଣି-ଗାରେଡ଼ି ଓ ବିଭିନ୍ନ ଅନ୍ଧବିଶ୍ୱାସର କୁପରିଣତି ନେଇ ବିଭିନ୍ନ ସଂସ୍ଥା କାର୍ଯ୍ୟ କରୁଥିବା ଭିତରେ ଲୋକମାନଙ୍କର ବିରୋଧ ଓ ପ୍ରତିରୋଧର ସମ୍ମୁଖୀନ ହେବାର ଦେଖାଯାଉଛି । ତାହାର ମୂଳୋତ୍ପାଟନ ସକାଶେ ଯେଭଳି ବ୍ୟାପକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି, ତାହା ସବୁଠି ଦେଖାଯାଉନାହିଁ । ଏହା ଯେଉଁ ପର୍ଯ୍ୟନ୍ତ ଜନଆନ୍ଦୋଳନରେ ପରିଣତ ନହୋଇଛି, ଦୃଷ୍କୃତିକାରୀମାନେ ତାହାର ଫାଇଦା ନେବା ପାଇଁ ପଛାଇ ନପାରନ୍ତି । ସାମାଜିକ ସଂସ୍କାର ନେଇ ବହୁତ କଥା ପ୍ରଚାରିତ ହେଉଛି । ହେଲେ ଅଳନ୍ଧୁ ଭଳି ଲାଖି ରହିଛି ଡାଆଣୀ, ଭୂତ ପ୍ରେତ କାହାଣୀ । ଦିଲ୍ଲୀ ହରିଆଣା ସୀମାରେ ଏଭଳି ନର-ଭକ୍ଷକର ଘଟଣା ବହୁବର୍ଷ ତଳେ ହୋଇଥିଲା । କେରଳରେ ଏହି ଘଟଣା ଅନ୍ୟତମ ପୁନରାବୃତ୍ତି କୁହାଯାଇପାରେ । ମାତ୍ର ଏହା ଭିତରେ ଏକାଧିକ ଘଟଣା ଘଟି ସାରିଥିବ । ଅସଦୁପାୟରେ, ହୀନ ଉପାୟରେ ଧନ ଆହରଣ ପାଇଁ ମଣିଷ ସମୟସୀମା ଲଂଘନ କରିପାରିବାର ଅନେକ ଦୃଷ୍ଟାନ୍ତ ରହିଛି । ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ ସତ୍ତ୍ୱେ ଷଡ଼ଯନ୍ତ୍ରକାରୀ ଓ ଅପରାଧୀମାନେ ସବୁ ସୀମା ଲଂଘନ କରିବାକୁ ପଛାଉ ନାହାନ୍ତି । ସରକାର ତାଙ୍କ ସ୍ତରରେ ଏବଂ ସାମାଜିକ କର୍ମୀମାନେ ସେମାନଙ୍କ ସ୍ତରରେ ଜନସଚେତନତା ସୃଷ୍ଟି କରିବା ଦିଗରେ ଅଧିକ ତତ୍ପରତା ନଦେଖାଇଲେ ରୁଗ୍ଣ ମାନସିକତା ଓ କୁତ୍ସିତ କାର୍ଯ୍ୟ ପାଇଁ ଉତ୍ସାହିତ ହେବାର ଥୟ । କେରଳରେ ଯେଉଁ କୁତ୍ସିତ କାଣ୍ଡ ଘଟିଲା, ତାହା ମୂଳତଃ ଧନଲୋଭରୁ ହୋଇଛି । ମାତ୍ର ଏହା ପଛରେ ଅଧିକ କାରଣ ଥିବାର ଅନୁମାନ କରିହେଉଛି । କେରଳ ଦେଶର ସର୍ବାଧିକ ସାକ୍ଷରତା ହାସଲ କରିଥିବା ରାଜ୍ୟରେ ଅଛି । ସେହି ରାଜ୍ୟରେ ଅନ୍ଧ, କୁଅଭ୍ୟାସର ମାତ୍ର ବଢ଼ିବା ଯେମିତି ହେଲେ ଚିନ୍ତାର ବିଷୟ ବୋଲି କୁହାଯାଇପାରେ ।



ଡ଼ି ଶୁଭମ୍

## ନାରୀ - ଏକ ଅନିର୍ବାଣ ଅଗ୍ନିଶିଖା

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ , ରମନ୍ତେ ତତ୍ର ଦେବତା – ସଂସ୍କୃତର ଏହି ପଦ ଯେ କେବଳ ଶ୍ଳୋକରେ ରହିଯାଇଛି ତାହା ନୁହେଁ , ବାସ୍ତବିକ କ୍ଷେତ୍ରକୁ ଲକ୍ଷ୍ୟ କଲେ ଆମେ ଏହାର ପ୍ରକୃତ ଅର୍ଥକୁ ବୁଝିପାରିବା। ନାରୀ – ଶକ୍ତିମୟୀ , ସର୍ବଂସହା । ସେ ଜନନୀ, ଜୟା, ଭଗିନୀ। ସେ ସାଧାରଣ ମଣିଷ ନୁହେଁ ବରଂ ଶକ୍ତିପ୍ରଦାୟିନୀ। ସେ ଘରର ଲକ୍ଷ୍ମୀ। ସେ କେବେ ମା ର ମମତାରେ ସାରା ଦୁନିଆକୁ ଭିଜେଇଦେଉଥିବା ବେଳେ ଆଉ କେବେ ସହଧର୍ମିଣୀ ରୂପରେ ଘରର ମଙ୍ଗଳ ସାଧନ କରେ। ସେଇଥିପାଇଁ ତ ନାରୀ ସର୍ବପୂଜ୍ୟା। ପୁରାଣ ଯୁଗରୁ ଆରମ୍ଭ କରି ଏଯାବତ ନାରୀର ସ୍ଥାନ ସର୍ବାଗ୍ରେ ରହିଆସିଛି। ଦୁଃଖକୁ ପିଇ ପିଇ ସେ ସୁଖର ଆବରଣରେ ସମସ୍ତଙ୍କୁ ବିମୋହିତ କରେ। ସେ ହିଁ ନାରୀ। ତାରି ପାଇଁ ପୁଅ କଷ୍ଟ କଣ ଜାଣିପାରେନି , ସ୍ୱାମୀ ସମୟର ମୂଲ୍ୟ କଣ ବୁଝିପାରେ , ଭାଇ ଭଉଣୀର ମହତ୍ତ୍ୱକୁ ଉପଲବ୍ଧ କରିପାରେ। ନାରୀ ପଣତର କାନି ତଳେ ଲୁହକୁ ସାଇତି ସଂସାରକୁ ଆନନ୍ଦର ବର୍ଣ୍ଣବିଭାରେ ବିମଣ୍ଡିତ କରେ। ସେ ପୁଣ୍ୟମୟୀ , ସେ ଧର୍ମମୟୀ । ସେ ସକଳ ଧର୍ମର ପୂଜାରିଣୀ। କେବଳ ଭାରତ କାହିଁକି ସାରା ବିଶ୍ୱକୁ ଯଦି ଅବଲୋକନ କରାଯାଏ , ନାରୀ ପୁରୁଷ ଠାରୁ କେଉଁ ଗୁଣରୁ କମ ନୁହେଁ। ଆଜି ନାରୀ ଏଭରେଷ୍ଟ ଚଢ଼ି ପାରୁଛି , ଆଥଲେଟିକ୍ସ୍‌ରେ ପାରଦର୍ଶିତା ଦେଖେଇପାରୁଛି , ରାଜନୀତିରେ ପାରଙ୍ଗମା ହୋଇ ଦେଶର ଅର୍ଥନୀତିକୁ ସୁଦୃଢ଼ କରିପାରୁଛି। ହେ ନାରୀ , ତୁମେ ସଦା ନମସ୍ୟା। ପ୍ରତିବର୍ଷ ଭାରତରେ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ଭାବେ ପାଳନ କରାଯାଏ। ନାରୀର ଗୁରୁତ୍ୱକୁ ସମାଜରେ ଅନୁଭବ କରିବାକୁ ଏହା ଏକ ମାଧ୍ୟମ।

ଅଧୁନା ଏକବିଂଶ ଶତାବ୍ଦୀର ରଥ ଚାଲୁଛି। ଏଠି ସମୟ ସହ ତାଳ ଦେଇ ଚାଲିବା ଏକ କଷ୍ଟକର ବ୍ୟାପାର। ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ଜଣଙ୍କ ବିନା ଅନ୍ୟ ଜଣେ ଭିତ୍ତିହୀନ। ଉଭୟଙ୍କୁ ନେଇ ସମାଜର ପରିଧି ବେଶ ପରିବ୍ୟାପ୍ତ। କିନ୍ତୁ ଯଦି ବର୍ତ୍ତମାନ ସମୟ କଥା ଚିନ୍ତା କରାଯାଏ ଏଠାରେ ନାରୀକୁ ଉପଯୁକ୍ତି ସମ୍ମାନ ମିଳୁନି। ଯେଉଁ ମା ଦଶ ମାସ ଗର୍ଭରେ ଧରି ପୁଅକୁ ବଡ଼ କରିଥିଲା , ଆଜି ସେ ପୁଅ ତାକୁ ଘରୁ ତଡ଼ି ଦେଉଛି। ସାତଜନ୍ମ ସାଥି ହୋଇ ରହିବାକୁ ଶପଥ କରିଥିବା ସ୍ତ୍ରୀ ଆଜି ଯୌତୁକ ନିର୍ଯ୍ୟାତନରେ ପ୍ରପୀଡ଼ିତା। ଏ କଣ ନାରୀଙ୍କୁ ସମ୍ମାନ ଦେବାର ପ୍ରତିଫଳନ। ଆମ ଦେଶ ଭାରତ - ଆମେ ଭାରତମାତାର ସନ୍ତାନ। ଆମ ଧର୍ମ ସନାତନ ଧର୍ମ। ଆମେ ନାରୀକୁ ତାଡ଼ନା ନୁହେଁ ବରଂ ଯଥୋଚିତ ସୁରକ୍ଷା ଓ ସମ୍ମାନ ଦେବା ଶିଖିଛୁ। ଆଜି ବି ଅନେକ ଭାବନ୍ତି ଝିଅ ଜନମ ଚୁଲି ମୁଣ୍ଡକୁ। କିନ୍ତୁ ସେଇ ଚୁଲି ମୁଣ୍ଡରେ ରୋଷେଇ କରୁଥିବା ଝିଅ ଆଜି ବିଶ୍ୱସ୍ତରେ ଭାରତର ନାଁ କୁ ରୋଶନ କରିପାରୁଛି। ଭାରତର ଅର୍ଥମନ୍ତ୍ରୀ ରୂପେ ଜଣେ ମହିଳା ଆମ ଅର୍ଥନୀତିର ବିକାଶ ଦିଗରେ ଲାଗିଛନ୍ତି। ସାଧାରଣ ମହିଳା ହୋଇ ଲୋକସଭାରେ ୧ଘଂଟା ୪୫ ମିନିଟ ଧରି ବଜେଟ ଉପସ୍ଥାପନ କରିପାରୁଛନ୍ତି। ପୁରୁଷକୈନ୍ଦ୍ରିକ ସମାଜରେ ନାରୀ ଏବେ ଉନ୍ନତିର ଚରମସୀମାରେ ଉପନୀତ। କ୍ରୀଡ଼ା କ୍ଷେତ୍ରକୁ ଲକ୍ଷ୍ୟ କଲେ ଓଡ଼ିଶାର ଝିଅ ଆଜି ଅଲମ୍ପିକ୍ସରେ ପାଦ ଥାପିବାକୁ ପ୍ରୟାସ କରୁଛନ୍ତି। ଝିଅଟିଏ ହୋଇ ବି ଏଭରେଷ୍ଟ ଆରୋହଣ କରି ସମସ୍ତଙ୍କ ପାଇଁ ଏକ ଉଦାହରଣ ସାଜିପାରୁଛନ୍ତି। ଆଜିର ଦିନରେ ଅନେକ ନାରୀ ଏମିତି ଅଛନ୍ତି ଯେଉଁ ମାନେ କି ସମାଜ ପାଇଁ ଜଣେ ଜଣେ ରୋଲ ମଡ଼େଲ।

ପରନ୍ତୁ ସମୟର ଚକ୍ରବୃଦ୍ଧି ହାର ସହିତ ଏବେ ନାରୀକୁ କରାଯାଉଛି ଅବହେଳିତ। ସବୁଦିନ ସମ୍ବାଦପତ୍ର ହେଉ କି ଗଣମାଧମ ଧର୍ଷଣ ଏବେ ଶିରୋନାମା ପାଲଟିଯାଇଛି । ନାରୀଲୋଭୀ କାମୁକ ମାନଙ୍କର ସଂଖ୍ୟା ଏତେ ବଢ଼ିଯାଇଛି ଯେ ଏଠି ଦିନରେ ଚାଲିବା ବି କଷ୍ଟ ହୋଇପଡୁଛି। ନାରୀ ପୂଜ୍ୟା। ଏକଥାକୁ ମର୍ମେ ମର୍ମେ ବୁଝିବା ଦରକାର। କିନ୍ତୁ ସମାଜରେ ନାରୀ ପାଉଛି ଲାଂଛନା। ସେ ଆଜି ଅବଳା। ସେ ଅବହେଳିତା। ନ୍ୟାୟ ପାଇଁ ସଂଗ୍ରାମ କରି କରି ଶେଷରେ ଜୀବନ ହାରୁଛି ସିନା ଜୀବନ ଯୁଦ୍ଧରେ ଜିତି ପାରୁନି। ଏହାର ଜ୍ୱଳନ୍ତ ଉଦାହରଣ ନିର୍ଭୟା ମାମଲା। ଅଭିଯୁକ୍ତ ଧରା ହେଲେ, ଫାଶୀ ପାଇଁ ତାରିଖବି ଧାର୍ଯ୍ୟ ହେଲା। କିନ୍ତୁ ଶେଷକୁ କେବେ ଏହା ଘୁଂଚି ଯାଉଛି ତ ଆଉ କେବେ ପରବର୍ତ୍ତୀ ଶୁଣାଣୀର ଅପେକ୍ଷାରେ ଦିନ ବିତୁଛି। କୁନ୍ଦୁଲି ହେଉ କି ନିର୍ଭୟା – ଏମାନେ ସମସ୍ତେ ଜଣେ ଜଣେ ନାରୀ। ଆଉ ନାରୀକୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ। କେଇ ପଦ ସାନ୍ତ୍ୱନାମୂଳକ କଥା କହିଲେ ଜଣେ ନ୍ୟାୟ ପାଇଯାଏନି। ଆଜି ନ୍ୟାୟ ପାଇଁ ବାରଦୁଆର ଶୁଣ୍ଢିପିଣ୍ଡା ହେବାକୁ ପଡୁଛି। ଏଇଥି ପାଇଁ କଣ ଜଣେ ନାରୀ ଦଶ ମାସ ଦଶଦିନ କଷ୍ଟ ସହି ଜଣଙ୍କୁ ନୂଆ କିରଣ ଦେଖାଏ!!!!!!

ସେଥିପାଇଁ କୁହାଯାଏ –

ନାରୀ ଅଟେ ସମାଜର
ପଥ ପ୍ରଦର୍ଶକ
ନାରୀ ହିଁ ପୁରୁଷର
ଅଟେ ଦିଗଦର୍ଶକ
ସେ ଶକ୍ତିମୟୀ, ସର୍ବଂସହା
ସେ ହିଁ
ସମାଜର ମୂଳ ଉପାସକ।।

ସମୟ ଆସିଛି ପରିବର୍ତ୍ତନର। ନିଜକୁ ସୁଧାରିବାର। ନିଜ ମାନସିକତାକୁ ଏକ ସୁନ୍ଦର ଢଙ୍ଗରେ ଗଢ଼ିବାର। ସମାଜରେ ନାରୀ ଓ ପୁରୁଷ ଦୁଇଜଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେଇଥିପାଇଁ ପରା ଜଣେ ମମତାମୟୀ ମାଆ ଆଉ ଜଣେ ସରଗଠୁ ବଡ଼ ବାପା। କିନ୍ତୁ ଏହି ପରିପ୍ରେକ୍ଷୀରେ ପୁରୁଷ କୈନ୍ଦ୍ରିକ ହେବା ଆଦୌ ଗ୍ରହଣୀୟ ନୁହେଁ। ଜଣେ ସଫଳ ପୁରୁଷ ପଛରେ ନାରୀର ଭୂମିକା ରହେ ବୋଲି ବର୍ଣ୍ଣନା କରାଯାଏ। ନାରୀ ଚିର ବନ୍ଦନୀୟା । ନାରୀଙ୍କୁ ସମ୍ମାନ ଦେବା, ସେମାନଙ୍କ ସୁରକ୍ଷା ପାଇଁ ପ୍ରତିଜ୍ଞା କରିବା। ତାହେଲେ ଯାଇ ଏକ ସୁରଭିତ ବିଶ୍ୱ ଗଠନ ହୋଇପାରିବ। ଯେଉଁଠି ନଥିବ ଦୁଷ୍କର୍ମ, ଲାଂଛନା, ତାଡ଼ନା ବରଂ ଥିବ ସୁଖ,ଶାନ୍ତି ଆଉ ସମୃଦ୍ଧିର ବାତାବରଣ। ହେ ନାରୀ .....ତୁମକୁ କୋଟି ପ୍ରଣାମ।


ବାସୁଦେବପୁର, ଭଦ୍ରକ,
ମୋ- ୯୪୩୮୪୬୭୦୭୯




ପଙ୍କଜ କୁମାର ପାଣିଗ୍ରାହୀ

## ପ୍ରତାରିତ ସାଧାରଣ ମଣିଷଙ୍କ ଗତି କେଉଁଆଡକୁ... ?!


ଅସମ୍ଭବ ଭଳି ମାନେ ହେଉଛି ଏହି ବିଷୟ ଭାବିଲେ ଯେ ଆମ ସାଧାରଣ ଲୋକେ ସତ୍ୟକୁ ବୁଝିବେ କେମିତି ଆଉ କେବେ...?! ସତ୍ୟର ଅନୁସନ୍ଧାନ କରି ନିଜସ୍ୱ ଜ୍ଞାନ ଅର୍ଜନ କରି ପଥ ଅତିକ୍ରମ କରିବା ଚେତନା ବିହୀନ ସମାଜରେ ମିଥ୍ୟାକୁ ଏମିତି ରୂପରେ ରଙ୍ଗେଇ ବିତରଣ କରିଥା'ନ୍ତି ଚତୁର ଯେ ସେହି ମିଥ୍ୟକୁ ହିଁ ସତ୍ୟ ବୋଲି ଗ୍ରହଣ କରିବାରେ ଆଦୌ କୁଣ୍ଠା ବୋଧ କରୁନାହାଁନ୍ତି ନିର୍ବୋଧ ସାଧାରଣ ମଣିଷ ହେଉକି ଅଜ୍ଞାନ ଶିକ୍ଷିତ ! ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ ମିଥ୍ୟକୁ ହିଁ ସତ୍ୟ ବୋଲି ଗ୍ରହଣ କରି ଅହରହ ଅଶାନ୍ତିରେ ବଂଚୁଥିବା ସାଧାରଣ ଲୋକଙ୍କ ଜୀବନ ଶୈଳୀ ଦେଖିଲେ ଅତ୍ୟନ୍ତ ଦୁଃଖ ଅନୁଭବ ହେଉଛି ସେମାନଙ୍କୁ ଯେଉଁମାନେ ବୁଝିଛନ୍ତି ସତ୍ୟ କ'ଣ । କିନ୍ତୁ ସମସ୍ତେ ପ୍ରାୟତଃ ମିଥ୍ୟା କୁହେଳିକା ପଛରେ ଦୌଡ଼ି ନିଜ ଜୀବନକୁ ଅସନ୍ତୁଳିତ ଅବସ୍ଥାରେ ରଖି ବଂଚୁଥିବା କଥା ପଶୁନାହିଁ କାହା ମନରେ କି ବୁଝିବାର ପ୍ରୟାସ ନାହିଁ କାହାର ଆଜି ସମୟରେ ।

ସାଧାରଣ ନିର୍ବୋଧ ମଣିଷ ବିଭିନ୍ନ ଗଣମାଧ୍ୟମରେ ମିଛ କଥା ଗୁଡିକ ସକାଳୁ ରାତ୍ରି ପର୍ଯ୍ୟନ୍ତ ଦେଖି, ଶୁଣି ଏକ ପ୍ରକାର ମିଥ୍ୟାଚାରୀ ମନୋଭାବ ଜାଗ୍ରତ ହୋଇ ସାରିଲାଣି ସମସ୍ତଙ୍କ ମନରେ । ତେଣୁ ମିଥ୍ୟାବାଦୀ ବିଭିନ୍ନ ଗଣମାଧ୍ୟମରେ ନାଟ, ଗୀତ, ପ୍ରଚାର, ପ୍ରସାରର ଭୟାବହତା ତଥା ମିଥ୍ୟା ଭବିଷ୍ୟ ଉଜ୍ଜ୍ୱଳର ରୁଚିପୂର୍ଣ୍ଣ ବାର୍ତ୍ତା, ମନ୍ତବ୍ୟ ବିତରଣ କରୁଛନ୍ତି ପ୍ରତ୍ୟେକ ସମୟରେ ଯାହା ସବୁ ସମାଜକୁ ଗିଳି ସାରିଲାଣି । ତେଣୁ ସମାଜରେ ସମସ୍ତ ମଣିଷ କେବଳ ମିଥ୍ୟାବାଦୀଙ୍କ ମିଥ୍ୟାଚାରିତା ପ୍ରତି ଆକୃଷ୍ଟ ହୋଇ ସତ୍ୟ ଓ ସତ୍ୟବାଦୀଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି ଏବଂ ସମୟରେ ସତ୍ୟର ଆଧାରକୁ ପରିହାସ କରୁଥିବା ମଧ କିଛି କମ୍ ଦେଖିବାକୁ ମିଳୁନାହିଁ ଆମ ସମାଜରେ । କି'ନ୍ତୁ କିଂଚିତ ବିଚାରଶୀଳ ମନୋଭାବ ରଖିଥବା ମଣିଷ ଯଦି ଚେଷ୍ଟା କରିବେ ସତ୍ୟକୁ ଜାଣିବା ପାଇଁ ତାହେଲେ ଦୈନନ୍ଦିନ ଜୀବନରେ ଦୃଶ୍ୟ, ଶ୍ରାବ୍ୟ ସମସ୍ତ ପ୍ରଚାରିତ, ପ୍ରସାରିତ ତଥ୍ୟ ଗୁଡିକୁ ପ୍ରତ୍ୟାଖ୍ୟାନ କରି ସତ୍ୟର ଅନୁସନ୍ଧାନ କରି ନପାଇବା ପର୍ଯ୍ୟନ୍ତ ସେଗୁଡ଼ିକୁ ଗ୍ରହଣ ନକଲେ ଯେ ନିଶ୍ଚିତ ପାଇପାରିବେ ସତ୍ୟର ପଥ ସେଇଥିରେ କୌଣସି ସନ୍ଦେହ ନାହିଁ । ସାଧାରଣରେ ସାମାଜିକ ପ୍ରଚାରିତ, ପ୍ରସାରିତ କଥା ଗୁଡିକୁ ପ୍ରତ୍ୟାଖ୍ୟାନ କରି ଅନୁସନ୍ଧାନ ମୂଳକ ସତ୍ୟର ଭାବଗ୍ରାହୀ ଯେ କୌଣସି ସମୟରେ ନିଶ୍ଚିତ ତାହାର ସନ୍ଧାନ ପାଇପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ହଁ, କିଛି କଷ୍ଟ କରିବାକୁ ପଡିବ ଏବଂ କିଛି କ୍ଷତି ସହିବାକୁ ମଧ ପଡିପାରେ ଆଜିର ଏହି ବ୍ୟବସାୟିକ ମନୋବୃତ ମଣିଷ ସମାଜରେ । ସତ୍ୟର ପଥ ଥରେ ପାଇଗଲା ପରେ ନିଶ୍ଚିତ ବୁଝି ପାରିବେ ଯେ ଏହି ମିଥ୍ୟାବାଦୀଙ୍କ ପ୍ରରୋଚନାରେ ପଡି ସେମାନେ ମିଥ୍ୟାଚାରୀ ଭଳି କେମିତି ପ୍ରତାରିତ ଜୀବନ ବିତାଉଥିଲେ ଆଉ ସତ୍ୟର ପଥ କେଉଁ ଦିଗରେ...! ଏହା କରିବାକୁ ହେଲେ ସତ୍ ସାହସ ସହିତ ଧାର୍ଯ୍ୟ ଏବଂ କୋଠାର ପରିସ୍ଥିତିର ମୁକାବିଲା କରିବା କ୍ଷମତା ଜାଗ୍ରତ କରିବାକୁ ହେବ ଯାହା କୌଣସି ବିଚିତ୍ର କଷ୍ଟସାଧ କଥା ନୁହେଁ। କେବଳ ନିଜର ମନୋବଳ ସୁଦୃଢ଼ କରି ସତ୍ୟର ଅନୁସନ୍ଧାନ କରିବାକୁ ହେବ । ଆଉ ଥରେ ସତ୍ୟର ସ୍ୱାଦ ପାଇଗଲା ପରେ ସଂସାରର ସମସ୍ତ କୁହେଳିକା, ମିଥ୍ୟା ବଚନକୁ ପ୍ରତ୍ୟାଖ୍ୟାନ କରି ମଣିଷ ନିଜ ଜୀବନର ପ୍ରକୃତ ମୂଲ୍ୟ ବୁଝି ପାରିବ ଏବଂ ଚତୁର କେଳେଙ୍କାରୀଙ୍କ ଅଗ୍ନିମୁଖ କବଳରୁ ନିସ୍ତାର ପାଇ ନିଜକୁ ତଥା ନିଜ ପରିବାରକୁ ସୁଖ, ଶାନ୍ତିରେ ବଂଚିବାକୁ ଦେଇପାରିବ । ପ୍ରବଳ ଇଚ୍ଛା ଶକ୍ତିର ଆବଶ୍ୟକତା ରହିଛି ସେସବୁ କରିବାକୁ ପ୍ରୟାସ ଆରମ୍ଭ କଲେ ...! ଆମ୍ଭେ ଯାହା ସବୁ କହୁଛୁ ଏଗୁଡ଼ିକ ପାଠକଙ୍କୁ କେତେ ମାତ୍ରାରେ ସଦ୍‌ଜ୍ଞାନ ଦେଉଥିବ ଜାଣିନଥିଲେ ମଧ ଅନୁମାନ କରି ହେଉଛିକି ସାଧାରଣ ଲୋକେ ଏସବୁ ସହଜରେ ଗ୍ରହଣ କରି ପାରୁନଥିବେ ! କି'ନ୍ତୁ ସହନଶୀଳତାର ଚରମ ସୀମାରେ ପହଂଚି ସ୍ତୃତିକଟୁ ହେଲେମଧ ସାଧାରଣ ନିରୀହ ନିର୍ବୋଧ ମଣିଷଙ୍କୁ ଅଜ୍ଞାନତାର ଗଭୀର ଅନ୍ଧକାରରୁ ମୁକୁଳାଇ ଏକ ଉତ୍ତମ ମାନବିକ ସମାଜ ଗଠନ ଦିଗରେ ପ୍ରୟାଶରତ ଆମର ଚେତନା ଅସମ୍ଭାଳ ହେବାରେ ଏହି ସାମାଜିକ ମାୟା ଜାଲର ଖୁଲାସା କରିବାକୁ ବାଧ ହୋଇ ଲିଖିତ ବିଷୟ ଗୁଡିକର କେତେ ମାତ୍ରାରେ ପ୍ରଭାବ ପଡୁଥିବ ସମାଜ ଉପରେ ବୁଝି ମଧ ଛନ୍ଦା ପାଦ ଆମର ଶିକୁଳି ଖୋଲି ଏହିସବୁ ପ୍ରେରଣା ଯୋଗାଇବାରେ ନିମଗ୍ନ କରୁଛି ଆମକୁ । ତେଣିକି ସମୟ କହିବ ଯେ ସାଧାରଣ ଲୋକେ ଯାହା ବୁଝିଛନ୍ତି ତାହା ସତ୍ୟ ନା ସତ୍ୟର ପଥ ଅନ୍ୟ କେଉଁ ଦିଗରେ ପରିଚାଳିତ, ମିଥ୍ୟାବାଦୀଙ୍କ ପ୍ରରୋଚନା ସମାଜକୁ ତଳିତଳାନ୍ତ କରୁଛି କେମିତି, ଯେତେ ବେଳେ ଆମ ପାଖରେ ଆଉ ସମୟ ନଥିବ ସେସବୁ ସୁଧାରିବା ପାଇଁ...!

ଆଉ ଅଧିକ କ'ଣ ଅବା କୁହାଯାଇ ପାରିବ ଯେତେବେଳେ ସାଧାରଣ ମଣିଷ ନିଜକୁ ନିଜେହିଁ ନସୁଧାରି ସତ୍ୟର ଅନୁସନ୍ଧାନ କରିବାରେ ଅସମର୍ଥ ରହି ଅହରହ ଅନ୍ୟର ମିଥ୍ୟା କୁହେଳିକାରେ ବିଶ୍ୱାସ କରି ଜୀବନକୁ ବିପନ୍ନ କରି ରଖିଛନ୍ତି। ସେମାନଙ୍କ ଭବିଷ୍ୟ ପିଢ଼ି ତଥା ରାଷ୍ଟ୍ରର କୌଣସି ସକାରାତ୍ମକ ଉନ୍ନତି ପରିବର୍ତ୍ତେ ମିଛିମିଛିକା ପ୍ରଗତିର ପ୍ରହେଳିକାରେ ବିମୁଗ୍ଧ ବିଭୋର ନିର୍ବୋଧଙ୍କ ଗତି ଯେଉଁଆଡକୁ ହେବା କଥା ହୋଇ ଚାଲିଛି । ଏଇଥିରୁ ନିସ୍ତାର ନାହିଁ ଯେତେବେଳ ପର୍ଯ୍ୟନ୍ତ ସାଧାରଣ ଲୋକେ ସମାଜରେ ବିତରିତ କୁହେଳିକାକୁ ପ୍ରତ୍ୟାଖ୍ୟାନ କରି ସତ୍ୟର ଅନୁସନ୍ଧାନରେ ବ୍ରତୀ ନହୋଇଛନ୍ତି ଏବଂ ନିଜକୁ ନିଜେ ସତ୍ୟ ପଥରେ ପରିଚାଳିତ କରି ନିଜ ସହିତ ଭବିଷ୍ୟ ପିଢିଙ୍କ ଭବିଷ୍ୟତ ବିଚାର କରିଛନ୍ତି । ସତ୍ୟକୁ ଜାଣିବାକୁ ହେଲେ ଉପସ୍ଥିତ ସମୟର କୁହେଳିକା ତଥା ଅନ୍ୟର ପ୍ରରୋଚନାରୁ ନିଜକୁ ଦୂରେଇ ରଖି ଅନୁସନ୍ଧିତ୍ସା ମୂଳକ ପଦକ୍ଷେପ ନେଇ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ କଥାର ଆମୁଳ ଚୁଳ ବ୍ୟବଛେଦ କରି ସତ୍ୟ ଏବଂ ମିଥ୍ୟାର ଆଢୁଆଳକୁ ହଟାଇ ନିଜର ମାନସମନ୍ଥନ ପୂର୍ବକ ଗ୍ରହଣ କରିବାକୁ ହେବ । ଯିଏ ଯାହା କହିଲା, ଲେଖିଲା, ବିକିଲା ସେଗୁଡ଼ିକରେ ନିର୍ଦ୍ୱନ୍ଦ ବିଶ୍ୱାସ ରଖି ଗ୍ରହଣ କରିବାର ସମୟ ଆଉ ନାହିଁ ଆଜି ଦିନରେ । ସେ କାଳର ରାମରାଜ୍ୟର ସମୟ ଶେଷ ହୋଇ ବର୍ତ୍ତମାନ ଚାଲିଛି ମିଥ୍ୟା ଯୁଗ ! ପ୍ରତ୍ୟେକ ମୁହୂର୍ତ୍ତରେ ସେହି ମହାନ ପୁରୁଷୋତ୍ତମ ରାମଙ୍କ ନାମ ନେଉଥିବା ମଣିଷ ଗୁଡିକ ହିଁ ସମାଜରେ ସବୁଠାରୁ ଅଧିକ ମିଥ୍ୟା ପ୍ରବଚନ ଦେଇ ସମାଜକୁ ଅଧୋଗତି ଆଡକୁ ଠେଲିଦେବାରେ ତିଳେ ହେଲେ ଦ୍ୱିଧା ଅନୁଭବ କରୁନାହାନ୍ତି । ସବୁ ସମୟରେ ସବୁ ମଣିଷ କେବଳ ନିଜସ୍ୱ ସ୍ୱାର୍ଥ ଚିନ୍ତା କରି ଅନ୍ୟକୁ ମିଛ କହି ଠକିବାରେ ବ୍ୟସ୍ତ ରହୁଛନ୍ତି । ତେଣୁ ସକାଳୁ ଉଠି ରାତ୍ରିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ କେବଳ ମିଛରେ ହିଁ ଚାଲୁଛି ଆମ ସମାଜ । ଏହି ପରିପ୍ରେକ୍ଷୀରେ ଯିଏ ନିଜକୁ ମଣିଷ ଭଳି ବଂଚିବାର ପ୍ରୟାସ କରୁଛନ୍ତି ଅନ୍ତତଃ ସେମାନେ କାହାର କୁହେଳିକାକୁ ନିର୍ଦ୍ୱନ୍ଦରେ ବିଶ୍ୱାସକୁ ନନେଇ କେବଳ ସତ୍ୟକୁ ପାଇବା ପର୍ଯ୍ୟନ୍ତ ଅନୁସନ୍ଧାନ ଜାରି ରଖନ୍ତୁ ଏବଂ ସତ୍ୟକୁ ଜାଣି ମିଥ୍ୟକୁ ପ୍ରତ୍ୟାଖ୍ୟାନ କରି ସମାଜରେ ସତ୍ୟର ପରିଭାଷା ବର୍ତ୍ତନରେ ବ୍ରତୀ ହୁଅନ୍ତୁ ବୋଲି ଆମର ଆହ୍ୱାନ । ଅଥବା ରାଷ୍ଟ୍ର ଭିତିରେଇ କରି ଯେଉଁ ପାତାଳକୁ ପସିବାକୁ ବସିଲାଣି ତାହାର ଅନ୍ତ କେବଳ ସମସ୍ତଙ୍କୁ ନିର୍ମୂଳ ହେବା ଛଡା କୌଣସି ଭଲ ଗତି ଆଉ ଦିଶୁନାହିଁ ଆମକୁ ଯାହା ରକ୍ଷା କରିବା ପାଇଁ ସ୍ୱର୍ଗରୁ କେଉଁ ଭଗବାନ ଅବତରଣ କରିବେ ନାହିଁ । ବରଂ ସମସ୍ତେ ମିଳିମିଶି ହିଁ ତାହାର ସୁଧାର କରି ପାରିବା ବୋଲି ଆମ ବିଚାରରେ ଆପଣଙ୍କ ଦୁବିଧା ଥିଲେ ଜଣାଇବାକୁ ଅନୁରୋଧ...।


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭.



## ଭସାଇଦେଲା ବରଷା

### ସୁଧାକର ରାଉତ

ଆସିଥିଲା ବୋଲି ଦଶହରା
କୁନି ମନ ଖୁସି ଥିଲା ପରା
ଭସାଣି ପରେ ତା ଅସୁମାରୀ ଦୁଃଖ
ବୋହିଯାଏ ହୋଇ ଲୁହ ଧାରା ।

ଦୁଇବର୍ଷ ସେ ଭୂତାଣୁ ଡର
କରୁଥିଲା କେତେ ହରବର
ଏ ବରଷ ଅଦିନ ବରଷା ଆସି
ଗଲା ଯେ ଆଶା ଫାଟି ଫସର ।

ମା'ଙ୍କୁ ସେ କରିଥାନ୍ତା ଦର୍ଶନ
କହିଥାନ୍ତା ଖୋଲିକରି ମନ
ହେଲେ ଏ ବରଷା ବାଧକ ସାଜିଲା
ଭସାଣି ବି ହେଲା ଯେନତେନ ।

କୁନି କୁ କହିଲେ ଡାକି ବାପା
କାହିଁକି ହେଉଛୁ ଏତେ ଖପା
ପ୍ରକୃତିର ଦାଉ ପାଖରେ ସଭିଏଁ
ନିଶ୍ଚିତ ଭାବରେ ହେବେ ଚେପା ।

ହେବ କାଳୀ ପୂଜା, ଲକ୍ଷ୍ମୀ ପୂଜା
ମାଆଙ୍କର ଉଡ଼ିବଟି ଧ୍ୱଜା
ସେମାନେତ ମାଆଙ୍କର ଭିନ୍ନ ରୂପ
ଏ କଥା ମନୁ ପାଶୋରି ନଯା ।

ସେତେବେଳେ ନିଶ୍ଚେ ଯିବୁ ବୁଲି
କିଣିବୁ ଜିନିଷ ଭଳି ଭଳି
ପରବ ପରେ ପରବ ତ ଆସିବ
ଦୁଃଖ ଯେତେ ମନୁ ଯାଆ ଭୁଲି ।

କୁନି ମୁଁ କହୁଛି ଗୋଟେ କଥା
ଏହାକୁ ଟିକେ ମନେ ରଖିଥା
ପରିବେଶରେ ସନ୍ତୁଳନ ରଖିଲେ
ପ୍ରକୃତି କେବେ ନଦେବ ବ୍ୟଥା ।


ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨


## ମାଆ

### ଶିବରାମ ଦଳେଇ



ପଥର ଭିତରେ ଠାକୁର ଖୋଜିଲେ
ମୋହ ମାୟା ଖାଲି ତୁଟେ,
ବାପା ମାଆ ମୋର ଜୀବନ୍ତ ଠାକୁର
ଜୀବନର ଚଲା ପଥେ ।

ମାଆ ହାତ ଧରି ପୁଅ ଚାଲୁଥିଲା
ମାଆ ଭାବୁଥିଲା ମନେ,
ବୁଢୀ ହେଇଗଲେ ଏମିତି ଚାଲିବି
ପୁଅ ହାତ ଧରି ଦିନେ ।

ଜାଣିଥିଲା କଣ ଏମିତି ହୋଇବ
ବୟସ ଟା ଗଲେ ଗଡ଼ି,
ପୁଅର ଜାଗାକୁ ପୂରଣ କରିବ
ବାଉଁଶ ର ଖଣ୍ଡେ ବାଡ଼ି ।


ଗଢ଼ିଥିଲେ ଘର ରକତ ନିଗାଡି
ସଞ୍ଚିତ ପୁଞ୍ଜି ଲଗାଇ,
ଜାଣିଥିଲା କଣ ବୃଦ୍ଧାଶ୍ରମ ଦେବ
ଜୀବନର ଶେଷ ଛାଇ ।

କେହି କରନାହିଁ ହତାଦର କେବେ
ଚଳନ୍ତି ଦେବତା ସିଏ,
ଯେପରି କରିବ ସେପରି ଭୋଗିବ
ବିଧିର ବିଧାନ ଇଏ ।


ଲେଖନପୁର ସାଲେପୁର
ମୋ: ୯୪୩୯୯୩୭୦୭୧


## ମନୁଆ ବାଇ

### ଦିବାକର ନାୟକ



ସାଗରଠୁ ବେଶୀ ଅହମିକା କିଆଁ
ବିନ୍ଦୁଏ ଜୀବନ ନେଇ
ବରଷା ଥମିଲେ ସୀମାହୀନ ମରୁ
ଆଖି ତୋ ପାଇବ ନାହିଁ
ମନୁଆ ବାଇ
ଛାଡ଼ିଲେ ହରିଙ୍କୁ ହାରିବୁ ତୁହି ।

ସରଗକୁ ଅବା ଯେଉଁଠିକୁ ଯିବୁ
ଯେମିତି ଥିଲୁ ତୁ ସେମିତି ହିଁ ଥିବୁ;
ଜାଗା ବଦଳିଲେ ବଦଳେନି ଭାଗ୍ୟ
ସୁକର୍ମେ ମଜିଲେ ହେବୁ ଦିନେ
ଯୋଗ୍ୟ;

ଚିହ୍ନିଲେ ନିଜକୁ ଚିହ୍ନିବୁ ପ୍ରଭୁଙ୍କୁ
ବାଉଳା ହେଉଛୁ କାହିଁ..
ମନୁଆ ବାଇ
ଛାଡ଼ିଲେ ହରିଙ୍କୁ ହାରିବୁ ତୁହି ।

ଶାୟିତ ଚେତନା ଜଗାଇବୁ ନିଜେ
ଆତ୍ମା ପୁରୁଷଟି ତୋ ହୃଦୟେ ବିଜେ;
ଯାହା ତୁ କରିବୁ ମନେ ଭାବୁଥିବୁ
ତୋ ଭିତରେ ରହି କରାଏ ସେ ସବୁ;

ଭାବ ନିରିମଳ ହେଲେ ତୋ କୁଶଳ
କରିବେ ଜଗତସାଇଁ..
ମନୁଆ ବାଇ
ଛାଡ଼ିଲେ ହରିଙ୍କୁ ହାରିବୁ ତୁହି ।


ପାଟପୁର, କନିସି-
୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ-୯୯୩୮୬୧୯୯୮୧


## ଏକାନ୍ତ

### ରମାକାନ୍ତ ଦାସ




ଆଜି ବି ତୁମର ସେଇ
ମିଠାମିଠା କଥା ପଦକୁ ଶୁଣିବା ପାଇଁ
ମୁଁ ଚାତକ ପରି ଅପେକ୍ଷା କରି
ରହିଥାଏ
ସେହି ସୁନେଲି ସକାଳରେ
ନବଉନ୍ମାଦନର କାକର ବିନ୍ଦୁରେ ।

ଆଜି ବି ସାଇତି ରଖିଛି
ତୁମ ସ୍ମୃତି ସବୁକୁ
ମୋ ହୃଦୟର ଆଲମାରୀରେ
କାହିଁକି କେଜାଣି
ତୁମବିନା ଭଲଲାଗେନି ଜମା
ଅରୁଚି ଲାଗେ ସବୁ ମୁହୂର୍ତ୍ତ ଗୁଡାକ
ସ୍ମୃତିର ଆଇନାରେ ଦେଖୁଥାଏ ମୁଁ
ତୁମ ସହିତ ବିତେଇଥିବା
ସବୁ ମୁହୂର୍ତ୍ତ ଗୁଡିକୁ
ବିତିଥିବା ଆମ ସ୍ମୃତିସବୁ ଅମ୍ଳଜାନ
ପରି
ମୋ ଶିରା ପ୍ରଶିରାରେ ପ୍ରବାହିତ
ହୁଏ
ତୁମ ସ୍ମୃତିସବୁ ଛାତିତଳେ କୁହୁଳେ
ବହୁତ କଷ୍ଟଲାଗେ
ତଥାପି ମୁଁ ପ୍ରତିଦିନ ରୁହେ
ତୁମ ମେସେଜ୍ ଓ କଲ୍ ଅପେକ୍ଷାରେ।


ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ: ୯୬୬୮୮୧୫୩୬୯





# ମିନା ଅପାଙ୍କ ରାମାୟଣ ଟୁଙ୍ଗି (୫୮)

## ସୁଗ୍ରୀବଙ୍କ ରାଜ୍ୟାଭିଷେକ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

"ମହାରାଜା ବାଳି ତାଙ୍କ କୃତ କର୍ମର ଫଳ ଭୋଗକଲେ। ସାନଭାଇକୁ ମାଡ଼ମାରି, ଅପମାନିତ କରି ରାଜ୍ୟରୁ ବାହାର କରିଦେବା ଓ ତାଙ୍କ ସ୍ତ୍ରୀକୁ ଅପହରଣ କରିବା ଅନ୍ୟାୟ ଓ ପାପ। ଏହି କାର୍ଯ୍ୟ ତାଙ୍କ ପତନର କାରଣ ହେଲା।" ମିନା ଅପା ରାମାୟଣ କଥା ଆରମ୍ଭ କଲେ।

ଶ୍ରୀରାମଙ୍କ ଶରାଘାତରେ ବାଳି ଭୂପତିତ ହେଲେ, ମାତ୍ର ତାଙ୍କର ଜୀବନ ଯାଇନଥିଲା। ସେ ଭୂପତିତ ହେଲାପରେ ତାଙ୍କ ପାଖକୁ ସୁଗ୍ରୀବ, ରାମ ଲକ୍ଷ୍ମଣ ଓ ଅନ୍ୟମାନେ ଆସିଲେ। ରାମଙ୍କୁ ଦେଖି ବାଳି ଉତ୍ତେଜିତ ହୋଇ ଉଠିଲେ ଓ ରାମଙ୍କୁ ଧିକ୍କାର କଲେ। "ମୋତେ ବଧ କରିବାର ଥିଲା ତ ମୋ ସାମ୍ନାକୁ ଆସି ଯୁଦ୍ଧ କରିଥାନ୍ତ। ଏପରି କାପୁରୁଷ ପରି ପଛରୁ ଶର ମାରିବା ସୂର୍ଯ୍ୟବଂଶ ରାଜାଙ୍କୁ ଶୋଭା ଦିଶେନି। ବାଳିଙ୍କ କଥାରେ ଶ୍ରୀରାମ ଶାନ୍ତ ସ୍ୱରରେ କହିଲେ- ତୁମେ ଯେଉଁ କର୍ମ କରିଛ ତାର ଫଳ ଭୋଗିଲ। ପୁତ୍ର, ସାନଭାଇ ଓ ଶିଷ୍ୟଙ୍କୁ ପୁତ୍ରପରି ଦେଖିବା କଥା। ମାତ୍ର ତୁମେ ସାନଭାଇ ସୁଗ୍ରୀବଙ୍କ ସାମାନ୍ୟ ଭୁଲପାଇଁ ମାଡ଼ ମାରିଲ ଓ ତାଙ୍କୁ ରାଜ୍ୟରୁ ବାହାର କଲେ। ସେହିପରି ଶାସ୍ତ୍ରରେ ମାତା, କନ୍ୟା, ଭଉଣୀ, ଭାଇବୋହୂଙ୍କୁ ମାତାପରି ସମ୍ମାନ ଦେବା କଥା। ମାତ୍ର ତୁମେ ଭାତୃପତ୍ନୀଙ୍କ ଅପହରଣ କଲ। ତେଣୁ ମୃତ୍ୟୁଦଣ୍ଡ ତୁମର ପ୍ରାପ୍ୟ ଓ ମୁଁ ତାହା ହିଁ କଲି।"

ବାଳି ନିଜର ଭୁଲ ବୁଝିପାରିଲେ ଓ ମୃତ୍ୟୁ ଆଗରୁ ତାଙ୍କ ପ୍ରିୟ ପୁତ୍ର ଅଙ୍ଗଦର କଥା ବୁଝିବାକୁ ଶ୍ରୀରାମଙ୍କୁ ଅନୁରୋଧ କଲେ। ଶ୍ରୀରାମ ବାଳିଙ୍କୁ ଅଙ୍ଗଦଙ୍କ ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଲେ। ବାଳି ନିଜର ଦେହ ତ୍ୟାଗ କଲେ।

ବାଳିଙ୍କ ମୃତ୍ୟୁ ଖବର ସାରା ରାଜ୍ୟରେ ବ୍ୟାପିଗଲା। ସେ ଖବର ପାଇ ରାଣୀ ତାରା ବିକଳ ହୋଇ ବାଳିଙ୍କ ମୃତ ଶରୀର ପାଖରେ ପହଂଚିଲେ ଓ ରୋଦନ କରିବାକୁ ଲାଗିଲେ। ସୁଗ୍ରୀବ ମଧ୍ୟ ଶୋକାକୂଳ ହେଲେ। ମାତ୍ର ଶ୍ରୀରାମ ସମସ୍ତଙ୍କୁ ଆଶ୍ୱାସନା ଦେଲେ- ଯାହା ହେବାର ଥିଲା ହୋଇଯାଇଛି। ଏବେ ବାଳିଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରାଯାଉ।

ଶ୍ରୀରାମଙ୍କ ଆଦେଶ ପାଇ ଲକ୍ଷ୍ମଣ, ସୁଗ୍ରୀବ ଓ ଅନ୍ୟମାନେ ବାଳିଙ୍କ ମରଣୋତ୍ତର କାର୍ଯ୍ୟ ଲାଗି ତତ୍ପର ହୋଇ ଉଠିଲେ।

ସବୁଯୁଗର ମୃତ୍ୟୁ ସମସ୍ତଙ୍କୁ ଦୁଃଖୀ କରିଛି। ନିଜର ଶତ୍ରୁର ମୃତ୍ୟୁପରେ କାନ୍ଦିଛନ୍ତି ଲୋକେ। ବାଳିଙ୍କ ଅନ୍ତିମ କ୍ରିୟା ଆରମ୍ଭ ହୋଇଯାଇଥିଲା। ତାରା, ଅଙ୍ଗଦ, ସୁଗ୍ରୀବ ଓ ଅନ୍ୟମାନେ ବିଳାପ କରିବା ଆରମ୍ଭ କରିଥିଲେ। ଏପରି କି ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଦୁଃଖାଭିଭୂତ ହୋଇ ପଡ଼ିଥିଲେ।

ଶ୍ରୀରାମ ସମସ୍ତଙ୍କୁ ପ୍ରବୋଧନ ଦେଲେ, ତାରା ଓ ଅଙ୍ଗଦଙ୍କୁ ଆଶ୍ୱାସନା ଦେଇ କହିଲେ- ଅଙ୍ଗଦ ଏ ରାଜ୍ୟର ରାଜକୁମାର । ସେ ସମସ୍ତଙ୍କ ପ୍ରିୟ ହୋଇ ରହିବେ। ରାଜ୍ୟ କାମ ତା ବାଟରେ ଚାଲୁ। ସୁଗ୍ରୀବଙ୍କ ରାଜ୍ୟାଭିଷେକର ଆୟୋଜନ କରାଯାଉ।

ପ୍ରଭୁ ଶ୍ରୀରାମଙ୍କ ଆଜ୍ଞାପାଇ ରାଜ୍ୟର ମନ୍ତ୍ରୀ, ଅମାତ୍ୟ, ହନୁମାନ ଓ ଅନ୍ୟମାନେ ତତ୍ପର ହୋଇ ଉଠିଲେ। ସୁଗ୍ରୀବଙ୍କୁ ରାଜା ଓ ଅଙ୍ଗଦଙ୍କୁ ଯୁବରାଜ ଭାବରେ ଅଭିଷେକ କାର୍ଯ୍ୟ ଆରମ୍ଭ ହୋଇଗଲା। ଉତ୍ସବମୁଖର ହୋଇ ଉଠିଲା କିଷ୍କିନ୍ଧ୍ୟା ନଗର। କିଛି ସମୟରେ ପରିବେଶ ବଦଳିଗଲା।

ଅଭିଷେକ ପରେ ସୁଗ୍ରୀବ ଅଙ୍ଗଦଙ୍କୁ ସାଙ୍ଗରେ ଘେନି ରାମ ଲକ୍ଷ୍ମଣଙ୍କ ଦେଖାକଲେ। ସୁଗ୍ରୀବଙ୍କ ସାଙ୍ଗରେ ତାଙ୍କ ପତ୍ନୀ ରୋମାଙ୍କୁ ନଦେଖି ଶ୍ରୀରାମ ବ୍ୟଥିତ ହେଲେ ଓ ମିତ୍ର ସୁଗ୍ରୀବଙ୍କୁ ରୋମାଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ଉପଦେଶ ଦେଲେ। ଅଙ୍ଗଦଙ୍କ ଉପଯୁକ୍ତ ଦାୟିତ୍ୱ ନେବାକୁ ଶ୍ରୀରାମ ସୁଗ୍ରୀବଙ୍କୁ କହିଲେ। ସୁଗ୍ରୀବଙ୍କ ଅଭିଷେକରେ ଶ୍ରୀରାମ ତାଙ୍କ ରାଜନବର କିମ୍ବା କିଷ୍କିନ୍ଧ୍ୟା ନଗରୀକୁ ଯାଇନଥିଲେ। ସେ ପିତୃ ସତ୍ୟ ପାଳନ କରୁଛନ୍ତି ଓ ବନବାସୀ ହୋଇଛନ୍ତି। ତେଣୁ ବଣ ଜଙ୍ଗଲ ତାଙ୍କ ଘର। ସୁଗ୍ରୀବ ଅନୁରୋଧ କରିଥିଲେ- "କିଛିଦିନ କିଷ୍କିନ୍ଧ୍ୟା ନଗରୀରେ ରହି ଏହାକୁ ଧନ୍ୟ କରିନ୍ତୁ।" ମାତ୍ର ଶ୍ରୀରାମ ମନ କରିଦେଇଥିଲେ।

ଶ୍ରୀରାମ କରିଥିବା ପ୍ରତିଜ୍ଞା ପୂରଣ କଲେ। ମିତ୍ର ସୁଗ୍ରୀବ ତାଙ୍କ ରାଜ୍ୟ ଓ ପତ୍ନୀ ଫେରି ପାଇଲେ। ରୀତିନୀତି ଅନୁସାରେ ତାରା ସୁଗ୍ରୀବଙ୍କ ପାଟରାଣୀ ହେଲେ ଓ ଅଙ୍ଗଦ ହେଲେ ଯୁବରାଜ। ରାମ ଲକ୍ଷ୍ମଣ ପ୍ରସ୍ରବଣଗିରିକୁ ଯାଇ ସେଠାରେ ବାସ କଲେ ଓ ସୀତାଙ୍କୁ ଖୋଜିବା ଅଭିଯାନ ଆରମ୍ଭ କରିବାକୁ ଅପେକ୍ଷା କଲେ।

(କ୍ରମଶଃ)

ମୋ: ୯୯୮୦୩୦୦୭୫୧




ମୂଳ ହିନ୍ଦୀ-ଶ୍ୟାମ ସିଂହ ଶଶି
ଅନୁସୃଜନ- କସ୍ତୁରୀ ଚରଣ ରାଉତ

# ବାଘର ଭାଇ



ପୃଥିବୀରେ ସର୍ବ ପ୍ରଥମେ ଗୋଟେ ବାଘ ଜନ୍ମ ହେଇଥିଲା । ତା'ପରେ ଜଣେ ଦେବତା ଓ ପରେ ଏକ ମନୁଷ୍ୟ ଜନ୍ମ ହେଲା । ତିନି ଜଣଙ୍କର ମାଆ ଜଣେ ଥିଲା । ତିନି ଭାଇ ବହୁତ ଖୁସିରେ ରହୁଥିଲେ । ତାଙ୍କର ମାଆ ଆଦିବାସୀ ସଂପ୍ରଦାୟର ଥିଲା । ସେ ନିଜ ହାତରେ ଜଙ୍ଗଲରୁ ଫଳମୂଳ ଆଣେ ଓ ତିନି ପୁଅଙ୍କୁ ଖୁସିମନରେ ଖୁଆଏ । ସେମାନେ ଯେତେବେଳେ ବଡ଼ ହେଲେ ନିଜ ମାଆର ସେବା କରିବାକୁ ଲାଗିଲେ।

ଦିନେ ମାଆର ଦେହ ହଠାତ୍ ଖରାପ ହୋଇଗଲା । ବଡ଼ ପୁଅ ବାଘ ତିନି ଦିନଯାଏ କିଛି ଖାଇଲାନି । କେବଳ ମାଆର ପାଦକୁ ଚାଟୁଥାଏ ।

ଦେବତା ଦେଖି ତା'କୁ ବିରକ୍ତ ହେଇ କହିଲା - 'ତୋତେ ଲାଜ ମାଡୁନି ଭାଇ । ଏତେ ବଡ଼ ହେଲୁଣି, ତଥାପି ମାଆକୁ ହଇରାଣ କରୁଛୁ। କାହିଁକି ମାଆର ପାଦଟାକୁ ଚାଟୁଛୁ ?'

ସେତିକିବେଳେ ମନୁଷ୍ୟ ବି ଆସି ସେଠାରେ ପହଞ୍ଚିଲା । ବାଘର ଏପରି କାମ ଦେଖି ତାକୁ ଏକ କନମୂଳିଆ ଶକ୍ତ ଚାପୋଡ଼ା ଦେଲା । ଦେବତା ଓ ମନୁଷ୍ୟ ତାକୁ ଦୋଷୀ ବୋଲି କହି ଗାଳି ଦେବାକୁ ଆରମ୍ଭ କଲେ । ଏସବୁ ଦେଖି ମାଆ ଦେହ ସହିଲାନି । ସେ କହିଲା -' ଲାଜ ତ ତୁମ ଦୁହିଁଙ୍କୁ ଲାଗିବା ଦରକାର । ତୁମେ ନିଜ ବଡ଼ ଭାଇ ଉପରକୁ ହାତ ଉଠଉଛ । ତୁମ ପରି ତା'ପାଖରେ ଭାଷା ନାହିଁ, ତେଣୁ ସେ ନିଜ ନିର୍ଦ୍ଦୋଷତା ଉପରେ କିଛି କହିପାରୁନି । ତାକୁ ଗାଳି ଦେବା ଓ ମାରିବା ଅଧିକାର ତୁମକୁ କିଏ ଦେଲା ? ମୁଁ ତ ମାଆ- ତୁମ ତିନି ଜଣଙ୍କ ମାଆ। ମୋ ପାଇଁ ତୁମେ ତିନି ଜଣଯାକ ସମାନ । ତିନି ଜଣ ମୋ ଆଖିର ତାରା । ଯାଅ, ଆଗକୁ ଯେପରି ଏମିତି ଭୁଲ୍ ନକର ।'

ଦେବତା ଓ ମନୁଷ୍ୟ ନିଜର କର୍ମ ପାଇଁ ଲଜ୍ଜିତ ହେଲେ। ସେମାନେ ମାଆକୁ କେମିତି କହିବେ ଯେ ତା'ର ଅତ୍ୟଧିକ ପୁତ୍ର ସ୍ନେହରେ ଅନ୍ଧ ହୋଇ ବାଘ ଭାଇ ଜିଦିଆ ହେଇଗଲାଣି । ତା' ଜିଭ ବାଜି ମାଆ ବେଶି ରୋଗୀଣା ହେଇଯାଉଛି । କେବେ କେବେ ତା'ର ଦାନ୍ତ ବି ମାଆ ଦେହରେ ଲାଗିଯାଉଛି ।

ଦିନେ ମାଆର କାନ୍ଦିବାର ଶବ୍ଦ ଶୁଭିଲା । ମାଆର ଦେହ ବେଶି ଖରାପ ହେଲା ଭାବି ଦେବତା ଓ ମନୁଷ୍ୟ ତା'ପାଖକୁ ଦଉଡ଼ିଗଲେ । ସଂଯୋଗକୁ ବାଘ ସେଠାରେ ନଥିଲା । ଦେବତା କହିଲା - ' ମାଆ, ତୁ ବାଘ ଭାଇକୁ ସଫା ସଫା କହିଦଉନୁ ସେ ତୋ'ଠାରୁ ଦୂରେଇ ରହିବ। ତା'ଲାଗି ତୋ ଦେହ ବେଶି ଖରାପ ହେଉଛି ।'

ମନୁଷ୍ୟ ବି ଦେବତା କଥାରେ ସହମତ ହେଲା । କିନ୍ତୁ ମାଆର ବିଚଳିତ ଆଖି କହୁଥିଲା- ' କେମିତି କହିବି ? ମୁଁ ପରା ମାଆ ।'

ମାଆର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା । ସେଦିନ ପୂର୍ଣ୍ଣିମା ହେଇଥିଲା। ମାଆ ଖଟରେ ପଡ଼ିଥିଲା । ସେ ଜହ୍ନକୁ କିଛି ସମୟ ଏକ ଲୟରେ ଦେଖିଲା ଓ ସବୁଦିନ ପାଇଁ ଆଖି ବୁଜିଦେଲା । ଦୁଇ ଭାଇ ପାଖକୁ ଯାଇ ଦେଖିଲେ କି ତାଙ୍କ ମାଆ ଆଉ ନାହିଁ । ତା'ର ନିର୍ଜୀବ ଶରୀରଟା ଖାଲି ପଡି ରହିଥିଲା ।

ଦୁହେଁ ମାଆକୁ ଧରି ବହୁତ କାନ୍ଦିଲେ । ଅଚାନକ ମନୁଷ୍ୟକୁ ବାଘ ଆସିବାର ଶବ୍ଦ ଶୁଣାଗଲା । ସେ କହିଲା -' ଦେବତା ଭାଇ, ମାଆର ମରିବା କଥା ଜାଣିଲେ ବାଘ ଭାଇ ରାଗିବ ଆମ ଉପରେ ।'

ଦେବତା କହିଲା -' ତୋର ଅନୁମାନ ଠିକ୍ । ଗୋଟେ ଉପାୟ ଚିନ୍ତାକର ଯେମିତି ସେ ମାଆର ଶବକୁ ଦେଖି ନପାରିବ ।'

ମନୁଷ୍ୟ ଆଗରେ ଏକ ମାଠିଆ ପଡ଼ିଥିବାର ଦେଖିଲା। ସେଥିରେ କେତେଟା କଣା ବି ହେଇଥିଲା। ସେ କଣା ମାଠିଆଟି ନେଇ ବାଘ ପାଖକୁ ଗଲା । କହିଲା - 'ବାଘ ଭାଇ,ଏଇ ମାଠିଆରେ ପୋଖରୀରୁ ଶିଘ୍ର ପାଣି ଆଣିଦେ । ମାଆର ଦେହ ଭୀଷଣ ଖରାପ । ସେ ଆମପାଇଁ ପିଇବା ପାଣି ଆଣି ପାରିନି ।'

ବାଘ ପାଣି ଆଣିବାକୁ ପୋଖରୀକୁ ଗଲା । ସେ ମାଠିଆରେ ପାଣି ଭରି ଆଣିଲା । ଅଳ୍ପ ଦୂର ଆସି ଦେଖିଲା କି ମାଠିଆରୁ କଣାରେ ସବୁ ପାଣି ଖସି ପଡ଼ିଛି । ସେ ପୁଣି ପୋଖରୀକୁ ଗଲା ଏବଂ ପାଣି ଭରି ଆଣିଲା । କିଛି ବାଟ ଆସିବା ପରେ ମାଠିଆ ଖାଲି । ଏହିପରି ବାଘ ଅନେକ ଥର ଯାଇ ପୋଖରୀରୁ ପାଣି ଆଣିବାକୁ ଚେଷ୍ଟା କରି ବିଫଳ ହେଲା । ଏହି ସମୟ ଭିତରେ ଦୁଇ ଭାଇ ମାଆର ଶବକୁ ନେଇ କୋଉଠି ଲୁଚେଇଦେଲେ ।

ବାରମ୍ୱାର ନିରାଶ ହୋଇ ବାଘ ଶେଷରେ ଖାଲି ମାଠିଆ ଆଣି ଘରକୁ ଫେରିଲା । ପାଣି ଆଣି ନପାରିବାର ନିଜର ଅସାମର୍ଥ୍ୟ ଯୋଗୁଁ ଦୁଇ ଭାଇଙ୍କୁ କ୍ଷମା ମାଗିଲା ।

ବାଘ ନିଜ ମାଆକୁ ଦେଖିବାକୁ ଘର ଭିତରକୁ ଗଲା, କିନ୍ତୁ କୋଉଠି ପାଇଲାନି । ଏ ଘର ସେ ଘର, ବାରି ଦୁଆର ସବୁ ଖୋଜିବାକୁ ଲାଗିଲା । କେଉଁଠି ହେଲେ ମାଆକୁ ନଦେଖି ବ୍ୟସ୍ତ ହୋଇ ପଡ଼ିଲା । ରାଗିଯାଇ ନିଜ ଦୁଇ ଭାଇଙ୍କୁ ପଚାରିଲା -' କହ, ମୋ ମାଆକୁ କୋଉଠି ଲୁଚେଇ ରଖିଛ ?'

ଦେବତା ଓ ମଣିଷ କିଛି ନଜାଣିଲା ପରି କହିଲେ- 'ମାଆ ନାହିଁ ? ଏବେ ତ ଥିଲା । କୁଆଡ଼େ ଗଲା ତେବେ ?'

ବାଘ ପରିସ୍ଥିତିକୁ ବୁଝିଲା । ପୁଣି ଗର୍ଜନ କରି କହିଲା -'ଦେବତା, ତୁ ତ ନିଜକୁ ସର୍ବ ଶକ୍ତିମାନ ବୋଲି ଭାବୁଛୁ । ମୋ ମାଆକୁ ଆଣି ମୋତେ ଦେଇ ପାରିବୁନି ? ତୁ ଦେବତା ନୁହଁ ଦାନବ । ତା' ନ ହୋଇଥିଲେ ତୋ ହାତରେ ମୋ ମାଆ ମରି ନଥାନ୍ତା ? ତୁମେ ନିଶ୍ଚୟ ତାକୁ କିଛି ଭଲମନ୍ଦ କହିଥିବ । ଯୋଉଥିପାଇଁ ସେ ଘର ଛାଡ଼ି କୋଉଠି ଯାଇ ମରିଯାଇଛି ବୋଧେ ।'

ଦେବତା ନୀରବରେ ଛିଡ଼ା ହୋଇଥିଲା । ବାଘ ମନୁଷ୍ୟକୁ ଦେଖି କହିଲା -' ମନୁଷ୍ୟ ଭାଇ, ତୁ ତ ବଡ ସହୃଦୟତା ଦେଖେଇ ହେଉଥିଲୁ । ଯେତେବେଳେ ମୁଁ ମାଆ ପାଖକୁ ଯାଉଥିଲି ମୋତେ କେମିତି ରାଗିକି ଦେଖୁଥିଲୁ। ସତେ କି ମାଆ ଉପରେ ତୋର ଯେମିତି ଏକା ଅଧିକାର ଅଛି । ଏବେ ତାକୁ ମାରିଦେଲୁ ନା ? ମୁଁ ଯଦି ଏଠାରେ ଥାଆନ୍ତି ତା'କୁ କେବେ ମରିବାକୁ ଦେଇ ନଥାନ୍ତି ।'

ମାଆ ମରିବା ପରେ ତିନି ଭାଇ ସ୍ଥିର କଲେ କି ଏବେ ସେମାନଙ୍କର ଅଲଗା ହେଇଯିବା ଉଚିତ୍ । ବାଘ ଓ ମନୁଷ୍ୟ ଗାଆଁରେ ରହିବାକୁ ଚାହୁଁଥିଲେ । ଦେବତାର ବି ସେଇ ଇଚ୍ଛା ଥିଲା, ହେଲେ ସେ କେମିତି କହନ୍ତା କି ସେ ବି ଗାଆଁରେ ରହିବାକୁ ଚାହେଁ । ସେ କହିଲା -' ବାଘ ଓ ମନୁଷ୍ୟ ଭିତରେ ଏକ ଦୌଡ଼ ପ୍ରତିଯୋଗିତା ହେବ । ସେମାନଙ୍କ ଭିତରୁ ଯିଏ ଜିତିବ ସେ ଗାଆଁରେ ରହିବ ଓ ଯିଏ ହାରିବ ସେ ଯାଇ ଜଙ୍ଗଲରେ ରହିବ।'

ଦୌଡ଼ ପ୍ରତିଯୋଗିତାରେ ଦୁଇ ଜଣଙ୍କୁ ଏକ ଗଛ ପର୍ଯ୍ୟନ୍ତ ଯିବାକୁ ହେବ । ଗଛରେ ଗୋଟିଏ ତୀର ଗେଞ୍ଜିବାକୁ ପଡ଼ିବ । ଯିଏ ଆଗ ପହଞ୍ଚି ଗଛରେ ତୀର ଗେଞ୍ଜିବ ସେ ଜିତିବ । ଦୁଇ ଜଣ ନିଜ ତୀର ଧରି ପ୍ରସ୍ତୁତ ହେଲେ । ସେତିକିବେଳେ ଦେବତା ମନୁଷ୍ୟ କାନରେ କିଛି ଫୁସଫୁସ୍ କରି କହିଲା । ଯେମିତି ବାଘ ଦୌଡ଼ିକରି ଗଛ ପାଖରେ ପହଞ୍ଚିଲା, ଦେଖିଲା ଯେ ମନୁଷ୍ୟର ତୀର ପ୍ରଥମେ ଗେଞ୍ଜା ହେଇଥିଲା । ସେ ବୁଝିଲା କି ତାକୁ ଦୁଇ ଭାଇ ଧୋକା ଦେଇଛନ୍ତି । ସେ ଦୁଇ ଭାଇଙ୍କୁ ଘୃଣା ଓ କ୍ରୋଧରେ ଚାହିଁଲା ଏବଂ ତା'ପରେ ଖେଳରେ ହାରିବା କାରଣରୁ ଜଙ୍ଗଲକୁ ପଳେଇଲା । କୁହାଯାଏ ସେଇଦିନଠାରୁ ବାଘ ଜଙ୍ଗଲରେ ରହିବାକୁ ଲାଗିଲା । ଯେତେବେଳେ ତା'ର ପଛ କଥା ମନେ ପଡ଼ିଯାଏ ସେ ନରଖାଦକ ପାଲଟିଯାଏ। ସେ ଦେବତା ଓ ମନୁଷ୍ୟ ଉଭୟଙ୍କୁ ଧୋକାବାଜ ବୋଲି ଭାବେ ।

+ ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ, ବଲାଙ୍ଗିର
ମୋ.୮୯୧୭୩୯୭୩୪୮

ଧାରାବାହିକ ଉପନ୍ୟାସ ଭାଗ-୧୬

# ଗପ ହେଲେ ବି ସତ

## ରାମଚନ୍ଦ୍ର ସେଠୀ



(ପୂର୍ବ ପ୍ରକାଶିତ ଉତ୍ତାରୁ)
ଧାଡ଼ି ଧାଡ଼ି ହେଇ ଆଗପଛ ଶଗଡ଼ ଚାଲିଥାଏ। ହଃ... ହଃ... ଶବ୍ଦ ସହ ପାହାରେ ପାହାରେ ବାଡ଼ି ପାହାର ପୋଢ଼ ପିଠିରେ ବସୁଥାଏ। ମଣିଷ ଦେଖାଯାଆନ୍ତି ନାହିଁ। ଶଗଡ଼ ଚାଲିଥାଏ ଆଗକୁ ଆଗକୁ। ଏଥରୁ ପାଠକେ ଅନୁମାନ କରୁଥିବେ, ସେତେବେଳେ ଆମ ଗାଆଁ ପଶ୍ଚିମରେ ଥିବା ବଣଜଙ୍ଗଲରେ କେତେ ବାଘ ଥିଲେ। କେତେ ଉତ୍ପାତ କରୁଥିଲେ। କିନ୍ତୁ ହାତୀ ନଥିଲେ। କାରଣ ବହୁତ ଖାଲ ଢ଼ିପ,ବହୁତ ନଦୀନାଳ ଓ ଝାଳ ତେଣୁ ହାତୀମାନେ ଯିବା ଆସିବା କରି ପାରନ୍ତିନି।
ଆମ ବାଡ଼ିତଳେ ଶାଳିଆ ନଈ। ଆରପାଖେ ଘଂଚ ଆମ୍ବତୋଟା ଓ ଅନାବନା ବୁଦାଲତା, କିଆ କେତକୀ ଭର୍ତ୍ତି। ଦାଣ୍ଡପାଖେ ରୋଡ଼ ତା ପାଖେ ଗୋଟେ ବିରାଟ ପୋଖରୀ ଆଉ ତା ଆରପାଖେ ଦିଗହଜା ଧାନବିଲ। ରାତି ପାହୁପାହୁ ଦେଖୁ ଗହୀର ବିଲରେ ଗାଈ ଓ ଗୋଠ ପରି ଗୋଠ ଗୋଠ ବାର୍‌ହା। ସେ ଭିତରେ ବି ଥାଆନ୍ତି ଦଶପନ୍ଦର ଦିନର ଟିକି ଟିକି ପିଲା। ବିଲ ବେଉଷଣ ସମୟରେ, ଧାନ ଖେଳୁଆ ପକେଇବା ସମୟରେ ଚାଷୀମାନେ ସେମାନଙ୍କୁ ହୋ ହୋ କରି ତଡ଼ି ନିଅନ୍ତି। ବଡ଼ ବଡ଼ ବାର୍‌ହାମାନେ ସିନା ହୁରୁଡ଼ି ଯାଆନ୍ତି ହେଲେ ଛୋଟଛୋଟ ବାର୍‌ହା ପିଲାମାନଙ୍କର ଗୋଡ଼ କାଦୁଅରେ ପୋତି ହେଇଯାଏ। ସେମାନେ ନାଲି ନାଲି ଦିଅନ୍ତି। ନିର୍ଦ୍ଦୟ ଲୋକମାନେ ସେମାନଙ୍କୁ କୋଡ଼ି କୋଦାଳରେ ପିଙ୍ଗି ମାରି ଦିଅନ୍ତି ଓ ଖାଇ ଯାଆନ୍ତି। ଧାନ ବିଲରେ ପଲା ବା ଭାଡ଼ି ଥାଏ। ଲୋକେ ରାତିରେ ଜଗନ୍ତି। ପାଚିଲା ଧାନ ବାର୍‌ହା ଖାଇଯାଆନ୍ତି ବୋଲି ରାତିଟାଯାକ ଖାଲି ଧୋ ଧୋ ହୋହୋ ଶୁଭେ।

(କ୍ରମଶଃ)

+ହାତୀମୁଣ୍ଡା, ବାଣୀପୁର, ଖୋର୍ଦ୍ଧା

କବିତା
ତୁମ ପାଇଁ

## ଶିଶୁ ହସିଲେ ଦୁନିଆଁ ହସେ

### ଜୟକୃଷ୍ଣ ସାହୁ

ଆମେ ହସିଲେ ହସେ ଦୁନିଆଁ
ଏ କଥା ଶୁଣି ଲାଗେ ଛାନିଆଁ
କେମିତି ହୁଏ ଏହା,
ବୁଝାଇ ଦିଦି କହିଦେ ମୋତେ
ଜାଣିଛୁ ଯଦି ତାହା।

ଦିଦି କହିଲେ 'ପାଖକୁ ଆସ
ଚକା ପକାଇ ମୋ ପାଖେ ବସ
ମନଦେଇ ତୁ ଶୁଣ ,
ଛୋଟ ପିଲାଙ୍କ ଦେହରେ ଅଛି
ଅନେକ ଭଲ ଗୁଣ।

ଫୁଲଗଛକୁ ନିରେଖି ଦେଖ
ତା'ଠାରୁ ସବୁ ଯିବୁ ତୁ ଶିଖି
କଅଁଳ କଢ଼ି ଟିଏ,
କେମିତି ସିଏ କଢ଼ିରୁ ଫୁଲ
ଫୁଟି ସୁବାସ ଦିଏ।

ସେମିତି ତୁମେ କଢ଼ିଟେ ପରି
ଫୁଟିବା ପାଇଁ ରହିଛି ଡେରି
ଯତନ ନେଲେ ତୁମ,
ଫୁଲଟି ପରି ସୁବାସ ଝରି
ରଖିବ ଯଶଃ ନାମ।

କପିଳପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

## ମହତଜନ ହୋଇବା

### ନୀଳମଣି ଚାନ୍ଦ

ଉଡାଜାହାଜ ଆକାଶେ ଯାଏ
ଜାହାଜ ଯାଏ ପାଣିରେ
ତିମିଟି ବଡ଼ ପାଣିରେ ଥାଏ
ଦେଖିଲେ ଯିବ ଜାଣିରେ।

ତିମିଟି ବଡ଼ ଜାହାଜ ବଡ଼
ବଡ଼ଯେ ସେହି ସାଗର
କାହିଁକି ଖାଲି ହୁ ହୁ କରେ
ସିଏ ଖୁସି ନା ରାଗର।

ଆକାର ଆଉ ଗୁଣଟି ଥିଲେ
ସମସ୍ତେ ବଡ଼ କହନ୍ତି
ବଡ଼କୁ ଦେଖି ମଥାକୁ ଟେକି
ସଭିଏଁ ଚାହିଁ ରହନ୍ତି।

ସାଗର ବଡ଼ ଆକାଶ ବଡ଼
ତା'ଠାରୁ ବଡ଼ କିଏରେ
ତାଙ୍କଠୁଁ ବଡ଼ ଦେଶରପାଇଁ
କାମଟି କରେ ଯିଏରେ।

ଆସ ସେମିତି କାମଟି କରି
ଉଦାହରଣ ଥୋଇବା
ସଭିଙ୍କପାଇଁ ଆସରେ ଆମେ
ମହତଜନ ହୋଇବା।

+୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ସକାଳର ଶୋଭା କେଡେ ମନଲୋଭା

### ଶରତ କୁମାର ଦାସ

ସୂରୁଯ ଦେବତା ପୂରୁବ ଦିଗରେ
ହସି ହସି ପରା ଉଇଁଲେଣି ,
ଟିକିଟିକି ପକ୍ଷୀ ଡେଣା ଝାଡି ଝାଡି
ଆକାଶ ଛାତିକୁ ଛୁଇଁଲେଣି ।

ଚିକିମିକି ଖରା ସତେ ମଧୁଝରା
ମାଟି ଅଗଣାରେ ମିଶିଲାଣି,
ସରଗୁ ମରତ ସାରା ଚଉଦିଗ
ଧୋବ ଫରଫର ଦିଶିଲାଣି ।

ନାନା ଜାତି ଫୁଲେ ସଜେଇହୋଇକି
ବାଡି ବଗିଚା ତ ବାସିଲାଣି,
ପରଜାପତିଟି ଗୀତ ଗାଇଗାଇ
ଧୀରେ ଧୀରେ ପରା ଆସିଲାଣି।

ଛୁଆଠାରୁ ବଡ ସଭିଏଁ ହରଷ
କୋଳାହଳ କେତେ ଲାଗିଲାଣି,
ସବୁରି ମନରେ ସୁଖ ସପନର
ନୂଆ ନୂଆ ଆଶା ଜାଗିଲାଣି ।

ସକାଳର ଶୋଭା କେଡେ ମନଲୋଭା
ସରାଗେ ଆଶିଷ ଢାଳିଲାଣି,
ମାଟିମାଆ ପରା ସାଗୁଆ ଶାଢିରେ
ଖୁସିର ଦୀପାଳି ଜାଳିଲାଣି ।

+ବିଭାଗୀୟ ମୁଖ୍ୟ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ଗୋ-ସୁଗମ ପୋର୍ଟାଲର କାର୍ଯ୍ୟକାରିତା ଓ ଅଗ୍ରଗତି ନେଇ ସମୀକ୍ଷା

ଭୁବନେଶ୍ୱର ,୧୪/୧୦ (ନି.ପ୍ର): ରାଜ୍ୟ ସରକାରଙ୍କ ଗୋ-ସୁଗମ ପୋର୍ଟାଲକୁ ଅଧିକ ପାରଦର୍ଶୀ ଓ ତ୍ରୁଟିଶୂନ୍ୟ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର କୃଷି ଭବନଠାରେ ଆୟୋଜିତ ବୈଠକରେ ଗୋ-ସୁଗମ ୱେବ୍ ପୋର୍ଟାଲର କାର୍ଯ୍ୟକାରିତା ଓ ଅଗ୍ରଗତି ସଂପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମୀକ୍ଷା କରିବା ଅବସରରେ କହିଲେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଫଳରେ କୃଷକମାନଙ୍କର ଆୟବୃଦ୍ଧି ସହିତ ଜୀବନ ଓ ଜୀବିକାରେ ରୂପାନ୍ତରଣ ଆଣିହେବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳନ କରାଯାଉଥିବା ଗୋ-ସୁଗମ ପୋର୍ଟାଲ କୃଷକ ଓ କୃଷି ଉଦ୍ୟୋଗୀଙ୍କ ପାଇଁ ଦେଶର ପ୍ରଥମ ସିଙ୍ଗଲ ୱିନ୍‌ଡ୍ରୋ ୱେବ୍ ପୋର୍ଟାଲ। ଗୋ-ସୁଗମ ପୋର୍ଟାଲର ପ୍ରଚଳନ ଏ ଦିଗରେ କୃଷକମାନଙ୍କୁ ବିଶେଷ ସହାୟକ ହେବା ସହିତ ଯୋଜନା ଓ ସେବାର କାର୍ଯ୍ୟାନ୍ୱୟନରେ ସଂପୃକ୍ତ ଅଧିକାରୀଙ୍କ ମଧ୍ୟରେ ଟିମ୍ ୱାର୍କ ଭାବନାକୁ ପ୍ରୋତ୍ସାହିତ କରିବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୧୭ଗୋଟି ଯୋଜନା ଓ ସେବା ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ୩୩ଟି ଯୋଜନା ଓ ସେବାକୁ ଗୋ-ସୁଗମ ପୋର୍ଟାଲରେ ସ୍ଥାନିତ କରାଯାଇ ଡିଜିଟାଲ କରାଯାଇଛି। ଏଥିରେ କୃଷକମାନେ ବିଭିନ୍ନ ଯୋଜନା ଓ ସେବା ନିମନ୍ତେ ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ କରିବାର ସୁବିଧା ରହିଛି । ୱେବ୍ ପୋର୍ଟାଲ୍ ମାଧ୍ୟମରେ ଦରଖାସ୍ତର ରିୟଲଟାଇମ୍ ସ୍ଥିତି ସଂପର୍କରେ ଜାଣିବାର ବ୍ୟବସ୍ଥା ରହିଛି। ଏଥି ସହିତ ମୋବାଇଲ୍ ମେସେଜ୍ କିମ୍ବା ଇ-ମେଲ ମାଧ୍ୟମରେ ପ୍ରତ୍ୟେକ ସ୍ତରରେ ଆବେଦନ ପତ୍ରର ସ୍ୱୀକୃତି କିମ୍ବା ଖାରଜ ସଂପର୍କରେ ସୂଚନା ଦେବାର ବ୍ୟବସ୍ଥା ମଧ୍ୟ ରହିଛି। କୃଷି ସମ୍ବନ୍ଧିତ ଅନ୍ୟ ବିଭାଗରୁ ସେବା ପାଇବା ପାଇଁ ମଧ୍ୟ ଆବଶ୍ୟକ ପ୍ଲାଟ୍ ଫର୍ମ ମଧ୍ୟ ଏହି ୱେବ୍ ପୋର୍ଟାଲରେ ଉପଲବ୍ଧ କରାଯାଇଛି। ଏହି ଅଭିନବ ସିଙ୍ଗଲ୍ ୱିନ୍‌ଡ୍ରୋ ସେବା ପ୍ରଦାନକାରୀ ୱେବ୍ ପୋର୍ଟାଲର ଲାଭ ଯେପରି ରାଜ୍ୟର ପ୍ରତ୍ୟେକ କୃଷକ ସହଜରେ ପାଇପାରିବେ ସେଥି ପ୍ରତି ବ୍ଲକ୍ ଠାରୁ ଆରମ୍ଭ କରି ଜିଲ୍ଲାସ୍ତରୀୟ ଏବଂ ରାଜ୍ୟସ୍ତରୀୟ ଅଧିକାରୀମାନେ ତତ୍ପରତା ପ୍ରକାଶ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ଏବଂ ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ସମସ୍ତ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ମୁଖ୍ୟ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ ବୈଠକରେ ଯୋଗଦେଇଥିଲେ।

# ଚିନ୍ତା ବଢ଼ାଇଲା ଖୋର୍ଦ୍ଧା ଜିଲ୍ଲାରେ ଡେଙ୍ଗୁ ସଂକ୍ରମଣ

ଭୁବନେଶ୍ୱର ,୧୪/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସମେତ ଭୁବନେଶ୍ୱରରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବା ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିବା ସହିତ ଏହାର ନିୟନ୍ତ୍ରଣ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି କହିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମେତ ବିଏମ୍‌ସି କମିସନର, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଓ ଜିଲ୍ଲାର ସମସ୍ତ ଘରୋଇ ସ୍ୱାସ୍ଥ୍ୟାନୁଷ୍ଠାନକୁ ଚିଠି ଜାରି ହୋଇଛି।

ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଖୋର୍ଦ୍ଧା ଜିଲ୍ଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ଚଳିତବର୍ଷ ଅକ୍ଟୋବର ୧୦ତାରିଖ ସୁଦ୍ଧା ଜିଲ୍ଲାରେ ୨୪୦୧ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇ ସାରିଲେଣି। ଗତବର୍ଷ ୩୨୧୨ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଯେଉଁଭଳି ଭାବେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି, ଗତବର୍ଷ ସଂଖ୍ୟାକୁ ମଧ୍ୟ ଟପି ଯାଇପାରେ। ତେବେ ଜିଲ୍ଲାରେ ସରକାରୀଭାବେ କାହାର ମୃତ୍ୟୁ ହୋଇନାହିଁ। ଏଭଳି ପରିସ୍ଥିତିରେ ସବୁ ସ୍ୱାସ୍ଥ୍ୟାନୁଷ୍ଠାନଗୁଡ଼ିକ ସତର୍କ ରହିବା ଲାଗି କୁହାଯାଇଛି। ଡେଙ୍ଗୁରେ 'ଶୂନ୍ୟ ମୃତ୍ୟୁ'କୁ ଆପଣାଇବା ସହିତ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ଜାରି ହୋଇଥିବା ଏସ୍ ?ଓପିକୁ ଅନୁକରଣ କରିବା ଲାଗି କୁହାଯାଇଛି।

ଅପରପକ୍ଷରେ ଚଳିତବର୍ଷର ଡେଙ୍ଗୁ ସ୍ଥିତି ଗତବର୍ଷ ଅପେକ୍ଷା ଅଧିକ ସଂଗୀନ ସ୍ଥିତିରେ ରହିଛି। କାରଣ କେବଳ ଖୋର୍ଦ୍ଧା ଜିଲ୍ଲା ନୁହେଁ, କୋରାପୁଟ, ରାୟଗଡ଼ା, ମାଲକାନଗିରି, ବାଲେଶ୍ୱର, କଟକ ଓ ନୟାଗଡ଼ ଭଳି ଜିଲ୍ଲାରେ ବହୁ ସଂଖ୍ୟାରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କେବଳ ଦେବଗଡ଼, ଝାରସୁଗୁଡ଼ା ଓ ନୂଆପଡ଼ା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଜଣେ ହେଲେ ବି ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି। ତେବେ ରାଜ୍ୟ ସରକାରଙ୍କ 'ଶୂନ୍ୟ ମୃତ୍ୟୁ' ସ୍ଥିତିକୁ ନେଇ ଦ୍ୱନ୍ଦ୍ୱ ରହିଛି। ଚଳିତବର୍ଷ ରାଜଧାନୀର ଜଣେ ସ୍କୁଲ ଛାତ୍ର ଡେଙ୍ଗୁରେ ପ୍ରାଣ ହରାଇଥିଲେ ହେଁ ସ୍ୱାସ୍ଥ୍ୟ ବିଭାଗ ଏହାକୁ ଡେଙ୍ଗୁ ମୃତ୍ୟୁରେ ସାମିଲ କରିନାହିଁ। ଡେଙ୍ଗୁ ପାଇଁ ଘରୋଇ ସ୍ୱାସ୍ଥ୍ୟାନୁଷ୍ଠାନ କାର୍ଡ ପରୀକ୍ଷା ଉପରେ ଭରସା କରୁଥିବା ବେଳେ ବିଭାଗ କିନ୍ତୁ ଏଲିସା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛି। ତେଣୁ ଯଦି କାର୍ଡ ପରୀକ୍ଷା ଜରିଆରେ ଡେଙ୍ଗୁ ଚିହ୍ନଟ ହୋଇଥିବା ବ୍ୟକ୍ତି ପରବର୍ତ୍ତୀ ସମୟରେ ପ୍ରାଣ ହରାଇବେ ତାହାକୁ ବିଭାଗ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉନାହିଁ। ତେଣୁ ଏଭଳି ଦ୍ୱନ୍ଦ୍ୱାତ୍ମକ ସ୍ଥିତିକୁ ଦୂର କରିବାରେ ବିଭାଗ ସଫଳ ହୋଇପାରିନାହିଁ।

# ଦୁଇ ବର୍ଷ ପରେ 'ସୁରଭି' ମହୋତ୍ସବ



ଭୁବନେଶ୍ୱର ,୧୪/୧୦ (ନି.ପ୍ର): କରୋନା ଯୋଗୁଁ ଦୁଇ ବର୍ଷ ହେଲା ବନ୍ଦ ହୋଇଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଏଥର ଅନୁଷ୍ଠିତ ହେବ। ନଭେମ୍ବର ୧୪ ତଥା ଶିଶୁ ଦିବସରୁ ଏହି ତିନିଦିନିଆ ରାଜ୍ୟସ୍ତରୀୟ ମହୋତ୍ସବ ଭୁବନେଶ୍ୱରସ୍ଥିତ ୟୁନିଟ୍-୯ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟରେ କରାଯିବ। 'ଆନନ୍ଦମୟ ଶିକ୍ଷା' ପ୍ରସଙ୍ଗକୁ ନେଇ ଚଳିତବର୍ଷର ସୁରଭି ମହୋତ୍ସବ ଆୟୋଜିତ ହେବ। ଯେଉଁଥିରେ ୩୦ ଜିଲ୍ଲାରୁ ପାଖାପାଖି ଏକ ହଜାର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଆଞ୍ଚଳିକ(କ୍ଲଷ୍ଟର), ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ହେବାକୁ ଥିବା ଏହି ପ୍ରତିଯୋଗିତା ପାଇଁ ୩ କୋଟିର ବ୍ୟବବରାଦ ହୋଇଛି। ଆସନ୍ତା ୧୮ରୁ ୨୨ ତାରିଖ ମଧ୍ୟରେ ଆଞ୍ଚଳିକସ୍ତରରେ, ଅକ୍ଟୋବର ୨୫ରୁ ୨୯ ମଧ୍ୟରେ ବ୍ଲକସ୍ତରରେ, ନଭେମ୍ବର ୨ରୁ ୫ ମଧ୍ୟରେ ଜିଲ୍ଲାସ୍ତରରେ ଯେକେ ?ଣସି ଗୋଟିଏ ଦିନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଦିଗରେ ପଦକ୍ଷେପ ନେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱଥୀ ଏସ୍ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଆ ଭାଷାରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ(ଓଡ଼ିଆ ଭାଷାରେ), ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଯଦି କୌଣସି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ କୌଣସି କାରଣବଶତଃ ଅଂଶଗ୍ରହଣ କରି ନ ପାରନ୍ତି ସେ କ୍ଷେତ୍ରରେ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ଆଞ୍ଚଳିକସ୍ତରରୁ ଚୟନ ହୋଇଥିବା ଛାତ୍ରଛାତ୍ରୀ ବ୍ଲକସ୍ତରରେ, ବ୍ଲକସ୍ତରରେ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଜିଲ୍ଲାସ୍ତରରେ ଏବଂ ଜିଲ୍ଲାସ୍ତରରେ ଯୋଗ୍ୟ ବିବେଚିତ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଆବାସିକ ବିଦ୍ୟାଳୟରେ ପଢୁଥିବା ୪ର୍ଥରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏହା ମହୋତ୍ସବରେ ଭାଗନେବେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯିବ। ୪ର୍ଥରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ପିଲା କନିଷ୍ଠ(ଜୁନିଅର) ଓ ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ(ସିନିଅର) ଦଳ ରୂପେ ବିବେଚିତ ହେବେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ୟୁନ ୭୫%ରୁ ଅଧିକ ସହଯୋଗୀ ଶିକ୍ଷକ/ଶିକ୍ଷୟିତ୍ରୀ ଯେପରି ନୂତନ ଭାବେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ସେଥିପାଇଁ ଜିଲ୍ଲାସ୍ତରୀୟ ଅଧିକାରୀ ସୁନିଶ୍ଚିତ କରିବେ। କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ଆବଶ୍ୟକ ଅର୍ଥରାଶି ସମଗ୍ର ଶିକ୍ଷାର ଅଭିନବ ବିଭାଗ(ଇନୋଭେସନ ହେଡ୍)ରୁ ଖର୍ଚ୍ଚ କରାଯିବ। ଡିଇଓ, ବିଇଓ ଓ ଶିକ୍ଷା ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତିଯୋଗିତାରେ ମନୋନୀତ ଛାତ୍ରଛାତ୍ରୀଙ୍କ ନାମ, ବୟସ, ଦଳ, ବିଦ୍ୟାଳୟ ଓ ଜିଲ୍ଲାର ନାମ, ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନାମ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କୁ ନଭେମ୍ବର ୭ ସୁଦ୍ଧା ଜଣାଇବାକୁ କୁହାଯାଇଛି। ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ନଭେମ୍ବର ୧୧ରେ ଜାତୀୟ ଶିକ୍ଷା ଦିବସ ଓ ୧୪ ତାରିଖରେ ଶିଶୁ ଦିବସ ପାଳନ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟମାନଙ୍କ ସହଯୋଗରେ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ରହଣି ପାଇଁ ୭ଟି ସ୍ଥାନ ପ୍ରସ୍ତୁତ ହୋଇ ରହିଛି।

# ଛଅ ମାସରେ ୩୦ହଜାର ଅବକାରୀ ମାମଲା : ୨୪ ହଜାରରୁ ଅଧିକ ଗିରଫ

ଭୁବନେଶ୍ୱର ,୧୪/୧୦ (ନି.ପ୍ର): ଅବକାରୀ ବିଭାଗର ଜୋରଦାର ଧରପଗଡ ଯୋଗୁଁ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅମାସରେ ୩୦ହଜାରରୁ ଅଧିକ ମାମଲା ରୁଜୁ ହୋଇଥିବାବେଳେ ୨୪ହଜାରରୁ ଅଧିକ ବ୍ୟକ୍ତି ବେଆଇନ୍ ନିଶା କାରବାର ଅଭିଯୋଗରେ ଗିରଫ ହୋଇଛନ୍ତି । ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂହ ଆଜି କରିଥିବା ସମୀକ୍ଷାରୁ ଏହି ସୂଚନା ମିଳିଛି । ଭର୍ଚୁଆଲରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଅବକାରୀ କମିଶନର ରାମ ଚନ୍ଦ୍ର ପଣ୍ଡା, ଯୁଗ୍ମ କମିଶନର ଦିବ୍ୟ ଲୋଚନ ମହାନ୍ତ, ଶରତ ଚନ୍ଦ୍ର ମହାପାତ୍ର, ଏନଫୋର୍ସମେଂଟ ଇଡିସି ରାମ ଚନ୍ଦ୍ର ମିଶ୍ର, ଇଜିସି ରଜତ କୁମାର ପ୍ରହରାଜ, ଦଣ୍ଡପାଣି ବେହେରା, ଡମ୍ବରୁଧର ଖଣ୍ଡା ଏବଂ ସମସ୍ତ ଅବକାରୀ ସୁପରିଟେଣ୍ଡେଂଟମାନେ ଉପସ୍ଥିତ ଥିଲେ । ଅବକାରୀ କମିଶନର କରିଥିବା ସମୀକ୍ଷାରୁ ଜଣାଯାଇଛି ଯେ ଗତଏପ୍ରିଲ ରୁ ସେପ୍ଟେମ୍ବର ମାସ ମଧ୍ୟରେ ୨୯,୩୦୧ଟି ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୯୩୬ଟି ଏନଡିପିଏସ ମାମଲା ରୁଜୁ ହୋଇଛି । ଅବକାରୀ ମାମଲା ସଂଖ୍ୟା ଗତ ବର୍ଷ ତୁଳନାରେ ୬୧ ପ୍ରତିଶତ ଅଧିକ ରହିଥିବାବେଳେ ରୁଜୁ ଏନଡିପିଏସ ମାମଲା ସଂଖ୍ୟା ୧୯୭ ପ୍ରତିଶତ ଅଧିକ ରହିଛି । ସେହିଭଳି ଏହି ଛଅମାସ ମଧ୍ୟରେ ଅବକାରୀ ମାମଲାରେ ୨୩,୫୫୩ ଜଣ ଗିରଫ ହୋଇଥିବାବେଳେ ଏନଡିପିଏସ ମାମଲାରେ ୧୦୮୦ ଜଣ ଗିରଫ ହୋଇଛନ୍ତି ।

ଏହି ଛଅମାସ ମଧ୍ୟରେ ଅବକାରୀ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଜରିଆରେ ୯ଲକ୍ଷ ଲିଟରରୁ ଅଧିକ କାରଖାନା ତିଆରି ଦେଶୀ ମଦ, ପାଖାପାଖି ଏକ କୋଟି ଲିଟର ମଦ ତିଆରି ସାମଗ୍ରୀ, ୭୮୫୪ ଲିଟର ଦେଶୀ ମଦ, ୭୪୫୪ କିଲୋ ଭାଙ୍ଗ, ୧୮,୭୪୯ କିଲୋ ମହୁଲ ଫୁଲ, ୩୮୬ ଲିଟର ଟିକସ ଫାଙ୍କି ବିଦେଶୀ ମଦ ସହିତ ୧୪୮୧ ଟି ମୋଟରଗାଡି ଜବତ ହୋଇଛି । ସେହିପରି ଏନଡିପିଏସ ମମାଲାରେ ଗତବର୍ଷ ଏହି ସମୟରେ ୩୭୯ଜଣ ଗିରଫ ହୋଇଥିବାବେଳେ ଚଳିତବର୍ଷ ଏହା ୧୦୮୦ ହୋଇଛି । ତେବେ ଏହି ଛଅମାସ ସମୟ ମଧ୍ୟରେ ଅବକାରୀ ଅଧିକାରୀମାନେ ୨୫,୫୦୧ କିଲୋ ଗଞ୍ଜେଇ, ୧୪,୩୧୧ ଗ୍ରାମ ବ୍ରାଉନସୁଗାର, ୫୩୦ ଲିଟର କଫସିରପ ଜବତ କରିଛନ୍ତି । ଜବତ ହୋଇଥିବା ଏନଡିପିଏସ ସାମଗ୍ରୀଗୁଡିକର ହାରାହାରି ମୂଲ୍ୟ ୧୦୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଗତବର୍ଷ ଏହି ସମୟରେ ମାତ୍ର ୪୮.୮୧ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଥିଲା ।

ସମୀକ୍ଷାରୁ ଜଣାଯଇଛି ଯେ କେବଳ ସେପ୍ଟେମ୍ବର ମାସରେ ବ୍ରହ୍ମପୁର ଅବକାରୀ ୟୁନିଟ ରେ ୧୯ଟି ମାମଲା ରୁଜୁ ହୋଇଥିବାବେଳେ ସମ୍ବଲପୁରରେ ୧୨ଟି ଏବଂ ମାମଲାକାନଗିରି ଜିଲ୍ଲାରେ ୧୧ଟି ମାମଲା ରୁଜୁ ହୋଇଛି । ସେହଭଳି କୋରାପୁଟ ଜିଲ୍ଲାରେ ସେପ୍ଟେମ୍ବର ମାସରେ ୯୧୭ କିଲୋ ଗଞ୍ଜେଇ ଜବତ ହୋଇଥିବାବେଳେ ବ୍ରହ୍ମପୁରରେ ୭୨୦, କଳାହାଣ୍ଡିରେ ୩୯୩ କିଲୋ ଗଞ୍ଜେଇ ଜବତ ହୋଇଛି । ଏହି ସମୟରେ କଟକ ଅବକାରୀ ବିଭାଗ ୭୪୮ ଗ୍ରାମ ହିରୋଇନ ଜବତ କରିଥିବାବେଳେ ରାଜ୍ୟସ୍ତରୀୟ ଫ୍ଲାଇଙ୍ଗସ୍କ୍ୱାଡ ୬୯୨ ଗ୍ରାମ ଏବଂ ଜଗତସିଂହପୁରରୁ ୬୭୯ ଗ୍ରାମ ହିରୋଇନ ଜବତ ହୋଇଛି । ରାଉରକେଲା ଅବକାରୀ ଅଧିକାରୀମାନେ ୯୭୯ ଲିଟର ନକଲି ବିଦେଶୀ ମଦ ଜବତ କରିଥିବାବେଳେ ବ୍ରହ୍ମପୁରରେ ୩୮୧ ଲିଟର ଏବଂ କେନ୍ଦୁଝରରେ ୧୧୦ ଲିଟର ନକଲି ବିଦେଶୀ ମଦ ଜବତ ହୋଇଛି ।

# ଭଦ୍ରକର ୨ ବିଡିଓଙ୍କ ବଦଳି ନିର୍ବାଚନ ବିଧିର ଉଲ୍ଲଂଘନ : ବିଜେପି

ଭୁବନେଶ୍ୱର ,୧୪/୧୦ (ନି.ପ୍ର): ଧାମନଗର ଉପନିର୍ବାଚନ ପାଇଁ ନିର୍ବାଚନ ଆଚରଣ ବିଧି ଲାଗୁ ସହ ଶାସକ ବିଜେଡି ଖୋଲାଖୋଲି ନିର୍ବାଚନ ବିଧି ଉଲ୍ଲଂଘନ କରିବା ଆରମ୍ଭ କରିଦେଲେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ହେଉଛନ୍ତି ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗର ମୁଖ୍ୟ ସଚିବ । ନିର୍ବାଚନ ବିଧି ଲାଗୁ ହେବା ମାତ୍ରେ କୌଣସି ବଦଳି ବା ନିଯୁକ୍ତି ହୋଇପାରିବ ନାହିଁ । ମାତ୍ର ୭ ତାରିଖ ଦିନ ଧାମନଗର ଓ ତିହିଡି ବିଡିଓଙ୍କୁ ତୁରନ୍ତ ବଦଳି କରିବା ସହିତ ସୁଦୂର କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ କାର୍ଯ୍ୟରତ ୨ ଜଣଙ୍କୁ ନିଯୁକ୍ତି ଦେଲେ। ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବା ଦାୟୀତ୍ୱରେ ଥିବା ରାଜ୍ୟ ନିର୍ବାଚନ ଅଧିକାରୀ ନିଜେ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ଲେଖାଶ୍ରୀ କହିଛନ୍ତି ଯେ, ନିର୍ବାଚନ ପ୍ରଚାର ନହେଉଣୁ ରାଜ୍ୟ ସରକାର ଚଂଚକତା ଆରମ୍ଭ କରିଦେଇଛନ୍ତି ଏବଂ ଏଥିରେ ସାହାଯ୍ୟ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ଶାସକ ବିଜେଡିର ପ୍ରରୋଚନାରେ ସାଧାରଣ ଜନତାଙ୍କୁ ଭ୍ରମିତ କରିବାକୁ ଯାଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ବଦଳି କରାଯାଇଥିବା ୨ ଜଣ ବିଡିଓ ଦୁର୍ନୀତିଗସ୍ତ ବୋଲି , ଯାହାକି ସଂପୂର୍ଣ୍ଣ ମିଥ୍ୟା । ଯଦି ୨ ଜଣ ବିଡିଓ ଦୁର୍ନୀତିଗସ୍ତ, ତାହେଲେ ତାଙ୍କ ବିରୁଦ୍ଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ ? ଅନ୍ୟ ପଟେ ବଦଳି ହୋଇଥିବା ତିହିଡି ବିଡିଓ ଯଦି ଦୁର୍ନୀତିଗସ୍ତ, ତାହେଲେ ସେହି ବ୍ଲକ ଅଧ୍ୟକ୍ଷା କଣ ଦୁର୍ନୀତିମୁକ୍ତ ଅଟନ୍ତି କି ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି । ଏ ସମସ୍ତ ଘଟଣା ସଂପର୍କରେ ଗତ ୯ ତାରିଖ ଦିନ ବିଜେପି ତରଫରୁ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରାଯାଇଛି । ଆଜି ମଧ୍ୟ କେନ୍ଦ୍ରମନ୍ତ୍ରୀ ଭି.ମୁରଲିଧରନ, ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ତରୁଣ ଚୁଗ୍ ଏବଂ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀ ପ୍ରମୁଖ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଭେଟି ପୁଣି ଥରେ ଆଲୋଚନା କରିଛନ୍ତି ବୋଲି ଡ.ଲେଖାଶ୍ରୀ କହିଛନ୍ତି ।

ଧାମନଗର ଉପନିର୍ବାଚନରେ ହାରିଯିବାର ଭୟ ରାଜ୍ୟ ସରକାର ଓ ଶାସକ ଦଳ ମନରେ କମ୍ପନ ସୃଷ୍ଟି କରିଛି। ଏନେଇ ବିଜୁ ଜନତା ଦଳ ଶାସନ କଳର ଅପବ୍ୟବହାର ଚଚଂକତା ଆରମ୍ଭ କରିଛି। ଆଚରଣବିଧି ଲାଗୁ ପରେ ବଦଳି କାହିଁକି କିମ୍ବା କେମିତି କରାଗଲା ଓ କାହା ସ୍ୱାର୍ଥରେ କରାଗଲା ? ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନ୍ୟ ସରକାରୀ ପଦରୁ ମୁକ୍ତ ରଖିବାକୁ ଡ. ଲେଖାଶ୍ରୀ ଦାବି କରିଛନ୍ତି। ଏହି ଅବସରରେ ଲିଗାଲ ସେଲ୍ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ଗଣମାଧ୍ୟମ ସହମୁଖ୍ୟ ସୁଜିତ ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟରେ ଆଜି ୮୪ କରୋନା ସଂକ୍ରମିତ

ଭୁବନେଶ୍ୱର ,୧୪/୧୦ (ନି.ପ୍ର): ଆଜି ପୁଣି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ଶହେ ତଳେ ରହିଛି। ଗତକାଲି ୭୭ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୩୫ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୧୬ଟି ଜିଲ୍ଲାରୁ ୮୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆଜି ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୧୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୪, ବରଗଡ଼ରୁ ୨, ବଲାଙ୍ଗୀରରୁ ୨, କଟକରୁ ୧୦ ଜଣ, ଯାଜପୁରରୁ ୨, ଝାରସୁଗୁଡ଼ାରୁ ୨, କଳାହାଣ୍ଡିରୁ ୬, କନ୍ଧମାଳରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୧୩, ମୟୂରଭଞ୍ଜରୁ ୨, ନୟାଗଡ଼ରୁ ୨, ନୂଆପଡ଼ାରୁ ୫, ପୁରୀରୁ ୨, ସମ୍ବଲପୁରରୁ ୧୫ ଜଣ, ସୁନ୍ଦରଗଡ଼ରୁ ୧୨ ଜଣ ଓ ଷ୍ଟେଟପୁଲରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୫, ୩୧୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୩, ୨୫, ୪୪୦ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୬୨୨ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଏଜୁକେସନ ୱାର୍ଲ୍ଡର ଶ୍ରେଷ୍ଠ ବିଦ୍ୟାଳୟ ତାଲିକା: ଚମକିଲେ ଓଡ଼ିଶାର ୨ ଆଦର୍ଶ ବିଦ୍ୟାଳୟ

ଭୁବନେଶ୍ୱର ,୧୪/୧୦ (ନି.ପ୍ର): ଦେଶରେ ଥିବା ବିଦ୍ୟାଳୟଗୁଡ଼ିକର ଶିକ୍ଷାଦାନ ପ୍ରଣାଳୀ ସମେତ ବିଭିନ୍ନ ବିଷୟ ଆଧାରରେ ଏଜୁକେସନ ୱାର୍ଲ୍ଡ ପକ୍ଷରୁ ପ୍ରକାଶ ପାଇଥିବା ସର୍ବଭାରତୀୟ ରାଙ୍କିଙ୍ଗ୍ ତାଲିକାରେ ଓଡ଼ିଶାର ଘରୋଇ ଓ ସରକାରୀ ବିଦ୍ୟାଳୟଗୁଡ଼ିକ ଉନ୍ନତ ପ୍ରଦର୍ଶନ କରିଛନ୍ତି। 'କୋ-ଏଜୁକେସନ ଡେ' କମ୍ ବୋର୍ଡିଂ ସ୍କୁଲ' ବର୍ଗରେ ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରଥମ ସ୍ଥାନ ହାସଲ କରିଛି। ଲଗାତାର ତୃତୀୟ ବର୍ଷ ଲାଗି ଏହି ସ୍କୁଲ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛି। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକୁ ନେଇ କରାଯାଇଥିବା 'ଷ୍ଟେଟ୍ ଗଭର୍ଣ୍ଣମେଣ୍ଟ ଡେ' ବର୍ଗରେ ଗଞ୍ଜାମସ୍ଥିତ ହାତୀଓଟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସର୍ବଭାରତୀୟସ୍ତରରେ ୫ମ ସ୍ଥାନରେ ରହିଛି। ୨୦୨୧ରେ ଏହି ବିଦ୍ୟାଳୟ ଉକ୍ତ ବର୍ଗରେ ତାଲିକାର ୧୦ତମ ସ୍ଥାନରେ ରହିଥିଲା। 'ଗଭର୍ଣ୍ଣମେଣ୍ଟ ବୋର୍ଡିଂ' ବର୍ଗରେ ବରିପଦାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ୧୦ତମ ସ୍ଥାନରେ ରହିଛି। ଗତବର୍ଷ ଏହି ବିଦ୍ୟାଳୟ ତାଲିକାକୁ ଆସିପାରି ନ ଥିଲା। ଗୋଟିଏ ବର୍ଷ ମଧ୍ୟରେ ଏହା ଉନ୍ନତ ପ୍ରଦର୍ଶନ କରି ୨୦୨୧ରେ ପ୍ରଥମ ସ୍ଥାନରେ ଥିବା ବେଙ୍ଗାଲୁରୁସ୍ଥିତ ବାଗଲ୍‌ପୁର ଜେଏନ୍‌ଭିକୁ ପଛରେ ପକାଇ ଦେଇଛି। ଓଡ଼ିଶାର ବିଦ୍ୟାଳୟଗୁଡ଼ିକ ଉନ୍ନତ ପ୍ରଦର୍ଶନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିବା ସହ ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। 'କୋ-ଏଜୁକେସନ ବୋର୍ଡିଂ' ବର୍ଗରେ କଟକସ୍ଥିତ ସାଇ ଇଣ୍ଟରନ୍ୟାସନାଲ ରେସିଡେନ୍ସିଆଲ୍ ସ୍କୁଲ ଓଡ଼ିଶାରେ ପ୍ରଥମ ଓ ଦେଶର ଦ୍ୱାଦଶ ସ୍ଥାନରେ ରହିଛି। ୨୦୨୧ରେ ଏହି ସ୍କୁଲ ୧୬ତମ ସ୍ଥାନରେ ରହିଥିଲା। ଭୁବନେଶ୍ୱରସ୍ଥିତ ବିକାଶ ରେସିଡେନ୍ସିଆଲ୍ ସ୍କୁଲ ଏହି ବର୍ଗରେ ୪୦ତମ ସ୍ଥାନରେ ରହିଛି। 'ଇଣ୍ଟରନାସନାଲ ଡେ କମ୍ ବୋର୍ଡିଂ' ବର୍ଗରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ୧୭ତମ ସ୍ଥାନରେ ରହିଛି, ୨୦୨୧ରେ ଏହା ୧୪ତମ ସ୍ଥାନରେ ରହିଥିଲା। 'କୋ-ଏଜୁକେସନ ଡେ' କମ୍ ବୋର୍ଡିଂ ସ୍କୁଲ' ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ବ୍ୟତୀତ ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ୧୧ତମ ସ୍ଥାନରେ ରହିଛି। ଗତବର୍ଷ ଏହା ୧୪ତମ ସ୍ଥାନରେ ରହିଥିଲା। ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର ଗତବର୍ଷ ତୁଳନାରେ ଗୋଟିଏ ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନରେ ପହଞ୍ଚିଛି। ସେହିପରି କଟକ ଜିଲ୍ଲା ଜରିପଡ଼ାସ୍ଥିତ କ୍ରିଷ୍ଟମୂର୍ତ୍ତି ୱାର୍ଲ୍ଡ ସ୍କୁଲ ୫୦ତମ, ସମ୍ବଲପୁରସ୍ଥିତ ବିକାଶ ଦି କନ୍‌ସେପ୍ଟ ସ୍କୁଲ ୯୨ତମ, ଭଦ୍ରକର ଏସ୍‌ବିଡି ଇଣ୍ଟରନ୍ୟାସନାଲ ସ୍କୁଲ ୯୩ତମ ସ୍ଥାନରେ ରହି ଓଡ଼ିଶା ପାଇଁ ଗୌରବ ସୃଷ୍ଟି କରିଛନ୍ତି। ଫିଲାନ୍‌ଥ୍ରୋପିକ୍(ଲୋକହିତକର) ସ୍କୁଲ ବର୍ଗରେ ଭୁବନେଶ୍ୱରସ୍ଥିତ କିସ୍ ୭ମ ସ୍ଥାନରେ ରହିଥିବା ବେଳେ କେନ୍ଦ୍ର ସରକାରଙ୍କ ଡେ' ସ୍କୁଲ ବର୍ଗର ୫୦ତମ ସ୍ଥାନରେ ଗୋପାଳପୁରସ୍ଥିତ ଆର୍ମି ପବ୍ଲିକ ସ୍କୁଲ, 'ଭିକ୍ଷେଜ୍ ବାଳିକା ଡେ ସ୍କୁଲ' ବର୍ଗର ୩୧ତମ ସ୍ଥାନରେ କଟକର ସେଣ୍ଟ ଜୋସେଫ୍ ବାଳିକା ଉଚ୍ଚ ବିଦ୍ୟାଳୟ ରହିଛି।

# କ୍ୟାମ୍ପସରେ ପାଳନ ହେବ ମିଲେଟ୍ ଉତ୍ସବ




ଭୁବନେଶ୍ୱର ,୧୪/୧୦ (ନି.ପ୍ର): ଆସନ୍ତା ବର୍ଷକୁ ବିଶ୍ୱ ମିଲେଟ୍ (ମାଣ୍ଡିଆ) ବର୍ଷ ଭାବେ ପାଳନ କରାଯିବ। ବର୍ଷ ଶେଷ ଯାଏ କଲେଜ, ବିଶ ୍ୱବିଦ୍ୟାଳୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ। ଜଳଖିଆରେ ମିଲେଟ୍ ସାମିଲ କରିବାଠୁ ମାରାଥନ୍, ସାଇକେଲ୍ ରାଲି, ପୋଷ୍ଟର ପ୍ରତିଯୋଗିତା କରିବାକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ପକ୍ଷରୁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଛି। ଲିତ ମାସରେ ମିଲେଟ୍‌କୁ ନେଇ କ୍ୟାମ୍ପସରେ କୁଇଜ ପ୍ରତିଯୋଗିତା କରାଯିବ। ଛାତ୍ର, ଅଧ୍ୟାପକ ଓ କର୍ମଚାରୀଙ୍କ ଜଳଖିଆରେ ମିଲେଟ ରଖିବା ନେଇ ତାଲିମ ଦିଆଯିବ। ୨୦୨୩ ଜୁଲାଇରେ ରଙ୍ଗୋଲି ଓ ସ୍ଲୋଗାନ ପ୍ରତିଯୋଗିତା ହେବ। ଅଗଷ୍ଟରେ ମାରାଥନ, ସାଇକେଲ ରାଲି, ପୋଷ୍ଟର ପ୍ରତିଯୋଗିତା ଆୟୋଜନ କରାଯିବ। ନଭେମ୍ବରରେ ମିଲେଟ୍ ବଜାର କରି କ୍ଷୁଦ୍ର ଶସ୍ୟକୁ ଖୋଲା ବଜାରରେ ବିକ୍ରି ପାଇଁ ପ୍ରସ୍ତୁତ କରିବା ଦାୟିତ୍ୱ ବି ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ମିଳିଛି। ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷ ମିଲେଟ୍‌ର ବିଭିନ୍ନ ଦିଗ ନେଇ ସର୍ଭେ କରିବେ। ଏହାର ପୁଷ୍ଟିଗତ ଦିଗ ସଂପର୍କରେ ସମସ୍ତଙ୍କୁ ଅବଗତ କରିବା ପାଇଁ ଆସନ୍ତାବର୍ଷ ଏପ୍ରିଲ ସୁଦ୍ଧା ପ୍ରକଳ୍ପ ପ୍ରସ୍ତୁତ କରାଯିବ।

# ଦେଶର ପ୍ରତ୍ୟେକ ଆଇଆଇଟି ହେଉଛି ରତ୍ନଭଣ୍ଡାର : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୪/୧୦(ନି.ପ୍ର): ଦେଶର ପ୍ରତ୍ୟେକ ଆଇଆଇଟି ହେଉଛି ରତ୍ନଭଣ୍ଡାର । ଜ୍ଞାନ ଏବଂ ଅଭିଜ୍ଞତାର ଗନ୍ତାଘର ଆଇଆଇଟି ଦେଶର ଭବିଷ୍ୟତ ପାଇଁ ରାସ୍ତା ସୁଗମ କରିବ ବୋଲି ଶୁକ୍ରବାର ଆଇଆଇଟି ଦିଲ୍ଲୀରେ ଦେଶରେ ପ୍ରଥମ ଥର ପାଇଁ ଆୟୋଜିତ ସବୁ ଆଇଆଇଟି- ଆର୍ ଆଣ୍ଡ୍ ଡି ପ୍ରଦର୍ଶନୀ 'ଇନଭେନଟିଭ୍ ୨୦୨୨'କୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବିଶ୍ୱର ଅନେକ ଦେଶ ଆଇଆଇଟି କ୍ୟାମ୍ପସ ସ୍ଥାପନ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ଏହା ହିଁ ଆମ ଆଇଆଇଟିର ଜ୍ଞାନ ଓ ଗୁଣବତାକୁ ପରିଚୟ ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଜୟ ଅନୁସନ୍ଧାନ'ର ନାରା ଦେଇଛନ୍ତି। ଆଇଆଇଟି ଦିଲ୍ଲୀରେ ଅନୁଷ୍ଠିତ ଇନଭେନଟିଭ୍ କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ଆଗକୁ ନେଉଛି। ସେହିପରି ଦେଶରେ ସ୍ୱଦେଶୀ ଜ୍ଞାନକୌଶଳରେ ଅନେକ ଟେକ୍ନୋଲୋଜି ଉଦ୍ଭାବନ କରାଯାଉଛି । ବିଶେଷ ଭାବରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅନେକ ନୂତନ ଟେକ୍ନୋଲୋଜି ଉଦ୍ଭାବନ ହେଉଅଛି । ଏହି ଭାରତୀୟ ମଡେଲ ଗୁଡ଼ିକ ବିକାଶଶୀଳ ଅର୍ଥନୀତି ପାଇଁ ଏକ ମାର୍ଗଦର୍ଶିକା ଭାବରେ ଆସ୍ଥାଭାଜନ ହୋଇପାରିଛି। ସଫ୍ଟୱୟାର୍ ଡେଭଲପମେଂଟ, ଫାଇନାନ୍ସ ମ୍ୟାନେଜମେଂଟ, ମେଡିସନ ଏବଂ ଲିଗାଲ୍ ଆନାଲିଟିକ୍ସ ଭଳି କ୍ଷେତ୍ରରେ ଭାରତ ଅଗ୍ରଣୀ ନେତୃତ୍ୱ ନେଉଛି। ଦେଶବାସୀଙ୍କ ମଧ୍ୟରେ ଥିବା ବୌଦ୍ଧିକ କ୍ଷମତା ଭାରତକୁ ନୂଆ ବୈଶ୍ୱିକ ଦୃଶ୍ୟପଟ୍ଟରେ ଶିଖରରେ ପହଂଚାଇବାର କ୍ଷମତା ରଖିଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆମକୁ ଗବେଷଣା ଆଧାରିତ ଉଦ୍ୟମତା ବିକଶିତ କରିବାକୁ ହେବ। ଭାରତର ପ୍ରତିଭା, ଡିଜିଟାଲ କାରବାର, ବଜାର, କିଣିବା କ୍ଷମତା ଏବଂ ବଢୁଥିବା ଆକାଂକ୍ଷା ଭାରତକୁ ଦ୍ରୁତ ଗତିରେ ଆଗକୁ ନେଉଛି। ଆଇଆଇଟି ଗୁଡିକ ଏହି ସୁଯୋଗର ବ୍ୟବହାର କରିବାର କରିବା ଉଚିତ୍। ଏହାବ୍ୟତିତ ସମାଜ ଏବଂ ବଜାର ସହ ନବସୃଜନକୁ ଯୋଡ଼ିବାକୁ ହେବ। ଦେଶରେ ସୃଷ୍ଟି ହେଉଥିବା ଜୈବ ବର୍ଜ୍ୟବସ୍ତୁର ସଠିକ୍ ଉପଯୋଗ କରାଗଲେ ଅର୍ଥନୀତିକୁ ସହାୟକ ହେବ। ଆଇଆଇଟି ଇଞ୍ଜିନିୟର କଲେଜ ଠାରୁ ଊର୍ଦ୍ଧ୍ୱରେ ରହିବାକୁ ହେବ। ନବସୃଜନ, ନିଯୁକ୍ତିଦାତା ସୃଷ୍ଟି କରିବା ଭଳି ବିଷୟକୁ ନେଇ ଆଇଆଇଟି ଗୁଡ଼ିକର ନୂଆ ମାପଦଣ୍ଡ ସ୍ଥିର କରିବାକୁ ହେବ। ପ୍ରଯୁକ୍ତିବିଦ୍ୟା, ଅଭିବୃଦ୍ଧି ଏବଂ ବିକାଶର ନୂଆ ଆବାହକ ହେବ ଏବଂ ଏଥିରେ ଆଇଟି ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ଶୀର୍ଷ ତାଲିକାରେ ରହିବ। ବିଶ୍ୱ ଭାରତରେ ଅଧିକ ପୁଞ୍ଜିନିବେଶ କରିବା ପାଇଁ ଇଚ୍ଛୁକ ଅଛି ଏବଂ ଆମର ଛାତ୍ରଛାତ୍ରୀ ଓ ଇନୋଭେସନ ବିଶ୍ୱରେ ଶ୍ରେଷ୍ଠ ସ୍ଥାନରେ ରହିବାର କ୍ଷମତା ରଖିଛନ୍ତି । ଦେଶରେ ଜାତୀୟ ଶିକ୍ଷା ନୀତି -୨୦୨୦ ଭଳି ସବୁଠୁ ବଡ଼ ସଂସ୍କାର ପ୍ରଣୟନ କରାଯାଉଛି। ଉଚ୍ଚ ଶିକ୍ଷାନୁଷ୍ଠାନ ବିଶେଷ ଭାବରେ ଆଇଆଇଟି ଦକ୍ଷତା ବିକାଶକୁ ଗୁରୁତ୍ୱ ଦେବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ ଇନଭେନଟିଭ୍ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିବା ୭୫ଟି ଇନୋଭେସନ ଆମର ଆଇଆଇଟିର ଗବେଷଣା ଓ ବିକାଶର କ୍ଷମତାକୁ ଦର୍ଶାଇଛି। ଜଟିଳ ବୈଶ୍ୱିକ ସମସ୍ୟାକୁ ସମାଧାନ କରିବା ଦିଗରେ ଇନଭେନଟିଭ୍ କାର୍ଯ୍ୟକ୍ରମ ସମାଧାନର ରାସ୍ତା ବାହାର କରିବ।

## ଧାମନଗର ଉପନିର୍ବାଚନ : ଭଦ୍ରକରେ ପହଞ୍ଚିଲେ ସାଧାରଣ ପର୍ଯ୍ୟବେକ୍ଷକ

ଭଦ୍ରକ,୧୪/୧୦(ନି.ପ୍ର): ଧାମନଗର (ଏସ୍.ସି.) ବିଧାନ ସଭା ନିର୍ବାଚନ ମଣ୍ଡଳୀର ବିଧାୟକ ପଦ ପାଇଁ ଉପ ନିର୍ବାଚନ ସକାଶେ ନିର୍ବାଚନ ଆୟୋଗ, ଭାରତ ଦ୍ୱାରା ଗତ ୩ ତାରିଖରେ ବିଜ୍ଞପ୍ତି ଘୋଷଣା ପରେ ଆସନ୍ତା ନଭେମ୍ବର ୩ରେ ମତଦାନ ଲାଗି ନିର୍ବାଚନ କାର୍ଯ୍ୟ ପରିଚାଳନା ନେଇ ଜିଲ୍ଲା ପ୍ରଶାସନ ଦ୍ୱାରା ସମସ୍ତ ପ୍ରକ୍ରିୟା ଓ ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି। ଆଦର୍ଶ ଆଚରଣ ବିଧି କାର୍ଯ୍ୟକାରୀତା ପୂର୍ବକ ସ୍ୱଚ୍ଛ ଓ ନିରପେକ୍ଷତାର ସହ ଏହି ଉପନିର୍ବାଚନ ସମ୍ପାଦନ ପାଇଁ ନିର୍ବାଚନ ଆୟୋଗ ଦ୍ୱାରା ନିଯୁକ୍ତ ଆଇ.ଏ.ଏସ୍. ଅଧିକାରୀ ନିରଞ୍ଜନ କୁମାର ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଗତକାଲି ୧୩.୧୦.୨୨ ଗୁରୁବାର ସନ୍ଧ୍ୟାରେ ଭଦ୍ରକରେ ପହଞ୍ଚିଛନ୍ତି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏସ.ପି. ଚରଣ ସିଂ ମୀନା ତାଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଥିଲେ। ସେ ମଧ୍ୟ ନିର୍ବାଚନ ପରିଚାଳନା ପ୍ରସ୍ତୁତି ନେଇ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ସହିତ ଆଲୋଚନା କରିଥିଲେ। ଧାମନଗର ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ନେଇ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଯୋଗାଯୋଗ ନମ୍ବର ହେଲା ୭୮୫୪୮୨୬୫୦୯ । ରାଜନୈତିକ ଦଳ ମାନଙ୍କର ପ୍ରାର୍ଥୀ / ପ୍ରାର୍ଥୀନି ବା ସେମାନଙ୍କ ପ୍ରତିନିଧି ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ସାକ୍ଷାତ କରିବାକୁ ଚାହୁଁଥିଲେ ସକାଳ ୯ ଘଟିକାରୁ ୧୦ ଘଟିକା ମଧ୍ୟରେ ସାଳନ୍ଦୀ ଇରିଗେସନ୍ ଆଇ.ବି.ରେ ସାକ୍ଷାତ କରିପାରିବେ ବୋଲି ସେ ଜଣାଇଛନ୍ତି। ତାଙ୍କ ଫ୍ୟାକସ୍ ନମ୍ବର ହେଲା ୦୬୭୮୪୨୪୦୮୦୦ ଇ ମେଲ ଆଇ.ଡ଼ି ହେଲା niranjan.ias@gmail.com.

## ନବ ନିଯୁକ୍ତ ବ୍ୟାଙ୍କିଂ ସହାୟକ ଓ ପ୍ୟାକସ୍ ଅଧିକାରୀଙ୍କୁ ଦିଗଦର୍ଶନ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୧୦(ନି.ପ୍ର): ୧୫ ଟି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ନବନିଯୁକ୍ତ ୩୮୪ ବ୍ୟାଙ୍କିଙ୍ଗ ସହାୟକ ଓ ୨୦୬୩ ନବନିଯୁକ୍ତ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ଅଧିକାରୀମାନଙ୍କୁ ଦିଗଦର୍ଶନ କାର୍ଯ୍ୟକ୍ରମରେ ସମ୍ବୋଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ସହିତ ପ୍ରାଥମିକ କୃଷିଋଣ ସମବାୟ ସମିତି କମ୍ପ୍ୟୁଟରୀକରଣର ଶୁଭାରମ୍ଭ ହୋଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ୫ -ଟି ସଚିବ ଭିକେ ପାଣ୍ଡିଆନ୍ , ସମବାୟ ସଚିବ ସଂଜୀବ ଚଡ୍ଢା ମଧ୍ୟ ଉପସ୍ଥିତ ରହିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଜ୍ଞାନବାପୀ ମାମଲାରେ ....

ବୋଲି କୋର୍ଟ କହିଛନ୍ତି । କୋର୍ଟଙ୍କ ଏଭଳି ନିର୍ଦ୍ଦେଶ ପରେ ମାମଲାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି ହିନ୍ଦୁ ପକ୍ଷଙ୍କ ଓକିଲ । ଗତ ସେପ୍ଟେମ୍ବରରେ ୪ ଜଣ ହିନ୍ଦୁ ଆବେଦନକାରୀ ଜ୍ଞାନବାପୀ ମାମଲାରେ ଠାବ କରାଯାଇଥିବା ଶିବଲିଙ୍ଗର କାର୍ବନ ଡେଟିଂ କରିବାକୁ ବାରଣାସୀ କୋର୍ଟରେ ଆବେଦନ କରିଥିଲେ । ତେବେ ହିନ୍ଦୁ ପକ୍ଷ ସୁପ୍ରିମକୋର୍ଟ ଗଲେ ଶିବଲିଙ୍ଗର କାର୍ବନ ଡେଟିଂ ଉପରେ କୋର୍ଟ କ'ଣ ରାୟ ଦେବେ ତାହା ଉପରେ ଉଭୟ ପକ୍ଷଙ୍କ ନଜର ରହିଛି ।

### ୩୫ ଓଏଏସ୍ ଅଫିସରଙ୍କ....

ସାହାଣୀଙ୍କୁ ସୋର ତହସିଲଦାର ଓ ମଧୁସୂଦନ ନାୟକଙ୍କୁ କାଶୀନଗର ତହସିଲଦାର ଭାବେ ବଦଳି କରାଯିବା ସମେତ ମୋଟ ୨୦ଜଣ ଓଏଏସଙ୍କୁ ବଦଳି କରାଯାଇଛି । ସେହିପରି ପଂଚାୟତିରାଜ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ କରୁଣାକର ଧିଣ୍ଡାଙ୍କୁ ସୋର ବିଡିଓ, ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ବାଲିଆପାଳ ବିଡିଓ, ଦୀନମଣୀ ନାଏକଙ୍କୁ ବସ୍ତା ବିଡିଓ, ଜ୍ଞାନରଞ୍ଜନ ସାହୁଙ୍କୁ ନୀଳଗିରି ବିଡିଓ, ଅଭିଷେକ ଦାଶଙ୍କୁ ଔପଦା ବିଡିଓ, ସୁରେନ୍ଦ୍ର ମେହେରଙ୍କୁ ଦେଓଗାଁ ବିଡିଓ, ସୁଚିତ୍ରା ମୁର୍ଗିଙ୍କୁ କର୍ଲାମୁଣ୍ଡା ବିଡିଓ, ଶିବପ୍ରସାଦ ପଟ୍ଟନାୟକଙ୍କୁ ନବରଙ୍ଗପୁର ବିଡ଼ିଓ, ଲୋଚନ ଦାସଙ୍କୁ ସତ୍ୟବାଦୀ ବିଡିଓ, ପବିତ୍ର କୁମାର ବେହେରାଙ୍କୁ କଣାସ ବିଡିଓ, ପ୍ରଭାତୀ ଝୋଡ଼ିଆଙ୍କୁ ରାମନାଗୁଡ଼ା ବିଡିଓ, ଦୁର୍ଗାଚରଣ ମୁର୍ମୁଙ୍କୁ କଙ୍କାଡ଼ାହାଡ଼ ବିଡିଓ, ସୁଧୀର ସିଂଙ୍କୁ କେ.ନୂଆଗାଁ ବିଡିଓ, ତପନ କୁମାର ସେନାପତିଙ୍କୁ ମୟୂରଭଞ୍ଜ ଜିଲ୍ଲାର ଜିବିନଗର ବ୍ଲକ ବିଡିଓ ଓ ପ୍ରେମାନନ୍ଦ ବେହେରାଙ୍କୁ ରରୁଆଁ ବିଡିଓ ଭାବେ ବଦଳି କରାଯାଇଛି ।

### ୧୭ରେ ବିଏମସି କମିଶନରଙ୍କୁ ....

ଜନସଂଖ୍ୟା ହିସାବ କଲେ ପାଖାପାଖି ୩ କୋଟି ହେବ। 'ଉଠାଦୋକାନୀ ବିକାଶ ସୁରକ୍ଷା ଓ ପଥ ବିକ୍ରେତା ବିନିୟମ'ଆଇନ ଅନୁସାରେ ଉଠା ଦୋକାନୀମାନଙ୍କର ସର୍ଭେ କରି ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ ପୂର୍ବକ ଥଇଥାନ କରାଯିବା କଥା। ଭୁବନେଶ୍ୱରରେ ଆଂଶିକ ସର୍ଭେ ହୋଇ ୩୫ ହଜାର ଉଠାଦୋକାନୀଙ୍କୁ ପରିଚୟପତ୍ର କିମ୍ବା କୁପନ ଦିଆଯାଇଥିବାବେଳେ ରାସ୍ତା ଉପରୁ ଠେଲା ହଟାଯିବ ବୋଲି କମିଶନର ଘୋଷଣା କରିବା ଆଶ୍ଚର୍ଯ୍ୟଜନକ। ବିଏମ୍‌ସି କ'ଣ ଭାରତ ବାହାରେ ଓ ଏହାର କମିଶନର କଣ ପାର୍ଲାମେଂଟଠାରୁ ଊର୍ଦ୍ଧ୍ୱରେ ବୋଲି ସୁର ଜେନା ପ୍ରଶ୍ନ କରିଛନ୍ତି। ଏ ପ୍ରକାର ଉଦ୍ଭଟ ଓ ବେଆଇନ ନିଷ୍ପତିକୁ ତୁରନ୍ତ ପ୍ରତ୍ୟାହାର ନ କଲେ ଏହା ବିରୋଧରେ ଆନ୍ଦୋଳନ ସହିତ ଅଦାଲତର ମଧ୍ୟ ଆଶ୍ରୟ ନିଆଯିବ।

### ୧୮ବେଳକୁ ଘୂର୍ଣ୍ଣିବଳୟ....

ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୫ରୁ ୧୬ ତାରିଖ ମଧ୍ୟରେ ଗଜପତି,ଗଂଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡା , ରାୟଗଡା , କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଅପରପକ୍ଷରେ ଆଜି ଉତରାଖଣ୍ଡ, ଉତର-ପ୍ରଦେଶ, ଗୁଜୁରାଟ ର ଅବଶିଷ୍ଟ ଅଂଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ସମ୍ପୂର୍ଣ ଭାବେ ଅପସାରଣ ହୋଇଥିବା ବେଳେ ବିହାର, ଝାଡ଼ଖଣ୍ଡ, ଛତିଶଗଡ ଏବଂ ମହାରାଷ୍ଟ୍ରରୁ ଆଂଶିକ ଭାବେ ଅପସାରଣ ହୋଇଛି। ଆଗାମୀ ୩ ଦିନ ମଧ୍ୟରେ ପୂର୍ବ-ଭାରତ ଆହୁରି ଅନେକ ଅଂଚଳରୁ ମୌସୁମୀ ଅପସାରଣ ହେବା ପାଇଁ ପାଗ ଧୀରେ ଧୀରେ ଅନୁକୂଳ ହେଉଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ମୁମ୍ବାଇରେ ଉଦ୍ଧବ ଠାକରେଙ୍କ ଅସ୍ତିତ୍ୱ ଶେଷ : ନାରାୟଣ ରାଣେ

ନୂଆଦିଲ୍ଲୀ, ୧୪/୧୦ : କେନ୍ଦ୍ରୀୟମନ୍ତ୍ରୀ ନାରାୟଣ ରାଣେ କହିଛନ୍ତି ମୁମ୍ବାଇରେ ଉଦ୍ଧବ ଠାକରେଙ୍କ ଅସ୍ତିତ୍ୱ ଖତମ ହୋଇ ସାରିଛି। ଅନ୍ଧେରୀରେ ହେଉଥିବା ବିଧାନ ସଭାର ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି ନିଶ୍ଚିତ ଭାବରେ ତା ସପକ୍ଷରେ ବହୁତ ଅଧିକ ଭୋଟରେ ଜିତିବ । ଏହାଛଡା ମୁମ୍ବାଇ ନଗର ନିଗମର ନିର୍ବାଚନ ଓ ଲୋକସଭା ନିର୍ବାଚନରେ ଉଦ୍ଧବ ଠାକରେଙ୍କୁ ଗୋଟିଏ ହେଲେ ଆସନ ମିଳିବ ନାହିଁ।

## ଚୋରା କାଠ ସହିତ ଭୁଟଭୁଟି ଓ ବାଇକ୍ ଜବତ୍ : ୨ ଗିରଫ

ଜଳେଶ୍ୱର, ୧୪/୧୦(ନି.ପ୍ର): ଆଜି ଜଳେଶ୍ୱର ଅଂଚଳରୁ ପଶ୍ଚିମବଂଗକୁ ଚୋରାକାଠ ଗଲାବେଳେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଭୁଟଭୁଟି ସହିତ ୧୧ଖଣ୍ଡ କାଠଗଣ୍ଡି ଓ ଏହାକୁ ସୁରକ୍ଷା ଦେଉଥିବା ବାଇକ୍‌କୁ ଜବତ୍ କରାଯାଇଛି । ଘଟଣାରେ ସଂପୃକ୍ତି ୨ଜଣଙ୍କୁ ଗିରଫ କରାଯାଇଛି । ଘଟଣାରୁ ପ୍ରକାଶ, ପୁରୁଣା ଓଟିରୋଡର ଅଗ୍ରୱାଲା ଛକଠାରେ ଏକ ଭୁଟଭୁଟିରେ ୧୧ଟି କାଲ ଗଣ୍ଡି ବିରିଷପୁରରୁ ପଶ୍ଚିମବଂଗକୁ ଚୋରାରେ ଚାଲାଣ ହେଉଥିବା ଖବର ପାଇ ଜଳେଶ୍ୱର ରେଞ୍ଜ ଅଫିସର ଜୟଶ୍ରୀ ମୁର୍ମୁ, ଫରେଷ୍ଟର




ଭକ୍ତିଲତା ଦାସ, ରଂଜିତା ବିଶ୍ୱାଳ ଓ ଜଂଗଲ ସୁରକ୍ଷା କର୍ମୀ ସମରେଶ ଦାସ, କାର୍ତ୍ତିକ ପରିଡା, ଚଢାଉ କରିଥିଲେ । କାଠ ଜବତ୍ ହେବା ସହିତ ଭୁଟଭୁଟି ଓ ହୋଣ୍ଡା ଲିଭ ଓଡି୦୧ଏମ୍-୬୪୫୦କୁ ଅଟକ ରଖି ତଦନ୍ତ ଚଳାଇଛନ୍ତି। ଏହି ଘଟଣାରେ ଭୁଟଭୁଟି ଚାଳକ ବିରିଶପୁର ଗାଁର ନିମାଇଁ ଦଲେଇ ଓ ବାଇକ୍‌ଚାଳକ ଲକ୍ଷ୍ମଣନାଥ ଗାଁର ପ୍ରଭାକର ଦେକୁ ଗିରଫ କରାଯାଇଥିବା ବନବିଭାଗ ସୂତ୍ରରୁ ପ୍ରକାଶ।

## ରାଜ୍ୟରେ ନୂଆ ୮୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୪/୧୦(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୫୩୧୪ କୁ ବୃଦ୍ଧି ପାଇଛି। ନୂଆ ଚିହ୍ନଟ ୮୪ ଆକ୍ରାନ୍ତଙ୍କ ମଧ୍ୟରୁ ୪୯ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୩୫ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି। ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୫୯ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୫୪୪୦ ରେ ପହଂଚିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୨୨ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୮୪ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୪, ବରଗଡ଼ ଜିଲ୍ଲାରେ ୨, ବଲାଙ୍ଗିର ଜିଲ୍ଲାରେ ୨, କଟକ ଜିଲ୍ଲାରେ ୧୦, ଗଞ୍ଜାମ ଜିଲ୍ଲାରେ ୧, ଯାଜପୁର ଜିଲ୍ଲାରେ ୨, ଝାରସୁଗୁଡ଼ା ଜିଲ୍ଲାରେ ୨, କଳାହାଣ୍ଡି ଜିଲ୍ଲାରେ ୬, କନ୍ଧମାଳ ଜିଲ୍ଲାରେ ୧ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲାରେ ୨, ନୟାଗଡ଼ ଜିଲ୍ଲାରେ ୨, ନୂଆପଡ଼ା ଜିଲ୍ଲାରେ ୫, ପୁରୀ ଜିଲ୍ଲାରେ ୨, ସମ୍ବଲପୁର ଜିଲ୍ଲାରେ ୧୫, ସୁନ୍ଦରଗଡ଼ ଜିଲ୍ଲାରେ ୧୨ ଓ ଷ୍ଟେଟ ପୁଲରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟର ଶିଶୁ ସୁରକ୍ଷା କର୍ମଶାଳା

ପୁରୀ,୧୪/୧୦(ନି.ପ୍ର): ପୁରୀ ଜିଲ୍ଲା ରିଜର୍ଭ ପୋଲିସର ସମ୍ମିଳନୀ କକ୍ଷଠାରେ ପୁରୀ ପୋଲିସ ବିଭାଗର ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ କର୍ମଚାରୀ ମାନଙ୍କ ପାଇଁ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ପୁରୀ ଜିଲ୍ଲା ର ସମସ୍ତ ୨୮ ଥାନାର ମହିଳା ଓ ଶିଶୁ ଡେସ୍କ ର ସମସ୍ତ ଅଧିକାରୀ, ଥାନା ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଏସଡ଼ିପିଓ, ଡ଼ିଏସପି ହେଡ କ୍ୱାଟର, ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ଅଧିକ୍ଷକ , ସିଟି ଡ଼ିଏସପି ଏବଂ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅଧିକ୍ଷକ, ଚାଇଲ୍ଡଲାଇନ ଅଧ୍ୟକ୍ଷ ଉକ୍ତ କର୍ମଶାଳା ରେ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା, ଶିଶୁ କଲ୍ୟାଣ ସମିତି ର ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, କିଶୋର ନ୍ୟାୟ ବୋର୍ଡ ର ସଦସ୍ୟ ବିଜୟାନନ୍ଦ ମିଶ୍ର ଏବଂ ଡି ଏସ ପି ମନୋବ୍ରତା ଶତପଥୀ ଯୋଗ ଦେଇଥିଲେ । ଏଥିରେ ବିଜୁ ପଟ୍ଟନାୟକ ପୋଲିସ ତାଲିମ କେନ୍ଦ୍ର, ଭୁବନେଶ୍ୱରର ଡି ଏସ ପି ଗୁରୁପ୍ରସାଦ ଶିବଶଙ୍କର ନନ୍ଦ ଏବଂ ଭୁବନେଶ୍ୱର ଡାଇରେକ୍ଟର ପବ୍ଲିକ ପ୍ରୋସିକ୍ୟୁସନ ଅଫିସ ର ଯୁଗ୍ମ ନିର୍ଦ୍ଦେଶକ ଯମେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଶିଶୁ ସୁରକ୍ଷା ଆଇନ ଉପରେ ବିଶେଷ ଧ୍ୟାନ ଦେଇ ମନଯୋଗ ସହ କାର ?ୟ୍ୟ କରିବାପାଇଁ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସଙ୍କୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବଡଜେନା ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସଙ୍କୁ ବିଜୁ ପଟ୍ଟନାୟକ ପୋଲିସ ତାଲିମ କେନ୍ଦ୍ର, ଭୁବନେଶ୍ୱରର ଡି ଏସ ପି ଗୁରୁପ୍ରସାଦ ଶିବଶଙ୍କର ନନ୍ଦ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସଙ୍କର କାର୍ଯ୍ୟଏବଂ ଦାୟିତ୍ୱ ସହିତ ଶିଶୁ ମାନଙ୍କ ସୁରକ୍ଷା କ୍ଷେତ୍ରରେ କିଶୋର ନ୍ୟାୟ ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା ଆଇନ ୨୦୧୫ ଏବଂ ଶିଶୁ ମାନଙ୍କୁ ଯୌନ ଶୋଷଣ ସୁରକ୍ଷା ଆଇନ ୨୦୧୨ ବିଷୟରେ ଆଲୋଚନା କରିଥିଲେ । ଭୁବନେଶ୍ୱର ଡାଇରେକ୍ଟର ପବ୍ଲିକ ପ୍ରୋସିକ୍ୟୁସନ ଅଫିସ ର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମିଶ୍ର ଯୌନ ଶୋଷଣରୁ ସୁରକ୍ଷା ଆଇନ ୨୦୧୨ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିବା ସହିତ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସଙ୍କୁ କିପରି ଭାବରେ ପ୍ରତ୍ୟେକ ସ୍ୱତନ୍ତ୍ର କେସ ପାଇଁ ସମସ୍ତ ତଥ୍ୟ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଉପସ୍ଥାପନ ଶୈଳୀ ବିଷୟରେ ବୁଝାଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ତ୍ରିପାଠୀ ମିସନ ବାତ୍ସଲ୍ୟ ଏବଂ ସ୍ୱତନ୍ତ୍ର କିଶୋର ନ୍ୟାୟ ପୋଲିସ ତାଲିମ ର ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ।

## ବଣ୍ଡାବ ଗୁଳିକାଣ୍ଡରେ ଶହୀଦ ମାନଙ୍କୁ ଶ୍ରଦ୍ଧାଂଜଳି

ବାରିପଦା, ୧୪/୧୦(ନି.ପ୍ର): ୨୦୦୯ ଅକ୍ଟୋବର ୧୩ ତାରିଖରେ ମୟୂରଭଂଜ ଜିଲ୍ଲା ଚାନ୍ଦୁଆ ଥାନା ଅନ୍ତର୍ଗତ ବଣ୍ଡାବ ଗ୍ରାମ ଫୁଟବଲ ପଡ଼ିଆରେ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ଥିବା ବେଳେ ସନ୍ଧ୍ୟା ସମୟରେ ଏହାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ତତ୍‌କାଳୀନ ଜେଏମଏମର ରାଜ୍ୟ ସଭାପତି ତଥା ବର୍ତ୍ତମାନ ବିଜେଡିର ବାଙ୍ଗିରିପୋଷି ବିଧାୟକ ସୁଦାମ ମାର୍ଣ୍ଡି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଶତାଧିକ ଫୁଟବଲ ପ୍ରେମୀ ଟୁର୍ଣ୍ଣାମେଂଟର ଚମ୍ପିୟାନ ଓ ରନର୍ସ ଅପ ଟିମକୁ ଉତ୍ସାହିତ କରିବା ପାଇଁ ଉପସ୍ଥିତ ଥିଲେ । କେହି କିଛି ବୁଝିବା ପୂର୍ବରୁ ହଠାତ୍ ଫୁଟିଥିଲା ଗୁଳି । ଆରମ୍ଭ ହୋଇଥିଲା ମାଓବାଦୀଙ୍କର ତାଣ୍ଡବଲୀଳା । ଛତ୍ରଭଙ୍ଗ ଦେଇଥିଲେ ଶତାଧିକ ଫୁଟବଲ ପ୍ରେମୀଙ୍କ ସହ ଖେଳାଳୀ । ଏହି ସମୟରେ ନିଜ ଜୀବନକୁ ବାଜି



ଲଗାଇ ମନ୍ତ୍ରୀ ଶ୍ରୀ ମାରାଣ୍ଡିଙ୍କୁ ସୁରକ୍ଷା ଦେବା ନିମନ୍ତେ ମାଓବାଦୀଙ୍କ ସହ ମୁକାବିଲା କରିଥିଲେ ସେଠାରେ କର୍ତ୍ତବ୍ୟରେ ରହିଥିବା ମୟୂରଭଂଜ ପୋଲିସର ଅଧିକାରୀ ଓ କର୍ମଚାରୀ ମାନେ । ଗୁଳି ସାମନାରେ ଛାତି ଦେଖାଇ ଶହୀଦ ହୋଇଥିଲେ ଚାନ୍ଦୁଆ ଥାନା ଏଏସଆଇ ନାରାୟଣ ଚନ୍ଦ୍ର ପ୍ରଧାନ, ହାବିଲଦାର ରାଜେନ୍ଦ୍ର ମହାନ୍ତ ଓ କନେଷ୍ଟବଲ ଗହ୍ଲା ହେମ୍ବ୍ରମ । ଆଜିର ଦିନରେ ୩ଜଣ ପୋଲିସ ଶହୀଦ ହୋଇଥିବାରୁ ମୟୂରଭଂଜ ପୋଲିସ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶହୀଦ ମାନଙ୍କ ଉଦେଶ୍ୟରେ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି । ବାରିପଦା ରିଜର୍ଭ ପୋଲିସ ପଡିଆ ଠାରେ ଆୟୋଜିତ ଏହି ଶ୍ରଦ୍ଧାଂଜଳି ସଭାରେ ଅତିଥି ଭାବରେ ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାଙ୍ଗିରିପୋଷୀ ବିଧାୟକ ସୁଦାମ ମାରାଣ୍ଡି, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଋଷିକେଶ ଦ୍ୟାନଦେଓ ଖିଲାରୀ, ଏସଡିସି ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସହିତ ଜିଲ୍ଲାର ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ଶହୀଦ ମାନଙ୍କ ସମାଧୀରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଂଜଳି ଅର୍ପଣ କରିବା ସହିତ ଏକ ମହମବତୀ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ଏହି ଅବସରରେ ଶହୀଦ ପରିବାର ପକ୍ଷରୁ ଶହୀଦ ନାରାୟଣ ପ୍ରଧାନଙ୍କ ସ୍ତ୍ରୀ କନକଲତା ପ୍ରଧାନ ଏବଂ ପୁଅ ଦେବବ୍ରତ ପ୍ରଧାନ, ଶହୀଦ ରାଜେନ୍ଦ୍ର ମହାନ୍ତଙ୍କ ସ୍ତ୍ରୀ ରେଖା ମହାନ୍ତ, ଏବଂ ଶହୀଦ ଗହ୍ଲା ହେମ୍ବ୍ରମଙ୍କ ସ୍ତ୍ରୀ କୁଇଲି ହେମ୍ବ୍ରମ ଉପସ୍ଥିତ ଥିଲେ । ଉକ୍ତ ଶ୍ରଦ୍ଧାଂଜଳି ସଭାକୁ ରିଜର୍ଭ ଇନିସପେକଟର କୁଳମଣି ଗିରି ପରିଚାଳନା କରିଥିବା ବେଳେ, ଜିଲ୍ଲା ହାବିଲଦାର କନେଷ୍ଟବଳ ସଂଘର ସଭାପତି ପ୍ରମୋଦ କୁମାର ଦାସଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତା ମାନେ ମଧ୍ୟ ଉପସ୍ଥିତ ରହି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ।

## ବୀଣାପାଣି ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

ରୂପ୍ସା,୧୪/୧୦(ନି.ପ୍ର): ସ୍ଥାନୀୟ ବୀଣାପାଣି ଶିଶୁ ମନ୍ଦିର, ରୂପ୍ସା ରେ ଅଷ୍ଟମ ବାର୍ଷିକ ବିଜ୍ଞାନ ମେଳା ଶିକ୍ଷାବିତ ତାପସ କୁମାର ପଣ୍ଡାଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବି ନିତ୍ୟାନନ୍ଦ ପଟ୍ଟନାୟକ ଯୋଗ ଦେଇ ଦେଶ ର ଉନ୍ନତି ରେ ବିଜ୍ଞାନର ଆବଶ୍ୟକତା ଓ ଉପାଦେୟତା ବିଷୟରେ ପିଲାମାନଙ୍କୁ କହିଥିଲେ। ମୁଖ୍ୟ ବକ୍ତା ଭାବେ ବସ୍ତା ସଂକୁଳ ପ୍ରମୁଖ ରତିକାନ୍ତ ଚୌଧୁରୀ, ସମ୍ମାନିତ ଅତିଥି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ନିରଞ୍ଜନ ପଣ୍ଡା ଶର୍ମା, ସୁଧାକର ଗିରି ,ନିରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖଥିଲେ। ସଦସ୍ୟ ଭିକାରି ମିସ୍ତ୍ରୀ ସ୍ୱାଗତ ଅଭିଭାଷଣ ରଖିଥିଲେ ।



ମହାପାତ୍ର ହାଇ ସ୍କୁଲ ର ବରିଷ୍ଠ ବିଜ୍ଞାନ ଶିକ୍ଷୟିତ୍ରି ଜ୍ୟୋତ୍ସ୍ନାରାଣୀ ବେହେରା ଯୋଗଦାନ କରି ପ୍ରକଳ୍ପ ଗୁଡିକ ମୂଲ୍ୟାଙ୍କନ କରିଥିଲେ । ପ୍ରଧାନ ଆଚାର୍ଯ୍ୟକ୍ଷ ସେଲଭି ପଣ୍ଡା ବାର୍ଷିକ ବିବରଣୀ ପାଠ ସହ ଅତିଥି ମାନଙ୍କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମେଳା ରେ ସର୍ବମୋଟ ୪୮ ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା ପିଲାମାନଙ୍କ ମଧ୍ୟରେ ବିଜ୍ଞାନ କୁଇଜ ମଧ୍ୟ ପ୍ରତିଯୋଗିତା ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

## ଉଦୟପୁର ଚିନ୍ତନଶିବିର ଘୋଷଣା ହିଁ ମୋ ଇସ୍ତାହାର : ମଲ୍ଲିକାର୍ଜୁନ ଖଡ଼ଗେ

ଭୁବନେଶ୍ୱର, ୧୪/୧୦(ନି.ପ୍ର): ଏଆଇସିସି ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ସାଂସଦ ମଲ୍ଲିକାର୍ଜୁନ ଖଡ଼ଗେ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭ୍ୟମାନଙ୍କ ବୈଠକରେ ନିଜର ପ୍ରାର୍ଥିତ୍ୱ ସଂପର୍କରେ ଅବତାରଣା କରିବା ସହ ସମସ୍ତଙ୍କୁ ଭୋଟ ଦେବାପାଇଁ ନିବେଦନ କରିଥିଲେ। ବୈଠକପରେ ସେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖଡ଼ଗେ କହିଥିଲେ ଯେ ସେ ଦୀର୍ଘ ୫୫ ବର୍ଷଧରି ନିଷ୍ଠା ଓ ଶୃଙ୍ଖଳା ସହ ଉତ୍ସର୍ଗୀକୃତ ଭାବେ ଦଳରେ କାର୍ଯ୍ୟ କରିଆସୁଛନ୍ତି। ସେ ତାଙ୍କର ଇସ୍ତାହାର ସଂପର୍କରେ ସୂଚନା ଦେଇ କହିଲେ ଯେ ତାଙ୍କର କିଛି ନୂତନ ଇସ୍ତାହାର ନାହିଁ। ରାଜସ୍ଥାନର ଉଦୟପୁର ଚିନ୍ତନ ଶିବିବରରେ ଏଆଇସିସିର ବିଭିନ୍ନ ବିଶେଷଜ୍ଞ କମିଟି ର ଘୋଷଣା ହିଁ ତାଙ୍କର ଇସ୍ତାହାର। ସେହି ଘୋଷଣା ନାମା ଅନୁସାରେ ସାମାଜିକ ନ୍ୟାୟ, କୃଷକ ଓ ଯୁବକମାନଙ୍କର ଅଧିକାର, ଅର୍ଥନୈତିକ ଓ ବୈଦେଶିକ ନୀତି ଏବଂ ବିଶେଷ କରି କଂଗ୍ରେସ ସାଂଗଠନିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହେବ। ସେ ତାଙ୍କର ଆଗାମୀ ସଂଗ୍ରାମ ସଂପର୍କରେ ଏକ ଝଲକ ଦେଇ କହିଲେ ଯେ ଆମକୁ ଦେଶକୁ ରସାତଳଗାମୀ କରୁଥିବା ମୋଦି ସରକାର ବିରୁଦ୍ଧରେ ଦୁର୍ବାର ଆନ୍ଦୋଳନ କରିବାକୁ ହେବ। ଦରଦାମ ବୃଦ୍ଧି, ଜାତି, ଧର୍ମ ଓ ବର୍ଣ୍ଣକୁ ନେଇ ଦେଶରେ ହିଂସା, ଇର୍ଷା ଓ ଭେଦଭାବ ସୃଷ୍ଟି କରୁଥିବା ମୋଦି, ବିଜେପି ଓ ଆରଏସଏସକୁ ମୁକାବିଲା କରି ଦେଶରେ ଅଖଣ୍ଡତା, ଭାତୃଭାବ, ଶାନ୍ତି, ପ୍ରିତି ଓ ମୈତ୍ରି ବଜାୟ ରଖିବା ହେଉଛି ଆମର କର୍ତବ୍ୟ। ଯେଉଁମାନେ ମୋଦି ସରକାରଙ୍କ ଭ୍ରଷ୍ଟାଚାର ଓ ଦୁର୍ନୀତି ବିରୁଦ୍ଧରେ ପ୍ରତିବାଦ କରୁଛନ୍ତି ସେମାନଙ୍କୁ ସିବିଆଇ, ଇଡି ଓ ଆୟକର ବିଭାଗକୁ ଲଗାଇ ହଇରାଣ ହରକତ କରାଯାଉଛି। ଶ୍ରୀ ଖଡ଼ଗେ କହିଥିଲେ ଯେ ଦେଶ ସ୍ୱାଧୀନତା ପାଇଁ ଆରଏସଏସ ବା ବିଜେପି ଦଳର କୌଣସି ଅବଦାନ ନାହିଁ। କଂଗ୍ରେସ ଦଳ ଦେଶକୁ ସ୍ୱାଧୀନତା ଦେଇଛି। ଦେଶ ଗଠନ କରିଛି। ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ବଲ୍ଲଭଭାଇ ପଟେଲ ଏବଂ ସୁଭାଷ ବୋଷଙ୍କ ତ୍ୟାଗ ଓ ତିତୀକ୍ଷାର ପଟାନ୍ତର ନାହିଁ। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ହିଁ ମୋର ପ୍ରଧାନ କର୍ତ୍ତବ୍ୟ ଓ ଲକ୍ଷ୍ୟ।

## ଭଦ୍ରକ ଜିଲ୍ଲାସ୍ତରୀୟ ବାଳକ ବାଳିକା ଫୁଟବଲ ପ୍ରତିଯୋଗିତା -୨୦୨୨

ଭଦ୍ରକ,୧୪/୧୦(ନି.ପ୍ର): ଭଦ୍ରକ ଜିଲ୍ଲା ସ୍ତରୀୟ ଅଣ୍ଡର ୧୭ ବାଳକ ବାଳିକା ଫୁଟବଲ ପ୍ରତିଯୋଗିତା ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାରେ ପ୍ରଥମ ଲିଗ୍ ମ୍ୟାଚରେ ବାଳକ ବିଭାଗ ତରଫରୁ ଭଦ୍ରକ ଓ ଧାମନଗର ଖେଳରେ ଭଦ୍ରକ ବ୍ଲକ ବିଜେତା ହେବା ସହ ବାଳିକା ବିଭାଗରେ ଭଦ୍ରକ ଧାମନଗର ମ୍ୟାଚରେ ମଧ୍ୟ ଭଦ୍ରକ ବିଜୟୀ ହୋଇଛି। ସେହିପରି ବାଳିକା ବିଭାଗର ଅନ୍ୟ ଏକ ମ୍ୟାଚ ଧାମନଗର ଓ ବନ୍ତ ବ୍ଲକ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ଧାମନଗର ବ୍ଲକ ବିଜୟୀ ହୋଇଥିଲା। ବାଳକ ବିଭାଗର ଅନ୍ୟ ଏକ ମ୍ୟାଚ ଧାମନଗର ଓ ବନ୍ତ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ବନ୍ତ ବ୍ଲକ ବିଜେତା ହୋଇଥିଲା। ଉକ୍ତ ପ୍ରତିଯୋଗିତା ଶାରୀରିକ ଶିକ୍ଷା ନୀରିକ୍ଷକ ମାନସ ରାଉତଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ଅକ୍ଷୟ କୁମାର ହୋତା, ଶ୍ୟାମସୁନ୍ଦର ମହାରାଜ, ରତ୍ନାକର ମଲ୍ଲିକ, ତପନ କୁମାର ମିଶ୍ର, ରାଜେନ୍ଦ୍ର ନାୟକ, ଅମୂଲ୍ୟ ମହାପାତ୍ର, ରମେଶ ଚୌଧୁରୀ, ଗିରିଜା ରମଣ ଯେନା, ପ୍ରଭାତ ଜେନା ପ୍ରମୁଖ ସହଯୋଗ କରିଥିଲେ। ପ୍ରଦୀପ ଦାସ ଏହାର ତଦାରଖ କରିଥିଲେ। ଶନିବାର ଏହି ପ୍ରତିଯୋଗିତାର ସେମିଫାଇନାଲ ଉଭୟ ବାଳକ ଓ ବାଳିକା ବିଭାଗରେ ଅନୁଷ୍ଠିତ ହେବ। ବାଳିକା ବିଭାଗର ପ୍ରଥମ ସେମିଫାଇନାଲ ତିହିଡ଼ି ଓ ଭଦ୍ରକ ମଧ୍ୟରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ଧାମନଗର ଓ ଚାନ୍ଦବାଲି ମଧ୍ୟରେ ଖେଳାଯିବ। ବାଳକ ବିଭାଗରେ ପ୍ରଥମ ସେମିଫାଇନାଲ ବନ୍ତ ଓ ତିହିଡ଼ି ମଧ୍ୟରେ ଏବଂ ଦ୍ୱିତୀୟ ସେମିଫାଇନାଲ ଭଦ୍ରକ ଓ ବାସୁଦେବପୁର ମଧ୍ୟରେ ଅନୁଷ୍ଠିତ ହେବ ।

ଶନିବାର, ଅକ୍ଟୋବର ୧୫, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରାଜ୍ୟରେ ଅଣ୍ଡାର ବ୍ୟବହାର ଓ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ

ଭୁବନେଶ୍ୱର, ୧୪/୧୦(ନି.ପ୍ର): ଅପପୁଷ୍ଟି ଓ ମେଦବହୁଳତା ଦୂର କରିବା ଦିଗରେ ଅଣ୍ଡା ଏକ ଉପାଦେୟ ଖାଦ୍ୟ। ଅଣ୍ଡାର ଖାଦ୍ୟଗୁଣ ଓ ଏହାର ଉପକାରିତା ବିଷୟରେ ଲୋକଙ୍କୁ ସଚେତନ କରାଇବା ଓ ଅଣ୍ଡା ଉତ୍ପାଦନ ବୃଦ୍ଧି କରିବା ବିଶ୍ୱ ଅଣ୍ଡା ଦିବସ ପାଳନର ଲକ୍ଷ୍ୟ ବୋଲି ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଛନ୍ତି । ଶୁକ୍ରବାର ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ସମାରୋହରେ ଶ୍ରୀ ବଶିଷ୍ଠ କହିଲେ ଯେ ଅଣ୍ଡା ଏକ ସଂପୂର୍ଣ୍ଣ ଖାଦ୍ୟ । ଅଣ୍ଡା ହେଉଛି ଏକ ମାତ୍ର ଖାଦ୍ୟ ଯେଉଁଥିରୁ ଭିଟାମିନ୍-ଡି ଯଥେଷ୍ଟ ମାତ୍ରାରେ ମିଳିଥାଏ । ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ନିୟମିତ ଅଣ୍ଡା ଖାଇବା ଉଚିତ। ଭାରତୀୟ ସ୍ୱାସ୍ଥ୍ୟ ଅନୁସନ୍ଧାନ ପରିଷଦ ଅନୁଯାୟୀ ଜଣେ ଲୋକ ବର୍ଷକୁ ହାରାହାରି ୧୮୦ଟି ଅଣ୍ଡା ଖାଇବା ଆବଶ୍ୟକ। ରାଜ୍ୟରେ ଅଣ୍ଡାର ବ୍ୟବହାର ବୃଦ୍ଧି ସହିତ ଉତ୍ପାଦନ ବୃଦ୍ଧିର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟରେ କୁକୁଡ଼ା ପାଳନର ବିକାଶ ସହିତ ଅଣ୍ଡା ଉତ୍ପାଦନ ବୃଦ୍ଧି କରିବାକୁ ରାଜ୍ୟ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ଏହା ଦ୍ୱାରା ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବା ସହିତ କୃଷକମାନଙ୍କ ଆୟ ବୃଦ୍ଧିରେ ଏହା ସହାୟକ ହୋଇପାରିଛି ବୋଲି ଶାସନ ସଚିବ ଶ୍ରୀ ବଶିଷ୍ଠ କହିଛନ୍ତି। ଉତ୍ସବରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ କହିଲେ ଅଣ୍ଡାରେ ଥିବା ପୁଷ୍ଟିସାର ଶିଶୁର ଶରୀର ବୃଦ୍ଧିରେ ସହାୟକ ହୋଇଥାଏ। ଅଣ୍ଡାରୁ ମିଳୁଥିବା ପ୍ରଚୁର ମାତ୍ରାର ଲିଉଟିନ୍ ଓ ଜାନଥିନ୍ ଆଖିକୁ ସୁସ୍ଥ ଓ ସବଳ ରଖିବା ସାଙ୍ଗକୁ ଦୃଷ୍ଟି ଶକ୍ତିରେ ବୃଦ୍ଧି ଘଟାଇଥାଏ । ଅଣ୍ଡାରୁ ମିଳୁଥିବା କୋଲିନ୍ ଜୀବକୋଷ ଓ ମସ୍ତିଷ୍କ ବୃଦ୍ଧିର ଏକ ପ୍ରମୁଖ ଉପାଦନ ବୋଲି ଡ. ୟେଦୁଲ୍ଲା ବିଜୟ କହିଥିଲେ । ଏଥି ସହ ଅଣ୍ଡାରୁ ମିଳୁଥିବା ଆମିନୋ ଏସିଡ୍, ଭିଟାମିନ୍ ବି-୧୨, ଫୋଲିକ୍ ଏସିଡ୍, ସ୍ନେହସାର ଆଦି ମଣିଷକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ବୋଲି ସେ କହିଥିଲେ।ଏହି ଅବସରରେ ଏସ୍ଏଲ୍‌ବିସିର ଆବାହକ ଶ୍ରୀ ଗୌତମ ପାତ୍ର ଅଣ୍ଡା ଉତ୍ପାଦନ ବୃଦ୍ଧି ଦିଗରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରତିବର୍ଷ ଅକେଟାବର ମାସର ଦ୍ୱିତୀୟ ଶୁକ୍ରବାର ଦିନ ବିଶ୍ୱ ଅଣ୍ଡା ଦିବସ ପାଳନ କରାଯାଏ।

## ‘ୱାନ ଜିପି ୱାନ ପ୍ରୋଡକ୍ଟ’ ଅଭିଯାନରେ ‘ଏଗ୍ରୋ ଏକ୍ସପୋ’




ବାଲେଶ୍ୱର,୧୪/୧୦(ନି.ପ୍ର): ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର ଗୋଟିଏ ପଞ୍ଚାୟତ ଗୋଟିଏ ଉତ୍ପାଦ (ୱାନ ଜିପି ୱାନ ପ୍ରୋଡକ୍ଟ) ଅଭିଯାନରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ କୃଷି ଭିତ୍ତିକ ମେଳା ‘ଏଗ୍ରୋ ଏକ୍ସପୋ’ ବାମପଦା ସ୍ଥିତ ନୋସି ବିଜିନେସ ପାର୍କରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ଏଥିରେ ଯୋଗଦେଇ ଏସଏଚଜି ସଦସ୍ୟାଙ୍କ ସମେତ ଗ୍ରାମୀଣ ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ କରାଇବା ଉଦ୍ଦେଶ୍ୟରେ ଏହି ସଚେତନତା ପ୍ରଦର୍ଶନୀ ତଥା କୃଷି ଭିତ୍ତିକ ମେଳା ଆୟୋଜନ ହୋଇଥିବା କହିଥିଲେ। ଏସଏଚଜି ମହିଳାଙ୍କ କ୍ଷେତ୍ରରେ ଆର୍ଥିକ ବିକାଶକୁ ଦୃଷ୍ଟିରେ ରଖି ମିଶନ ଶକ୍ତି ମାଧ୍ୟମରେ ଅଧିକରୁ ଅଧିକ ଗ୍ରାମୀଣ ମହିଳାଙ୍କୁ ସଂଗଠିତ କରି ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ କରିବା, ଗୋଟିଏ ପଞ୍ଚାୟତରେ ଗୋଟିଏ ଉତ୍ପାଦକୁ ଗୁରୁତ୍ୱ ଦେବା ଲକ୍ଷ୍ୟରେ ସେମାନଙ୍କୁ ବୈଷୟିକ, ଯାନ୍ତ୍ରିକ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏ କ୍ଷେତ୍ରରେ ପ୍ରଥମ ପର୍ଯ୍ୟାୟରେ କୃଷି କ୍ଷେତ୍ରରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କୁ ସଫଳ ଉଦ୍ୟୋଗୀ ଭାବେ ଅବସ୍ଥାପିତ କରାଇବା ଉଦ୍ଦେଶ୍ୟରେ ଏଗ୍ରୋ ଏକ୍ସପୋ ଆୟୋଜିତ ହୋଇଥିବା ଜିଲ୍ଲାପାଳ ଶ୍ର ଶିନ୍ଦେ ସୂଚନା ଦେଇଛନ୍ତି। ଆଇଏଏସ ପ୍ରୋବେସନର କିରନଦୀପ କୌର, ବାଲେଶ୍ୱର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତ ଓ ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ ବିଶ୍ୱଜିତ ପରିଡ଼ା ପ୍ରମୁଖ ଏଥିରେ ଯୋଗଦେଇ ଏଗ୍ରୋ ଏକ୍ସପୋର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ । ଓରମାସ ଡିପିଏମ ଜିତେନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଅଧିକାରୀମାନେ ୱାନ ଜିପି ୱାନ ପ୍ରୋଡକ୍ଟର ଲୋଗୋ ଉନ୍ମୋଚନ କରିଥିଲେ । ଏହା ସହିତ ଉଲେଖନୀୟ ସଫଳତା ପାଇଁ ବିଭିନ୍ନ ବ୍ଲକର ଶ୍ରେଷ୍ଠ ଏସଏଚଜିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଏକ୍ସପୋ ପରିଚାଳନାରେ ଜିଲାର ସମସ୍ତ ବ୍ଲକର ବିଡିଓ, ଜିଲ୍ଲା କୃଷି ବିଭାଗ ଅଧିକାରୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ସକ୍ରିୟ ସହଯୋଗ କରିଥିଲେ।ଏଥିରେ ବିଭିନ୍ନ କୃଷି ଯନ୍ତ୍ରପାତି ନିର୍ମାତା ଓ ଯୋଗାଣକାରୀ ଅନୁଷ୍ଠାନଙ୍କ ପକ୍ଷରୁ ଷ୍ଟଲ ଲାଗିଥିଲା।

## ଜିଲ୍ଲା ସ୍କୁଲର ଦୟନୀୟ ସ୍ଥିତି : ପ୍ରଧାନ ଶିକ୍ଷକଙ୍କ ସମେତ ୧୫ ଶିକ୍ଷକ ପଦ ଖାଲି



ବାଲେଶ୍ୱର,୧୪/୧୦(ନି.ପ୍ର): ବାଲେଶ୍ୱରର ଗୌରବ ତଥା ଗରିମା ବୃଦ୍ଧିରେ ସହାୟକ ହୋଇ ଆସିଥିବା ବହୁ ପୁରାତନ ବିଦ୍ୟାଳୟ ‘ଜିଲା ସରକାରୀ ସ୍କୁଲ’ର ଦୟନୀୟ ସ୍ଥିତିକୁ ନେଇ ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ସ୍କୁଲ ପରିଚାଳନା କମିଟି। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ସମ୍ପ୍ରତି ଛାତ୍ରଛାତ୍ରୀଙ୍କ ସଂଖ୍ୟା ହଜାରେ ଟପିଥିବା ବେଳେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୨୦୦୦ ମସିହାରୁ ପ୍ରଧାନ ଶିକ୍ଷକ ପଦ ଖାଲି ପଡ଼ିଥିବା ବେଳେ ନବମ ଓ ଦଶମ ଶ୍ରେଣୀ ପାଇଁ ଆହୁରି ୧୫ ଜଣ ଶିକ୍ଷକ ଆବଶ୍ୟକ ଥିବା ସେମାନେ କହିଛନ୍ତି। ପ୍ରତ୍ୟେକ ଶ୍ରେଣୀର ୫ରୁ ଅଧିକ ସେକ୍ସନ ଥିବା ବେଳେ ଶିକ୍ଷକ ଅଭାବରୁ ବିଭିନ୍ନ ପିରିୟଡ଼ରେ ଛାତ୍ରଛାତ୍ରୀମାନେ କେବଳ ବସି ରହୁଛନ୍ତି। ସେହିଭଳି ବିଦ୍ୟାଳୟକୁ ହସ୍ତାନ୍ତର ହୋଇଥିବା ଖେଳ ପଡ଼ିଆ (ପୁରୁଣା ଷ୍ଟାଡିୟମ)ର ରେକର୍ଡ଼ ଅଦ୍ୟାବଧି ସ୍କୁଲ ନାମକୁ ପରିବର୍ତ୍ତନ ହୋଇ ନଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏବେ ସେହି ପଡ଼ିଆ ସଂଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳ ପାଲଟିଛି। ପଡ଼ିଆର କିଛି କିଛି ଅଂଶ ବି ଜବରଦଖଲକୁ ଚାଲି ଯାଉଥିବା ବିଦ୍ୟାଳୟ ପରିଚାଳନା କମିଟି କହିଛନ୍ତି। ବିଦ୍ୟାଳୟର ଦୟନୀୟ ସ୍ଥିତ ସମ୍ପର୍କରେ ପରିଚାଳନା କମିଟି ପୂର୍ବରୁ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ ବି ଅଦ୍ୟାବଧି କୌଣସି ପ୍ରତିକାର ହୋଇ ନଥିବା କର୍ମକର୍ତ୍ତାମାନେ କହିଛନ୍ତି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ଗ୍ରହଣ ପାଇଁ କମିଟିର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏନେଇ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ କମିଟି ସଭାପତି ସଞ୍ଜୀବ କୁମାର ମିଶ୍ର ଓ ଉପ-ସଭାପତି ଶିଖା ସ୍ୱାଇଁଙ୍କ ସମେତ ମାନସ କୁମାର ଦାସ, ଅନନ୍ତ ଚାନ୍ଦ, ଶେଖ ଅବଦୁଲ ବାରି, ଅଶୋକ ଦାସ, ଜିତେନ୍ଦ୍ର ବେହେରା, ମଞ୍ଜୁଳା ଦେ, ଗୀତାଞ୍ଜଳି ପାଢ଼ୀ, କାଞ୍ଚନ ଅଗସ୍ତି, ପୁଷ୍ପଲତା ମଲିକ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ସମ୍ବଲପୁରରେ ରେଳ ମଣ୍ଡଳ ସ୍ତରୀୟ ସାଂସଦ ମାନଙ୍କ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୪/୧୦(ନି.ପ୍ର): ରେଳବାଇ ବିଷୟବସ୍ତୁ ସମ୍ବନ୍ଧରେ ଆଜି ସମ୍ବଲପୁର ଠାରେ ପୂର୍ବତଟ ରେଳପଥ ପକ୍ଷରୁ ସମ୍ବଲପୁର ରେଳ ମଣ୍ଡଳ ପରିସୀମା ଅନ୍ତର୍ଗତ ସାଂସଦ ମାନଙ୍କ ସହିତ ରେଳମଣ୍ଡଳ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ସୁରେଶ ପୂଜାରୀ, ନିରଞ୍ଜନ ବିଶି, ସପ୍ତଗିରି ଶଙ୍କର ଉଲ୍ଲାକା, ବସନ୍ତ କୁମାର ପଣ୍ଡା ଏବଂ ନୀତେଶ ଗଙ୍ଗଦେବ ପ୍ରମୁଖ ଏହି ବୈଠକରେ ଯୋଗଦାନ କରିଥିଲେ । ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ଶରାଜେଶ ଅଗ୍ରୱାଲ ଏବଂ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ପ୍ରତିନିଧି ସୁମିତ କୁମାର ରାଉତ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ । ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବଙ୍କ ସହିତ ପୂର୍ବତଟ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀ ଏବଂ ସମ୍ବଲପୁର ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଭିନୀତ ସିଂହ ଏହି ବୈଠକରେ ମଧ୍ୟ ଉପସ୍ଥିତ ଥିଲେ। ବହୁ ଗଠନମୂଳକ ଚିନ୍ତାଧାରା, ମୂଲ୍ୟବାନ ଉପଦେଶ ଏବଂ ରେଳବାଇ ସମ୍ବନ୍ଧରେ ସାର୍ବଜନୀନ ଦାବିଗୁଡିକ ସାଂସଦ ମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା। ଏଗୁଡିକ ହେଲା - ରେଳବାଇ ନେଟୱର୍କର ଉନ୍ନତିକରଣ ପ୍ରସଙ୍ଗ, ଜନସାଧାରଣଙ୍କ ଆକାଂକ୍ଷା ଓ ଦାବି ଏବଂ ପୂର୍ବତଟ ରେଳପଥର କାର୍ଯ୍ୟ ପ୍ରଣାଳୀ ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। କୋଭିଡ୍୧୯ ମହାମାରୀ ସମୟରେ ରେଳବାଇର ମହତ୍ୱପୂର୍ଣ୍ଣ ଭୂମିକା ପାଇଁ ସାଂସଦମାନେ ରେଳବାଇକୁ ମଧ୍ୟ ପ୍ରଶଂସା କରାଯାଇଥିଲା । ସାଂସଦଙ୍କ ଦାବି ବ୍ୟତୀତ, ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଗୁଡିକର ଯୋଜନା କରାଯାଉଛି ଏବଂ ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ ଅନେକ ଗୁଡିଏ ଉନ୍ନତିମୂଳକ କାର୍ଯ୍ୟ ଚାଲୁରହିଛି ଚାଲିଛି। ସମ୍ବଲପୁର ଷ୍ଟେସନ ସମେତ ରେଳ ମଣ୍ଡଳ ମଧ୍ୟରେ ନଅଗୋଟି ଷ୍ଟେସନର ଉନ୍ନତିକରଣ ପାଇଁ ଯୋଜନା କରାଯାଇଛି। ସମ୍ବଲପୁର ରେଳ ଷ୍ଟେସନର ବିକାଶ ଶୀଘ୍ର ଶେଷ ହେବ। ଏହି ବିକାଶମୂଳକ କାର୍ଯ୍ୟ ମଧ୍ୟରେ ୱେଟିଂ ହଲ୍ ଏବଂ ଭିଆଇପି ଲାଉଞ୍ଜ, ଆରସିସି ଡ୍ରେନ୍ ସହିତ ବିଟୁମେନ ଟପ୍ ରୋଡ୍, ପାଥୱେ, ପୋର୍ଟିକୋ କଭର୍ ଶେଡ୍, ଏଂଟ୍ରି ଏବଂ ଏକ୍ଜିଟ୍ ଗେଟ୍, ପାର୍କିଂ ଲଟ୍, ବିଦ୍ୟମାନ ଷ୍ଟେସନ ବିଲ୍ଡିଂର ନବୀକରଣ, ଷ୍ଟେସନ ସଂଲଗ୍ନ ବିସ୍ତୃତ ଅଂଚଳରେ ବଗିଚା ଏବଂ ଲ୍ୟାଣ୍ଡସ୍କିପିଙ୍ଗ କାର୍ଯ୍ୟ, ଷ୍ଟେସନର ଇଲେକ୍ଟ୍ରିକାଲ୍ କାମ ଯେପରିକି ସର୍କୁଲାର କ୍ଷେତ୍ରର ଆଲୋକ ଓ ଅନ୍ୟାନ୍ୟ ଯାତ୍ରୀ ସୁବିଧା ଏବଂ ସିଗନାଲ୍ ଏବଂ ଟେଲିକମ୍ ଯୋଗାଯୋଗ କାର୍ଯ୍ୟ ଗୁଡିକ ଅନ୍ତର୍ଭୁକ୍ତ କରାଯିବ।

## ଏନ୍ଆଇଏଲ୍‌ଡିର ନିର୍ଦ୍ଦେଶକ ଦାୟିତ୍ୱ ନେଲେ ଡକ୍ଟର ପତିତପାବନ ମହାନ୍ତି

କଟକ/ଭୁବନେଶ୍ୱର, ୧୪/୧୦(ନି.ପ୍ର): କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ କୋଲକାତାସ୍ଥିତ ରାଷ୍ଟ୍ରୀୟ ଗତିଶୀଳ ଦିବ୍ୟାଙ୍ଗଜନ ସଂସ୍ଥାନ (ଏନ୍ଆଇଏଲ୍‌ଡି)ର ନିର୍ଦ୍ଦେଶକ ଦାୟିତ୍ୱ ଡକ୍ଟର ପତିତପାବନ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। କଟକ ଜିଲ୍ଲାର ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ରାଷ୍ଟ୍ରୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଅନୁସନ୍ଧାନ ସଂସ୍ଥାନ (ନିରତାର)ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଥିବା ଡକ୍ଟର ମହାନ୍ତି ଗତ ଗୁରୁବାର କୋଲକାତାଠାରେ ଏହି ଅତିରିକ୍ତ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ଚିଠି ଅନୁସାରେ ସେ ଅନ୍ୟାଦେଶ ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ଭୌତିକ ଚିକିତ୍ସା (ଫିଜିଓଥେରାପି) କ୍ଷେତ୍ରରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଡକ୍ଟର ମହାନ୍ତିଙ୍କ ନୂତନ କାର୍ଯ୍ୟଭାର ଗ୍ରହଣକୁ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି।

## ରାଜଧାନୀରେ ୧୧ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର, ୧୪/୧୦(ନି.ପ୍ର):ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୬୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୪ ହଜାର ୩୬୭ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୭୪ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୬ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ବାଲେଶ୍ୱର, ମୟୁରଭଂଜ ଓ ଜଗତସିଂହପୁର ଜିଲ୍ଲାର ମିଶନ ଶକ୍ତି ମା ମାନଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୧୦(ନି.ପ୍ର): ଶୁକ୍ରବାର ସଂଧ୍ୟାରେ ନବୀନ ନିବାସଠାରେ ବାଲେଶ୍ୱର, ମୟୁରଭଂଜ ଓ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ ଫେଡେରେଶନର ମିଶନ ଶକ୍ତି ମା ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ଭୁବନେଶ୍ୱରକୁ ସେମାନେ ପ୍ରଶିକ୍ଷଣ ପାଇଁ ଆସିଥିବା ଅବସରରେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ଏହି ଅବସରରେ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ମିଶନ ଶକ୍ତି କାର୍ଯ୍ୟକ୍ରମରେ ସେମାନଙ୍କର ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ଏହାଦ୍ୱାରା ସେମାନଙ୍କର ଦକ୍ଷତା ବୃଦ୍ଧି ହେବା ସହିତ ବିଭିନ୍ନ ବ୍ୟବସାୟ କରିଆରେ ଆର୍ଥିକ ଉନ୍ନତି ଆସିପାରିଛି। ନିଜେ ରୋଜଗାର କରିପାରୁଥିବା ଯୋଗୁ ଆଜି ସମାଜରେ ସେମାନଙ୍କର ପ୍ରତିଷ୍ଠା ବୃଦ୍ଧି ପାଇଛି ବୋଲି ସେମାନେ ଖୁସି ପ୍ରକାଶ କରିଥିଲେ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ସେମାନଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆସିପାରିଛି ବୋଲି ସେମାନେ କହିଥିଲେ। ମୁଖ୍ୟମନ୍ତ୍ରୀ ସେମାନଙ୍କ କାମର ପ୍ରଶଂସା କରିବା ସହିତ ଓଡିଶାର ବିକାଶରେ, ବିଶେଷକରି ଗ୍ରାମାଂଚଳର ମା ମାନେ ବହୁତ ଭଲ କାମ କରୁଛନ୍ତି ଓ ଆଗକୁ ଏହିପରି କାମ ଜାରି ରଖିବେ ବୋଲି ସେ ଆଶାପ୍ରକାଶ କରିଥିଲେ।

## ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସଂପାଦକ ଦାୟିତ୍ୱ ନେଲେ କସ୍ତୁରୀ ମହାପାତ୍ର

ଭୁବନେଶ୍ୱର, ୧୪/୧୦(ନି.ପ୍ର): ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରକାଶ ପାଉଥିବା ରାଜ୍ୟ ସରକାରଙ୍କ ମୁଖପତ୍ର ‘ଉତ୍କଳ ପ୍ରସଙ୍ଗ’ (ଓଡ଼ିଆ) ଏବଂ ‘ଓଡ଼ିଶା ରିଭ୍ୟୁ’ (ଇଂରାଜୀ)ର ସଂପାଦକ ଭାବେ ଶ୍ରୀମତୀ କସ୍ତୁରୀ ମହାପାତ୍ର ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଶ୍ରୀମତୀ ମହାପାତ୍ର ବିଭାଗର ପ୍ରକାଶନ ଓ ରଚନା ଶାଖାର ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ମତବିନିମୟ କରିଥିଲେ ଏବଂ ଉଭୟ ପତ୍ରିକାର ଅଭିବୃଦ୍ଧି ନେଇ ସେମାନଙ୍କ ସହଯୋଗ ଅବ୍ୟାହତ ରହିବ ବୋଲି ଆଶା ପ୍ରକାଶ କରିଥିଲେ । ଉଭୟ ପତ୍ରିକାର ଗୁଣାତ୍ମକ ମାନ ବଜାୟ ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନୁରୂପ ଭାବରେ, ପୂର୍ବତନ ସଂପାଦକ ଡ. ଲେନିନ୍ ମହାନ୍ତି ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଥିବାରୁ ତାଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ୨୦୧୦ ମସିହାରୁ ସଂପାଦକ ଭାବରେ କାର୍ଯ୍ୟ କରିବା ସହିତ ବିଭାଗ ଆନୁକୂଲ୍ୟରେ ଏକାଧିକ ପ୍ରକାଶନର ସଫଳ ସଂପାଦନାରେ ତାଙ୍କର ଭୂମିକା ରହିଥିଲା। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ନବନିଯୁକ୍ତ ସଂପାଦକ ଶ୍ରୀମତୀ ମହାପାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ ।

## କାଳୀପୂଜା ପ୍ରସ୍ତୁତି ପଥେ ମା’ ଭଦ୍ରକାଳୀ ପୀଠ



ଭଦ୍ରକ,୧୪/୧୦(ନି.ପ୍ର): ପୁରାଣ ପ୍ରସିଦ୍ଧ ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା’ ଭଦ୍ରକାଳୀ ପୀଠରେ କାଳୀପୂଜା ନିମନ୍ତେ ମା’ଙ୍କର ସପ୍ତମାତୃକା ବେଶ ଓ ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। କରୋନା ମହାମାରୀ ପାଇଁ ଗତ ଦୁଇ ବର୍ଷ ହେବ ଭକ୍ତମାନେ ମନ୍ଦିର ବେଢାକୁ ପ୍ରବେଶ କରି ମା’ଙ୍କୁ ନିକଟରୁ ଦର୍ଶନ କରିବା ସୁଯୋଗରୁ ବଞ୍ଚିତ ହୋଇଥିବା ବେଳେ ଚଳିତ ବର୍ଷ ଭକ୍ତମାନଙ୍କର ଭିଡ଼କୁ ଲକ୍ଷ୍ୟ କରି ମନ୍ଦିର ପ୍ରଶାସନ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ମନ୍ଦିରର ମୁଖଶାଳାକୁ ଆକର୍ଷିତ କରାଯିବା ସହିତ ମନ୍ଦିର ବେଢା ମଧ୍ୟରେ ରଙ୍ଗ ପ୍ରଲେପ କାର୍ଯ୍ୟ ଆରମ୍ଭ ହୋଇଛି। ମା’ଙ୍କର ସପ୍ତମାତୃକା ବେଶ ଓ ବିଶ୍ୱଶାନ୍ତି ମହାଯଜ୍ଞକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ସେବାୟତ ଓ ପୂଜକ ମାନଙ୍କର ଏକ ବୈଠକ ମନ୍ଦିର ବେଢ଼ାରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ମୁଖ୍ୟତଃ ମା’ଙ୍କର ସାତ ଦିନର ବେଶ, ଯଜ୍ଞ ମଣ୍ଡପରେ ଆହୁତି, ପୂଜା ରୀତି-ନୀତି, ମାନସିକ କଳସ ଶୋଭାଯାତ୍ରା, ଆଲୋକ ସାଜସଜ୍ଜା, ତୋରଣ ଓ ପ୍ରସାଦ ସେବନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଛି। ମାନସିକ କଳସ ଶୋଭାଯାତ୍ରା ନିମନ୍ତେ ମାନସିକଧାରୀ ଶ୍ରଦ୍ଧାଳୁମାନଙ୍କର ପଞ୍ଜିକରଣ ମନ୍ଦିର ପ୍ରଶାସନ ତରଫରୁ ଆରମ୍ଭ ହୋଇଛି। ବୈଠକରେ ସେବାୟତମାନଙ୍କ ମଧ୍ୟରେ ଭାଗିରଥି ଦୀକ୍ଷିତ, ଅନୁଗ୍ରହ ଦୀକ୍ଷିତ, ମଦନ ମୋହନ ଦୀକ୍ଷିତ, ମଧୁସୂଦନ ଦୀକ୍ଷିତ, ସୁବ୍ରତ ଦୀକ୍ଷିତ, ନିତ୍ୟାନନ୍ଦ ଦୀକ୍ଷିତ, ନିକୁଞ୍ଜ ଦୀକ୍ଷିତ, ବିଜୟ ଦୀକ୍ଷିତ, ଶରତ ପଣ୍ଡା, ଅରବିନ୍ଦ ଦୀକ୍ଷିତ, ପ୍ରଦୀପ ପଣ୍ଡା, କୂଳମଣି ଦୀକ୍ଷିତ, ପ୍ରଶାନ୍ତ ଦୀକ୍ଷିତ, ଶେଖର ମହାପାତ୍ର, ପ୍ରଫୁଲ୍ଲ ସାହୁଙ୍କ ସହିତ ସମସ୍ତ ସେବାୟତ ଓ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ବସ୍‌ରେ କଇଁଛ ଚୋରା ଚାଲାଣ : ୪୦ ଜବତ୍, ୧ ଗିରଫ




ଜଳେଶ୍ୱର, ୧୪/୧୦(ନି.ପ୍ର): ବନ ବିଭାଗ ଓ ପୁଲିସ୍ ଆଖିରେ ଧୂଳିଦେଇ କେତେକ ମାଫିଆ କଇଁଛର ଚୋରାଚାଲାଣ କରି ଆସୁଥିବା ବେଳେ ଆଜି ବନ ବିଭାଗ ଏକ ବସ୍‌ରୁ ୪୦ଟି କଇଁଛ ଜବତ୍ କରିବା ସହିତ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି । ଓଡିଶାରୁ ପଶ୍ଚିମବଂଗକୁ ବଜ୍ରକାପ୍ତା, କଇଁଛ, ବେଙ୍ଗ, ଧଳା ପେଚା, ରଂଗ ବଦଳାଉଥିବା ଏଣ୍ଡୁଅ, ଶୁଆ, ସାପ, ଦୁର୍ଲଭ ପ୍ରଜାତିର ଜୀବଜନ୍ତୁ ଚାରାରେ ଚାଲାଣ କରାଯାଇ ଆସୁଛି । ଏଗୁଡିକର ଚାହିଦା କୋଲକତା, ବାଂଲାଦେଶ ଓ ନେପାଳରେ ଅଧିକ ଥିବାରୁ ଏହାର ବ୍ୟାପକ ଚୋରାଚାଲାଣ ବିଭିନ୍ନ ସମୟରେ ହୋଇ ଆସୁଛି । ଗତ ସେପ୍ଟେମ୍ବର ମାସ ୭ତାରିଖରେ ବନବିଭାଗ ପକ୍ଷରୁ ଏକ ବାଇକ୍ ସହିତ ୮୭ଟି କଇଁଛ ଜବତ୍ କରି ଜଣକୁ ଗିରଫ କରିବାରେ ସଫଳ ହୋଇଥିଲେ। ଆଜି ଧାମରାରୁ କାନ୍ଥି ଯାଉଥିବା ସାଇରାମ ବସ୍‌ରେ ୪୦ଟି କଇଁଛ ଚୋରା ଚାଲାଣ ହେଉଥିବା ବେଳେ୬୦ନଂ ଜାତୀୟ ଜଳେଶ୍ୱର ନିକଟ ରାଜପଥ ସୁବର୍ଣ୍ଣରେଖା ପୋଲ ନିକଟରୁ ସେସବୁ ଉଦ୍ଧାର କରାଯାଇଛି । ଏହାର ବ୍ୟବସାୟୀକୁ ବନବିଭାଗ ଅଟକ ରଖି ପଚାରାଉଚରା କରୁଥିବା ବେଳେ ତାର ନାମ ପ୍ରକାଶ କରିନାହିଁ। ଏଭଳି ଚୋରା ଚାଲାଣ ରୋକିବାକୁ ସାଧାରଣରେ ଦାବି ହେଉଛି ।

## ମାର୍ଚ୍ଚ ୩୧ ପୂର୍ବରୁ ରତ୍ନଚିରା ନଦୀ ଉପରେ ନିର୍ମିତ ସେତୁ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୪/୧୦(ନି.ପ୍ର): ପୁରୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଭିତିଭୂମି ବିକାଶ କାର୍ଯ୍ୟକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଶ୍ରୀ ସିଂ କାଂଟିକୁ ସଂଯୋଗ କରୁଥିବା ୨୦୩ ଜାତୀୟ ରାଜପଥରେ ଭାର୍ଗବୀ ନଦୀ ଉପରେ ଥିବା ହାଇଲେବୁଲ୍ ସେତୁ ଏବଂ ନରସିଂହପୁର-ସିରୁଲି ରାସ୍ତାର ଚଷାପଡ଼ା ନିକଟବର୍ତୀ ରତ୍ନଚିରା ନଦୀ ଉପରିସ୍ଥ ସେତୁ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। କାଂଟିକୁ ସଂଯୋଗ କରୁଥିବା ୨୦୩ ଜାତୀୟ ରାଜପଥର ଭାର୍ଗବୀ ନଦୀ ଉପରେ ହାଇଲେଭେଲ୍ ସେତୁ ନିର୍ମାଣ ନିମନ୍ତେ ୫.୧୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଏହି ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବାବେଳେ ସେତୁ ସହ ରାସ୍ତା ସଂଯୋଗୀକରଣ କାର୍ଯ୍ୟ ବାକି ରହିଛି। ତୁରନ୍ତ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ କରି ଆସନ୍ତା ବର୍ଷ ୩୧ ମାର୍ଚ୍ଚ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଛନ୍ତି । ଏହି ସେତୁ ନିର୍ମାଣ ହେଲେ ୧୬ଟି ଗ୍ରାମର ୧୨ ହଜାର ଲୋକ ଉପକୃତ ହେବେ। ସେହିପରି ନରସିଂହପୁର-ସିରୁଲି ରାସ୍ତାର ଚଷାପଡ଼ାଠାରେ ରତ୍ନଚିରା ନଦୀ ଉପରେ ନିର୍ମିତ ଅନ୍ୟ ଏକ ସେତୁ କାର୍ଯ୍ୟର ମଧ୍ୟ ସେ ସମୀକ୍ଷା କରିଛନ୍ତି। ଏହି ସେତୁ ନିର୍ମାଣ କାର୍ଯ୍ୟରେ ୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ପ୍ରକାଶ ଥାଉକି ଏହି ସେତୁ ନିର୍ମିତ ହେଲେ ୧୮ ଜିଲ୍ଲାର ୧୪ ହଜାର ଲୋକ ଉପକୃତ ହେବେ । ଏହି ପରିଦର୍ଶନ ସମୟରେ ରାଜ୍ୟ ଗ୍ରାମ୍ୟ ନିର୍ମାଣ ଓ ସେତୁ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ପ୍ରଦୀପ ସାମଲ ଏବଂ ମୁଖ୍ୟଯନ୍ତ୍ରୀ ଇଂ. ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନ

ଜୟପୁର,୧୪/୧୦(ନି.ପ୍ର): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ବାଚନ ନେଇ ନାମାଙ୍କନ ପତ୍ର ଦାଖଲ ପରେ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା । ସେହି ଅନୁଯାୟୀ ନିର୍ଦ୍ଦେଶକ ପଦବି ପାଇଁ ପ୍ରାର୍ଥୀ ରହିଥିବା ୩୭ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୧ ଜଣ ପ୍ରାର୍ଥୀ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି । ୧୫ଟି ଜୋନରୁ ୩ଟି ଜୋନରୁ ପ୍ରାର୍ଥୀ ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ମାଲକାନଗିରି, ନବରଙ୍ଗପୁର ଓ ରାୟଗଡା ଜିଲାର ଗୋଟିଏ ଲେଖାଏ ନିର୍ଦ୍ଦେଶକ ନିଦ୍ୱନ୍ଦରେ ବିଜୟ ହୋଇଥିବା ଜଣାଯାଇଛି। ମଇଦାନରେ ୩୭ ଜଣ ପ୍ରାର୍ଥି ରହିଥିଲେ। ଆଜି ୧୧ ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିବା ବେଳେ ମୋଟ ୨୬ ଜଣ ପ୍ରାର୍ଥି ମଇଦାନ ରେ ଅଛନ୍ତି। ୧୫ଟି ଜୋନ ଲାଗି ନିର୍ଦ୍ଦେଶକ ପ୍ରାର୍ଥୀ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ୧୫ଟି ଜୋନରେ ୪୬ ଜଣ ପ୍ରାର୍ଥି ନାମାଙ୍କନ ପତ୍ର ଦାଖଲ କରିଥିଲେ। ୧୧ ତାରିଖରେ ଅଭିଯୋଗର ଶୁଣାଣି ହୋଇଥିବା ବେଳେ ୧୨ ତାରିଖରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ୧୪ ରେ ପ୍ରାର୍ଥି ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାର ଦିନ ଥିଲା। ୧୫ ତାରିଖରେ ଚୁଡାନ୍ତ ପ୍ରାର୍ଥି ତାଲିକା ପ୍ରକାଶ ପାଇବ ଓ ୩୦ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ତଥା ଜୟପୁର ଉପ ଜିଲାପାଳ ବେଦବର ପ୍ରଧାନ ସୂଚନା ଦେଇଛନ୍ତି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo